(ପୃଷ୍ଠା-୧୨+୮) 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୯/୨୦୨୧ (୧୨+୮=୨୦ ପୃଷ୍ଠା) Bhubaneswar, Thursday, December 9/2021 ★★★★★★

୪୮ଶ ଭାଗ ୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




## ସମାଜରେ ପରିବର୍ତ୍ତନ ଆଣୁଛନ୍ତି ଅଭିନେତ୍ରୀ

ବଲିଉଡ୍ ଅଭିନେତ୍ରୀ ନିଜଠାରୁ କମ୍ ବୟସର ପୁଅଙ୍କୁ ବିବାହ କରିବା ଯୋଗୁ ଲିଙ୍ଗଗତ ଚିନ୍ତାଧାରାରେ ପରିବର୍ତ୍ତନ ଆଣିପାରିଛନ୍ତି ବୋଲି କହିଛନ୍ତି କଙ୍ଗନା। ୦୫

୧୨

## ରୋହିତ ଦିନିକିଆ ଅଧିନାୟକ

ବିରାଟ କୋହଲିଙ୍କ ସ୍ଥାନରେ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି ରୋହିତ ଶର୍ମା।



# ସୁଧ ହାର ଅପରିବର୍ତ୍ତିତ

**ମୁମ୍ବାଇ, ୮।୧୨(ପି.ଟି.)**



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) କ୍ରମାଗତ ୯ମ ଥର ପାଇଁ ସୁଧ ହାର ୪%ରେ ଅପରିବର୍ତ୍ତିତ ରଖିଛି। ମୁଦ୍ରାସ୍ଫୀତି ବଜାୟ ରଖିବା ସହ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଚିତ୍ ଆଭିମୁଖ୍ୟ ଜାରି ରଖିବାକୁ ମଧ୍ୟ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଅର୍ଥନୀତି ଉପରେ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ଭୟାବହତାର ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମୁଦ୍ରାନୀତି କମିଟି(ଏମ୍‌ପିସି)ର ୬ଜଣିଆ ସଦସ୍ୟଙ୍କୁ ନେଇ ବସିଥିବା ବୈଠକରେ ସର୍ବସମ୍ମତି କ୍ରମେ ବେଞ୍ଚମାର୍କ ରିଭର୍ସ ରେପୋ ରେଟକୁ ୪%ରେ ରଖାଯାଇଛି। ଏଥିସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ନଜରରେ ରଖି ଏହି ନୀତିକୁ ଯଥା ସମ୍ଭବ ବଜାୟ ରଖିବାକୁ ୫-୧ ମତରେ ସ୍ଥିର କରାଯାଇଛି। ସେହିପରି ରିଭର୍ସ ରେପୋ ରେଟ୍(ବ୍ୟାଙ୍କରୁ ଆର୍‌ବିଆଇ ଆଣୁଥିବା କରଜ)କୁ ମଧ୍ୟ ୩.୫%ରେ ଅପରିବର୍ତ୍ତିତ ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୯.୫%ରେ ଅପରିବର୍ତ୍ତିତ ଏବଂ ମୁଦ୍ରାସ୍ଫୀତିକୁ ୩.୫%ରେ ରହିବ ବୋଲି ମଧ୍ୟ ଆକଳନ କରାଯାଇଛି।

କୋଭିଡ୍ ପୂର୍ବବର୍ତ୍ତୀ ସ୍ଥିତି ଅନୁସାରେ ବର୍ତ୍ତମାନର ଅର୍ଥନୀତି ସ୍ଥିତି ଦୁର୍ବଳ ରହିଛି। ଏଥିରେ ସୁଧାର ଆଣିବା ପାଇଁ ବିଶେଷ ଚେଷ୍ଟା କରାଯାଉଛି। ବିଶେଷକରି ଘରୋଇ ବ୍ୟବହାରକୁ ଚଳଚଞ୍ଚଳ କରିବାକୁ ଚେଷ୍ଟା କରାଯାଉଛି। ଦୀର୍ଘସ୍ଥାୟୀ ଏବଂ ବ୍ୟାପକ ପୁନିରୁଦ୍ଧାର ପାଇଁ ସହଯୋଗୀ ନୀତି ଉପରେ ଗୁରୁତ୍ୱ ଦିଆଯାଉଛି। ଉଚିତ୍ ସମୟରେ ଠିକ୍ ପଦକ୍ଷେପ ନେବା ଆମର ଲକ୍ଷ୍ୟ ବୋଲି ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି। କରୋନା ପ୍ରଭାବରୁ ମାର୍ଚ୍ଚ ୨୦୨୦ ପରଠାରୁ ରେପୋ ରେଟ୍‌ରେ ୧୧୫ ବେସିକ୍ ପଏଣ୍ଟ ହ୍ରାସ ପାଇଛି। ମୁଦ୍ରାସ୍ଫୀତିକୁ ଲକ୍ଷ୍ୟରେ ରଖି ପେଟ୍ରୋଲ୍ ଓ ଡିଜେଲ ଉପରେ ଏକ୍ସାଇଜ ଟ୍ୟାକ୍ସ ହ୍ରାସ ଏବଂ ଖାଦ୍ୟ ସାମଗ୍ରୀ ଯଥା ଖାଇବା ତେଲ ଏବଂ ଡାଲି ଜାତୀୟ ପଦାର୍ଥର ମୂଲ୍ୟ ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କ ପଦକ୍ଷେପ କେନ୍ଦ୍ରୀୟ ବ୍ୟାଙ୍କକୁ ବିଶେଷ ସହାୟକ ହୋଇଛି। ଶେଷ ଥର ପାଇଁ ୨୦୨୦ ମେ ୨୨ରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ନୀତିରେ ପରିବର୍ତ୍ତନ ଆଣିଥିଲା। କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ(ସିପିଆଇ) ଅନୁସାରେ ଖୁଚୁରା ମୁଦ୍ରାସ୍ଫୀତିକୁ ୪%(ଉଭୟ ପଟରୁ ୨ % ମାର୍ଜିନ)ରେ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଆର୍‌ବିଆଇକୁ କେନ୍ଦ୍ର ସରକାର କହିଥିଲେ। ସେହି ଅନୁସାରେ ମୁଦ୍ରାସ୍ଫୀତିକୁ ଲକ୍ଷ୍ୟରେ ରଖି ଆର୍‌ବିଆଇ ମଧ୍ୟ ଗତ ଅଗଷ୍ଟରେ ଏହାର ମୁଦ୍ରା ନୀତି ସମୀକ୍ଷାକୁ ମଧ୍ୟ ଅପରିବର୍ତ୍ତିତ ରଖିଥିଲା।

# ସିଡିଏସ୍‌ଙ୍କ ସମେତ ୧୩ ମୃତ

## ଖସିପଡ଼ିଲା ବାୟୁସେନା ହେଲିକପ୍ଟର



ଦୁର୍ଘଟଣାସ୍ଥଳରେ ଚାଲିଥିବା ଉଦ୍ଧାର କାର୍ଯ୍ୟ ।



ବିପିନ ରାୱତ୍

**ନୂଆଦିଲ୍ଲୀ/ଚେନ୍ନାଇ,୮।୧୨**

ଦେଶବାସୀଙ୍କୁ ସ୍ତବ୍ଧ କରିଦେବା ଭଳି ଏକ ଦୁଃଖଦ ଘଟଣା ଘଟିଛି ବୁଧବାର। ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ ଓ ତାଙ୍କ ସ୍ତ୍ରୀ ମଧୁଲିକା ରାୱତ୍‌ଙ୍କ ସମେତ ଅନ୍ୟ ୧୨ ଜଣଙ୍କୁ ନେଇ ଯାଉଥିବା ଭାରତୀୟ ବାୟୁସେନା(ଆଇଏଏଫ୍)ର ଏକ ହେଲିକପ୍ଟର ତାମିଲନାଡୁର କୁନ୍ନୁର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏମ୍‌ଆଇ-୧୭ଭି୫ରେ ନିଆଁ ଲାଗିଯାଇଥିବାରୁ ସମସ୍ତଙ୍କ ଶରୀରର ୮୫ରୁ ୯୦ ଭାଗ ଜଳିଯାଇଛି। ଫଳରେ ସିଡିଏସ୍‌ଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ସୌଭାଗ୍ୟକ୍ରମେ ଗ୍ରୁପ୍ କ୍ୟାପ୍ଟେନ୍ ବରୁଣ ସିଂ ବର୍ତ୍ତିଯାଇଛନ୍ତି। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇନାହିଁ। ଆଇଏଏଫ୍ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ୬୩ ବର୍ଷୀୟ ଜେନେରାଲ ବିପିନ ରାୱତ୍ ୨୦୧୯ ଡିସେମ୍ବର ୩୧ରେ ଭାରତର ୨୬ତମ ସ୍ଥଳସେନା ମୁଖ୍ୟ ପଦରୁ ଅବସର ନେବାର ଦିନକ ପରେ ପ୍ରଥମ ସିଡିଏସ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରତିରକ୍ଷା ବଳର ଆଧୁନିକୀକରଣରେ ମୁଖ୍ୟ ଭୂମିକା ନେଇଥିବା ରାୱତ୍ ବୁଧବାର ସକାଳେ ତାଙ୍କ ସ୍ତ୍ରୀ ଓ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀମାନଙ୍କ ସହ ତାମିଲନାଡୁର ନୀଳଗିରି ପର୍ବତମାଳା ☞ପୃଷ୍ଠା-୪



“ସିଡିଏସ୍ ଜେନେରାଲ ବିପିନ ରାୱତ୍ ଜଣେ ଅତୁଳନୀୟ ଯୋଦ୍ଧା ଥିଲେ। ଜଣେ ପ୍ରକୃତ ଦେଶଭକ୍ତ ଭାବେ ସଶସ୍ତ୍ର ବଳର ଆଧୁନିକୀକରଣ କ୍ଷେତ୍ରରେ ତାଙ୍କ ଅବଦାନ ଦେଶବାସୀଙ୍କ ପାଇଁ ସ୍ମରଣୀୟ ହୋଇରହିବ। ରାୱତ୍‌ଙ୍କ ପରଲୋକରେ ଗଭୀର ମର୍ମାହତ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



“ହେଲିକପ୍ଟର ଦୁର୍ଘଟଣାରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ବିପିନ ରାୱତଙ୍କ ସମେତ ୧୩ ଜଣଙ୍କର ପ୍ରାଣହାନି ଅତ୍ୟନ୍ତ ଦୁଃଖଦାୟକ। ସିଡିଏସ୍ ରାୱତଙ୍କ ପ୍ରାଣହାନି ଦେଶ ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

**-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**




# ପୁନର୍ବିଚାର ଆବେଦନକୁ ଖାରଜ କଲେ ଏଡିଜେ

## ମାହାଙ୍ଗା ଡବଲ ମର୍ଡର ଘଟଣା

**ନିଶ୍ଚିନ୍ତକୋଇଲି/ସାଲେପୁର, ୮।୧୨(ସ୍ୱ.ପ୍ର/ଡି.ଏନ୍.ଏ.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ପୋଲିସକୁ ଲାଗିଛି ଝଟ୍‌କା। ହତ୍ୟା ଘଟଣାର ସାନି ତଦନ୍ତ ରିପୋର୍ଟ ଏବଂ ସିଡିଆର୍ ଦାଖଲ ସହ ମାହାଙ୍ଗା ଆଇଆଇସିଙ୍କୁ ନୋଟିସ ଜାରି ନେଇ ସାଲେପୁର ବିଚାରବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍‌ଏଫ୍‌ସି) କରିଥିବା ନିର୍ଦ୍ଦେଶ ବିରୋଧରେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)ଙ୍କ ନିକଟରେ ହୋଇଥିବା ପୁନର୍ବିଚାର ଆବେଦନ ବୁଧବାର ଖାରଜ ହୋଇଛି। ଆବେଦନ ଖାରଜ ପରେ ପୋଲିସ ପାଇଁ ଅଡୁଆ ବଢିଥିବାବେଳେ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାପଡ଼ିଛି। ତେବେ ଏହି ମାମଲାରେ ମାହାଙ୍ଗା ଆଇଆଇସି ରିପୋର୍ଟ ଦେବାରେ କାହିଁକି ଦିନ ଗଡ଼ାଉଛନ୍ତି, ତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

ପ୍ରକାଶ ଯେ, ଜାନୁୟାରୀ ୨ ତାରିଖରେ ମାହାଙ୍ଗା ଥାନା ନୃଆଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳକୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ତାଲିକାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ରହିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ ଦାୟର କରିଥିଲେ। ଉକ୍ତ ପିଟିଶନ ଶୁଣାଣି କରି ଅଗଷ୍ଟ ୨୬ ତାରିଖରେ ସାନି ତଦନ୍ତ ରିପୋର୍ଟ ଦାଖଲ ପାଇଁ ମାହାଙ୍ଗା ଥାନା ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଥାନା ଅଧିକାରୀ ରିପୋର୍ଟ ଦାଖଲ କରିବା ପରିବର୍ତ୍ତେ ବାରମ୍ବାର ସମୟ ନେଇଥିଲେ। ଏପରିକି ବ୍ୟକ୍ତିଗତ ହାଜିରା ପାଇଁ ହୋଇଥିବା ନିର୍ଦ୍ଦେଶକୁ ପାଳନ କରି ନ ଥିଲେ। ଫଳରେ ଗତ ୪ତାରିଖରେ ଜେଏମ୍‌ଏଫ୍‌ସି ପୁନଃ ତଦନ୍ତ ରିପୋର୍ଟ ଓ ସିଡିଆର ଆସନ୍ତା ୧୦ତାରିଖ ପୂର୍ବାହ୍ନ୧୦.୩୦ ସୁଦ୍ଧା ଦାଖଲ କରିବା ସହ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେନେଇ ମାହାଙ୍ଗା ଆଇଆଇସିଙ୍କୁ ନୋଟିସ ଜାରି କରିଥିଲେ। ତେବେ ଏସ୍‌ପିଙ୍କ ଚିଠି ଓ ମାହାଙ୍ଗା ଥାନା ଅଧିକାରୀଙ୍କ ସତ୍ୟପାଠକୁ ଆଧାରକରି ଜେଏମ୍‌ଏଫ୍‌ସି କୋର୍ଟଙ୍କ ଏହି ଆଦେଶକୁ ପୁନର୍ବିଚାର ନିମନ୍ତେ ସରକାରଙ୍କ ପକ୍ଷରୁ ଆଇନଜୀବୀ ସନ୍ତୋଷ ମୁନ ଏଡିଜେଙ୍କ କୋର୍ଟରେ ୨ଟି ପୃଥକ୍ (ନଂ. ୫/୨୧) ଓ (ନଂ. ୬/୨୧) ରିଭିଜନ ପିଟିଶନ ଦାୟର କରିଥିଲେ। ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି ହୋଇ ରାୟ ସଂରକ୍ଷିତ ଥିଲା। ବୁଧବାର ଉକ୍ତ ୨ ଆବେଦନକୁ ଖାରଜ କରି ଦେଇଛନ୍ତି।

## ଶୋଷରେ ଶିଡ଼ି ଚଢ଼ିଲା ଭାଲୁ

୩

ସୂଚନା: ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ଶନିବାର ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

## ବିକାଶର ସଂଘ

**ଆଜିର ମନ୍ତବ୍ୟ**

“ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବା ବେଳେ କେନ୍ଦ୍ର ସରକାର ଏଥିପ୍ରତି ସମ୍ବେଦନଶୀଳ ନ ହେବା ଏବଂ ସମସ୍ୟାର ଗୁରୁତ୍ୱକୁ ଅଣଦେଖା କରିବାର କାରଣ ବୁଝିପାରୁନାହିଁ।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**

# କମୁଛି କୋଭିଡ୍ ଟିକା ଚାହିଦା

## ବୁଷ୍ଟର ପାଇଁ ଭାରତୀୟ ଭାକ୍ସିନ୍ କମ୍ପାନୀଙ୍କ ଲବି

**ନୂଆଦିଲ୍ଲୀ, ୮।୧୨**

କୋଭିଡ୍ ଟିକା ଯୋଗାଣ ତୁଳନାରେ ଚାହିଦା କମିଗଲାଣି। ତେଣୁ ବୁଷ୍ଟର ଡୋଜ୍ ପ୍ରସ୍ତୁତି ପାଇଁ ଅନୁମତି ପ୍ରଦାନ ନିମନ୍ତେ ଭାରତୀୟ ଭାକ୍ସିନ୍ ନିର୍ମାତାମାନେ ସରକାରଙ୍କ ନିକଟରେ ଲବି କରୁଥିବା ଜଣାପଡ଼ିଛି। ରୁଷିଆର ସ୍ପୁଟ୍‌ନିକ ଟିକା ପ୍ରସ୍ତୁତ କରୁଥିବା ଏକ କମ୍ପାନୀ ୧୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ପ୍ରସ୍ତୁତି ଯୋଜନାକୁ ସ୍ଥଗିତ ରଖିଥିବା କହିଛି। ବିଶ୍ୱର ସର୍ବାଧିକ ଟିକା ଉତ୍ପାଦନକାରୀ କମ୍ପାନୀ ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍‌ଆଇଆଇ) ଏବଂ ସ୍ପୁଟ୍‌ନିକର ଭାରତୀୟ ବିତରକ ଥିବା ଡ. ରେଡ୍ଡିସ୍ ଲାବରେଟୋରି ବୁଷ୍ଟର ଡୋଜ୍ ପାଇଁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିବା କହିଛନ୍ତି।

ଦେଶର ୯୪.୪ କୋଟି ସାବାଳକଙ୍କୁ ସମ୍ପୂର୍ଣ୍ଣ ଟିକାଦାନ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଭାରତରେ ବୁଷ୍ଟର ଡୋଜ୍ ଆବଶ୍ୟକ କି ନାହିଁ ତାହା ଉପରେ ଇମ୍ୟୁନାଇଜେଶନ ବିଶେଷଜ୍ଞମାନେ ଅନୁଧ୍ୟାନ ଚଳାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଦେଶର ସାବାଳକ ଜନସଂଖ୍ୟାର ୫୦%ରୁ ଅଧିକ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିବାବେଳେ ୮୬ ପ୍ରତିଶତ ଅନ୍ୟୂନ ଗୋଟିଏ ଡୋଜ୍ ନେଇଛନ୍ତି। ଦେଶରେ ମୋଟ ୧୩୦ କୋଟି ଡୋଜ୍ ଟିକା ଦିଆଗଲାଣି। ସେଥିରୁ ପାଖାପାଖି ୯୦ ପ୍ରତିଶତ ହେଉଛି ସିଆଇଆଇ ପ୍ରସ୍ତୁତ କୋଭିଶିଲ୍ଡ। ଅଧିକାଂଶ ସାବାଳକଙ୍କୁ ସମ୍ପୂର୍ଣ୍ଣ ଟିକାକରଣ ଲାଗି ସରକାର ମୋଟ ୧୭୦ କୋଟି ଡୋଜ୍ ଚାହୁଁଛନ୍ତି। ସରକାରଙ୍କ ଅର୍ଡରର ବକେୟା ଡୋଜ୍ ଆସନ୍ତା ସପ୍ତାହ ସୁଦ୍ଧା ପ୍ରସ୍ତୁତ କରିଦେବାକୁ ଏସ୍‌ଆଇଆଇ ଯୋଜନା କରିଛି। ଚାହିଦା କମୁଥିବାରୁ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହାର ମାସିକ କୋଭିଶିଲ୍ଡ ଉତ୍ପାଦନ ଅଧା କମାଇ ଦେବାକୁ ଯୋଜନା କରିଥିବା କହିଛି।

ସ୍ପୁଟ୍‌ନିକ-ଭି ଟିକାର ପାଖାପାଖି ୧୦୦ କୋଟି ଡୋଜ୍ ପ୍ରସ୍ତୁତି ଲାଗି ରୁଷିଆ ସରକାରଙ୍କ ଅର୍ଥ ଲଗାଣକାରୀ ସଂସ୍ଥା ଆର୍‌ଡିଆଇଏଫ୍ ଏସ୍‌ଆଇଆଇ ସମେତ ୭ ଭାରତୀୟ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହା ଭାରତରେ ବ୍ୟବହାର ହେବା ସହ ବିଦେଶକୁ ରପ୍ତାନି ହୋଇଥାନ୍ତା। ତେବେ ସରକାରୀ ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଭାରତରେ ମାତ୍ର ୧୨ ଲକ୍ଷ ସ୍ପୁଟ୍‌ନିକ-ଭି ଡୋଜ୍ ବ୍ୟବହାର ହୋଇଛି। ରୁଷିଆରୁ ଆମଦାନି ହୋଇ ଭାରତରେ ବଟଲିଂ ହୋଇଥିବା ପ୍ରାୟ ୪ ନିୟୁତ ଡୋଜ୍ ବିଦେଶକୁ ରପ୍ତାନି ହୋଇଛି। ବୁଷ୍ଟର ଡୋଜ୍ ପାଇଁ ଅନୁମତି ଦେବା ନିମନ୍ତେ ଆମେ ଦେଶର ଔଷଧ ନିୟନ୍ତ୍ରକ ସଂସ୍ଥା ସହ କଥାବାର୍ତ୍ତା ଚଳାଇଛୁ ବୋଲି ଡ. ରେଡ୍ଡିସ୍ କମ୍ପାନୀର ପରିଚାଳନା ☞ପୃଷ୍ଠା-୪



# ୫୭ ଦେଶକୁ ବ୍ୟାପିଲା ଓମିକ୍ରନ୍

**ଜେନେଭା, ୮।୧୨**

କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ୫୭ ଦେଶକୁ ବ୍ୟାପିଲାଣି। ସଂକ୍ରମଣ ବଢ଼ୁଥିବାରୁ ରୋଗୀମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ଜରୁରୀ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ବୁଧବାର କୁହାଯାଇଛି। ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ କେତେ ଗୁରୁତର ଏବଂ ଟିକା ଦ୍ୱାରା ସୃଷ୍ଟ ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରୁଛି କି ନାହିଁ, ତାହା ଜାଣିବା ପାଇଁ ଅଧିକ ତଥ୍ୟର ଆବଶ୍ୟକତା ରହିଥିବା ଡବ୍ଲ୍ୟୁଏଚ୍‌ଓର ସାପ୍ତାହିକ ରିପୋର୍ଟରେ କୁହାଯାଇଛି। ଯଦିଓ ଏହା ଡେଲ୍ଟା ଭାରିଆଣ୍ଟ ତୁଳନାରେ ଓମିକ୍ରନ୍ ସଂକ୍ରମିତ ଅଧିକ ଗୁରୁତର ହେଉନାହାନ୍ତି, ତେବେ ସଂକ୍ରମଣ ବଢ଼ିଲେ ହସ୍ପିଟାଲରେ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍‌ର ନୂଆ ଭାରିଆଣ୍ଟକୁ ନଭେମ୍ବର ୨୬ରେ ଡବ୍ଲ୍ୟୁଏଚ୍‌ଓ ଓମିକ୍ରନ୍ ଭାବେ ନାମିତ କରିଥିଲା।

# ଓମିକ୍ରନ୍ ସଂକ୍ରମିତ ଦେଶରୁ ଫେରିଥିବା ୪ଜଣ ପଜିଟିଭ୍

- ଆତଙ୍କିତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ
- ଠାବ କରିବାକୁ ଗାଁ ଗାଁ ବୁଲୁଛନ୍ତି ସ୍ୱାସ୍ଥ୍ୟକର୍ମୀ
- ଶିଶୁଙ୍କ ପାଇଁ ଆଇସିୟୁ ବ୍ୟବସ୍ଥା କରାଯାଉଛି

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**



ଓମିକ୍ରନ୍ ସଂକ୍ରମଣ ଆରମ୍ଭ ହେବାଠାରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଓମିକ୍ରନ ରିସ୍କ ବା ଆଟ୍ ରିସ୍କ ଦେଶରୁ ଓଡ଼ିଶାକୁ ୯୮୨ ଜଣ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ସେମାନେ ସୁସ୍ଥ ଅଛନ୍ତି ଓ ଏକାନ୍ତବାସରେ ରହିଛନ୍ତି ବୋଲି ବୁଧବାର ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଦେଶ ଫେରାନ୍ତଙ୍କୁ ନେଇ ଆତଙ୍କିତ ହୁଅନ୍ତୁ ନାହିଁ। ସେମାନେ ଫେରାର ନାହାନ୍ତି। କେତେଜଣ ଫୋନ୍ ଉଠାଉ ନାହାନ୍ତି। ଆମ ସ୍ୱାସ୍ଥ୍ୟକର୍ମୀ ଗାଁ ଗାଁ ବୁଲି ସେମାନଙ୍କୁ ଟ୍ରେସ୍ ବା ଠାବ କରିବା କାମରେ ଲାଗିଛନ୍ତି। ଯଦି ତୃତୀୟ ଲହର ଆସେ, ରାଜ୍ୟ ସରକାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଥମ ଓ ଦ୍ୱିତୀୟ ଲହରରୁ ରାଜ୍ୟ ଅନେକ କିଛି ଶିକ୍ଷା ପାଇଛି ବୋଲି ଡା. ମିଶ୍ର କହିଛନ୍ତି। ଓମିକ୍ରନ୍‌ର ଭୟାବହତାକୁ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ☞ପୃଷ୍ଠା-୪

ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଗ୍ରୁପ୍ କ୍ୟାପ୍ଟେନ୍ ବରୁଣ ସିଂ ଗୁରୁତର ଅବସ୍ଥାରେ ୱେଲିଂଟନ୍ ମିଲିଟାରି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କ୍ୟାପ୍ଟେନ୍ ସିଂଙ୍କୁ ସାମରିକ ହେଲିକପ୍ଟରର ସର୍ବୋତ୍ତମ ପାଇଲଟ ବିବେଚନା କରାଯାଏ। ୨୦୨୦ ଅକ୍ଟୋବରରେ ଲାଇଟ୍ କମ୍ବାଟ୍ ବିମାନ ତେଜସ୍‌ର ଜରୁରିକାଳୀନ ଅବତରଣବେଳେ ଉପସ୍ଥିତ ବୁଦ୍ଧି ଖଟାଇ ବଡ଼ ଦୁର୍ଘଟଣାକୁ ଏଡ଼ାଇପାରିଥିବାରୁ ତାଙ୍କୁ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ଶୌର୍ଯ୍ୟ ଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।



# ପଲିଟିକାଲ୍ ଜେନେରାଲ



ଭାରତୀୟ ସ୍ଥଳସେନାର ପୂର୍ବତନ ମୁଖ୍ୟ ଜେନେରାଲ ବିପିନ ରାୱତ୍‌ଙ୍କୁ ଅବସର ପରେ ତତ୍କାଳ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତ କରାଯାଇଥିଲା। ସେ ପ୍ରତ୍ୟକ୍ଷ ଭାବେ କୌଣସି ଯୁଦ୍ଧ ଲଢ଼ି ନ ଥିଲେ ହେଁ ତିନି ସଶସ୍ତ୍ର ବାହିନୀର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବାର ସୁଯୋଗ ପାଇଥିଲେ। ଦୁଇଜଣ ସେନା ଅଧିକାରୀଙ୍କ ବରିଷ୍ଠତାକୁ ଅଣଦେଖା କରି ତାଙ୍କୁ ମିଳିଥିବା ନିଯୁକ୍ତି ପଛରେ ରାଜନୈତିକ ପୃଷ୍ଠପୋଷକତା କାମ କରିଥିବା ବିବେଚନା କରାଯାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଘନିଷ୍ଠତା ଓ ଭାଜପାକୁ ସୁହାଇଲା ଭଳି ମନ୍ତବ୍ୟ ଦେଇ ରାୱତ୍ ଅନେକ ସମୟରେ ବିବାଦୀୟ ହୋଇଥିଲେ। ସେନାରେ ଥିବା ପଦାଧିକାରୀମାନେ କୌଣସି ରାଜନୈତିକ ମନ୍ତବ୍ୟ ଦେଇପାରିବେ ନାହିଁ ବୋଲି ଆର୍ମି ରୁଲ୍ସ, ୧୯୫୪ର ଚାପ୍ଟର ୪ରେ ବାରଣ କରାଯାଇଛି। ଏହାସତ୍ତ୍ୱେ ଜେନେରାଲ ରାୱତ୍ ତାଙ୍କ ୪୨ ବର୍ଷର କ୍ୟାରିୟରରେ ଅନେକ ରାଜନୈତିକ ମନ୍ତବ୍ୟ ଦେଇ ବିରୋଧୀଙ୍କ ସମାଲୋଚନାର ଶିକାର ହୋଇଥିଲେ। ଏପରି କି ପଡ଼ୋଶୀ ପାକିସ୍ତାନ, ଚାଇନା ଓ ମ୍ୟାନ୍‌ମାର ବିରୋଧରେ ରାୱତ୍‌ଙ୍କ ମନ୍ତବ୍ୟ ତାଙ୍କୁ ବିବାଦ ଘେରକୁ ଟାଣିନେଇଥିଲା। ଏସବୁକୁ ଅନୁଧ୍ୟାନ କଲେ ସ୍ୱର୍ଗତ ରାୱତ୍ ଜଣେ ପଲିଟିକାଲ ଜେନେରାଲ ଥିଲେ ବୋଲି ମନେହୁଏ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିପିନ ରାୱତ୍।

## ବିବାଦରେ ବିପିନ ରାୱତ୍

➲୨୦୧୯ ଡିସେମ୍ବର ୨୬ରେ ଜେନେରାଲ ବିପିନ ରାୱତ୍ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧୀ ବିକ୍ଷୋଭକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ନୂଆଦିଲ୍ଲୀରେ ଆୟୋଜିତ ହେଲ୍‌ଥ କେୟାର ସମିଟ୍‌ରେ ସେ କହିଥିଲେ, ବିଶ୍ୱବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରମାନଙ୍କୁ ଅନୁପଯୁକ୍ତ ଦିଗକୁ ଟାଣିନିଆଯାଉଛି। ହିଂସା ଓ ଦଙ୍ଗା ଭିଆଇବା ଭଳି ଭୁଲ୍ ବାଟକୁ ନେଉଥିବା ଲୋକଙ୍କୁ ନେତା କୁହାଯାଇପାରିବ ନାହିଁ।

➲୨୦୧୯ ଅକ୍ଟୋବରରେ ରାୱତ୍ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଆତଙ୍କବାଦୀଙ୍କ ଦ୍ୱାରା ନିୟନ୍ତ୍ରିତ କହି ବିବାଦୀୟ ହୋଇଥିଲେ। ନୂଆଦିଲ୍ଲୀରେ ସେ କହିଥିଲେ, ପିଓକେକୁ ପାକିସ୍ତାନ ସରକାର ନିୟନ୍ତ୍ରଣ କରୁନାହାନ୍ତି, ବରଂ ଏହା ଉପରେ ସେହି ଦେଶର ଆତଙ୍କବାଦୀଙ୍କ କର୍ତ୍ତୃତ୍ୱ ରହିଛି। ରାୱତ୍ ବାରମ୍ବାର ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେଉଥିବା ଦର୍ଶାଇ ପାକିସ୍ତାନୀ ସେନାର ତତ୍କାଳୀନ ମୁଖପାତ୍ର ମେଜର ଆସିଫ ଗଫୁର ଭାରତୀୟ ସେନାକୁ ଟାର୍ଗେଟ କରିଥିଲେ।

➲୨୦୧୯ ସେପ୍ଟେମ୍ବରରେ ଚେନ୍ନାଇର ଅଫିସର୍ସ ଟ୍ରେନିଂ ଏକାଡେମୀରେ ରାୱତ୍ କହିଥିଲେ, ଜମ୍ମୁ-କଶ୍ମୀରରେ ସେନା ପକ୍ଷରୁ ଦମନଲୀଳା ଚାଲିନାହିଁ। ଆତଙ୍କବାଦୀମାନେ ଉପତ୍ୟକାରେ ଆତଙ୍କ ଓ ଅରାଜକତା ସୃଷ୍ଟି କରୁଛନ୍ତି। ସେମାନେ କଶ୍ମୀର ଓ ଅବଶିଷ୍ଟ ଭାରତର ଲୋକଙ୍କୁ ନେଇ ଏକ ତୁଳନାତ୍ମକ ଚିତ୍ର ଆଙ୍କିବାକୁ ଚାହୁଁଛନ୍ତି, ଯାହାକି ବାସ୍ତବତାଠାରୁ ବହୁ ଦୂରରେ।

➲୨୦୧୮ ଫେବୃୟାରୀରେ ଜେନେରାଲ ନର୍ଥ ଇଷ୍ଟ ରିଜନ୍ ଅଫ୍ ଇଣ୍ଡିଆ ଶୀର୍ଷକ ଏକ ଆଲୋଚନାଚକ୍ରରେ ରାୱତ୍ କହିଥିଲେ, ମୁସଲମାନ ପ୍ରବାସୀମାନଙ୍କ ଯୋଗୁ ଏଆଇୟୁଡିଏଫ୍ ଶକ୍ତି ବୃଦ୍ଧି ଘଟୁଛି। ଆସାମରେ ଏହି ଦଳ ଭାଜପାଠାରୁ ମଧ୍ୟ ଅଧିକ ମଜଭୁତ ହେବାରେ ଲାଗିଛି। ପାକିସ୍ତାନ ଓ ଚାଇନା ବାଂଲାଦେଶୀ ଶରଣାର୍ଥୀମାନଙ୍କୁ ଉତ୍ତର-ପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ପଠାଉଛନ୍ତି। ସେତେବେଳେ ରାୱତ୍‌ଙ୍କ ଏହି ମନ୍ତବ୍ୟ ପାଇଁ ସେନାକୁ ସାଲ୍ୟୁଟ୍ କରାଯିବା ଉଚିତ ବୋଲି ଭାଜପା ପ୍ରଶଂସା କରିଥିଲା। ଏଆଇୟୁଡିଏଫ୍ ମୁଖ୍ୟ ବଦ୍‌ରୁଦ୍ଦିନ ଅଜ୍‌ମଲ ଓ ଅନ୍ୟ ବିରୋଧୀ ନେତାମାନେ ରାୱତ୍‌ଙ୍କୁ ସମାଲୋଚନା କରିଥିଲେ।

➲୨୦୧୮ ଜାନୁୟାରୀରେ ସ୍ଥଳସେନା ମୁଖ୍ୟ ଜେନେରାଲ ରାୱତ୍ କହିଥିଲେ, ଡୋକ୍‌ଲାମ୍ ହେଉଛି ଭୁଟାନ ଓ ଚାଇନା ମଧ୍ୟରେ ଏକ ବିବାଦୀୟ ଅଞ୍ଚଳ। ତେଣୁ ସେନାକୁ ଏବେ ପାକିସ୍ତାନ ସଂଲଗ୍ନ ଏଲ୍‌ଓସିରୁ ଧ୍ୟାନ ହଟାଇ ଚାଇନା ସହ ଲାଗିରହିଥିବା ଏଲ୍‌ଏସି ଉପରେ ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ ଚାଇନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## କିଛି ଅନୁତ୍ତରିତ ପ୍ରଶ୍ନ

ଚେନ୍ନାଇ,୮।୧୨(ଆଇଏଏନ୍‌ଏସ୍)

ଭାରତୀୟ ବାୟୁସେନା ଆଗରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଦେଶର ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ଭଳି ଭିଭିଆଇପିଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟର କିପରି ଦୁର୍ଘଟଣାଗ୍ରସ୍ତ ହେଲା। ଯାତ୍ରା ପୂର୍ବରୁ ଏମ୍‌ଭି-୧୭ଭି୫ର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବା ଜରୁରୀ ଥିଲା। ଏଥିସହ ଏକ ଷ୍ଟାଣ୍ଡବାଏ ହେଲିକପ୍ଟର ମଧ୍ୟ ପ୍ରସ୍ତୁତ ହୋଇ ରହିବା କଥା। ପାଗର ସ୍ଥିତି କିପରି ରହିଛି ତାହା ମଧ୍ୟ ଠିକ୍ ଭାବେ ଯାଞ୍ଚ କରାଯିବା ଆବଶ୍ୟକ ଥିଲା। ଏହି ଘଟଣାରେ ୱେଲିଂଟନର ପାଗ ଯଦି ଖରାପ ଥିଲା ତେବେ ସିଡିଏସ୍‌ଙ୍କ ଗସ୍ତକୁ କାହିଁକି ସ୍ଥଗିତ ରଖାଗଲା ନାହିଁ ବୋଲି ଭାରତୀୟ ବାୟୁସେନାର ଜଣେ ଅଧିକାରୀ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ବୈଷୟିକ ତ୍ରୁଟି କିମ୍ବା ଖରାପ ପାଗ ଯୋଗୁ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥାଇପାରେ। ତାଙ୍କ ହିସାବରେ ଯଦି ସବୁ ସ୍ୱାଭାବିକ ଥିଲା ତେବେ ହେଲିକପ୍ଟର କୁନ୍ନୁର ନିକଟତର ହେବାବେଳକୁ ଏହା କମ୍ ଉଚ୍ଚତାରେ ଉଡୁଥାଇପାରେ ଅଥବା ମେଘ ଯୋଗୁ ପାହାଡ଼ିଆ ଅଞ୍ଚଳକୁ ଚାଲିଯାଇଥାଇପାରେ। ବ୍ଲାକ୍‌ବକ୍ସ ମିଳିଲେ ଦୁର୍ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।



ସ୍ତ୍ରୀ ମଧୁଲିକାଙ୍କ ସହ ବିପିନ ରାୱତ।

## ଏମ୍‌ଆଇ-୧୭ଭି୫ର ବିଶେଷତ୍ୱ



➢ଏମ୍‌ଆଇ-୧୭ଭି୫ ରୁଷିଆରେ ନିର୍ମିତ ଏକ ମିଲିଟାରି ପରିବହନକାରୀ ହେଲିକପ୍ଟର। ଏହାକୁ ସେନା ମୁତୟନ, ଅସ୍ତ୍ରଶସ୍ତ୍ର ପରିବହନ, ଅଗ୍ନି ନିର୍ବାପନ କାର୍ଯ୍ୟ, ପାଟ୍ରୋଲିଂ, ସର୍ଚ୍ଚ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଏ। ବିଶ୍ୱର ସର୍ବୋତ୍ତମ ମିଲିଟାରି ଟ୍ରାନ୍ସପୋର୍ଟ ହେଲିକପ୍ଟର ମଧ୍ୟରେ ଏହା ପରିଗଣିତ। ଏମ୍-ଆଇ ୮ର ଏହା ଉନ୍ନତ ଭର୍ସନ।

➢ଏହି ମିଡିୟମ-ଲିଫ୍ଟର ହେଲିକପ୍ଟର ଯେ କୌଣସି ପ୍ରତିକୂଳ ସ୍ଥିତିର ସାମ୍ନା କରିବାକୁ ସକ୍ଷମ। ଏହା ସମୁଦ୍ର, ମରୁଭୂମି, ପାର୍ବତ୍ୟାଞ୍ଚଳ ଭଳି ଅଞ୍ଚଳରେ ସବୁ ପ୍ରକାର ପାଣିପାଗରେ ଉଡ଼ିପାରେ। ଏଥିରେ ଷ୍ଟାର ବୋର୍ଡ ସ୍ଲାଇଡିଂ ଡୋର, ପାରାଚୁଟ୍, ସର୍ଚ୍ଚ ଲାଇଟ୍, ଜରୁରୀ ସ୍ଥିତିରେ ଭାସମାନ ଅବସ୍ଥାରେ ରହିପାରିବା ଭଳି ବ୍ୟବସ୍ଥା ରହିଛି।

➢ ଏମ୍‌ଆଇ-୧୭ଭି୫ ୧୩ ହଜାର କେଜି ପର୍ଯ୍ୟନ୍ତ ଓଜନ ବୋହିପାରେ ଏବଂ ଏକ ସଙ୍ଗରେ ୩୬ ସଶସ୍ତ୍ର ସୈନ୍ୟଙ୍କୁ ନେଇପାରିବ। ଏହା ଘଣ୍ଟା ପ୍ରତି ୨୫୦ କିଲୋମିଟର ବେଗରେ ୬୦୦୦ ମିଟର ପର୍ଯ୍ୟନ୍ତ ଉଡ଼ିପାରେ। ଗୋଟିଏ ଥରରେ ୫୮୦ କିଲୋମିଟର ଦୂର ଯାଇପାରିବ।

➢ଏଥିରେ ଥିବା ଗ୍ଲାସ୍ କକ୍‌ପିଟ୍‌ରେ ମଲ୍ଟି-ଫଙ୍କସନ୍ ଡିସ୍‌ପ୍ଲେ, ନାଇଟ୍ ଭିଜନ ଉପକରଣ, ପାଣିପାଗ ରାଡାର ଏବଂ ଅଟୋ ପାଇଲଟ୍ ସିଷ୍ଟମ ମଧ୍ୟ ରହିଛି।

➢ଶତ୍ରୁ, ସଶସ୍ତ୍ର ଯାନ, ଭୂମିରେ ଥିବା ଟାର୍ଗେଟକୁ ଚିହ୍ନିବା ନିମନ୍ତେ ଏଥିରେ ଶତରୁମ୍-ଭି ମିଶାଇଲ, ଏସ୍-୮ ରକେଟ, ୨୩ ଏମ୍‌ଏମ୍ ମେଶିନ୍ ଗନ୍, ପିକେଟି ମେଶିନ୍ ଏବଂ ଏକେଏମ୍ ସବ୍‌ମେରାଇନ୍ ବନ୍ଧୁକ ରହିଛି।

➢ହେଲିକପ୍ଟରର ଗୁରୁତ୍ୱପୂର୍ଣ୍ଣ ଭାଗକୁ ସଶସ୍ତ୍ର ପ୍ଲେଟ୍ ଦ୍ୱାରା ସୁରକ୍ଷିତ ରଖାଯାଇଛି। ବିସ୍ଫୋରଣ ତଥା ନିଆଁରୁ ରକ୍ଷା ପାଇବା ପାଇଁ ଏହାର ଇନ୍ଧନ ଟ୍ୟାଙ୍କଗୁଡିକରେ ଫୋମ୍ ପଲିୟୁରଇଥେନ ରହିଛି।

## ଭାରତରେ ବଡ଼ ବିମାନ ଦୁର୍ଘଟଣା

ତାମିଲନାଡୁର କୁନ୍ନୁରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଭାରତୀୟ ଏୟାର ଫୋର୍ସର ଏମ୍‌ଆଇ-୧୭ ଭି୫ ଏକ ପରିବହନ ହେଲିକପ୍ଟର। ସର୍ବୋତ୍ତମ ପରିବହନକାରୀ ତଥା ଭିଭିଆଇପି ହେଲିକପ୍ଟର ହେବା ସତ୍ତ୍ୱେ ଏହା ଦୁର୍ଘଟଣାଗ୍ରସ୍ତ ହେବା ଏକ ବଡ଼ ଘଟଣା। ପୂର୍ବରୁ ମଧ୍ୟ ଭାରତରେ ବଡ଼ ଧରଣର ବିମାନ ଦୁର୍ଘଟଣା ଘଟିଛି, ଯେଉଁଥିରେ ଦେଶର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କ ଜୀବନ ଯାଇଛି।



●୧୯୪୫ରେ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ବିମାନ ତାଇୱାନଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିଲେ ହେଁ ଏହି ଘଟଣା ଆଜି ପର୍ଯ୍ୟନ୍ତ ବିବାଦୀୟ ହୋଇରହିଛି।

●୧୯୮୦ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସାନ ପୁଅ ତଥା ପୂର୍ବତନ ଏମ୍‌ପି ସଞ୍ଜୟ ଗାନ୍ଧୀଙ୍କ ବିମାନ ଦିଲ୍ଲୀରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ବିମାନକୁ ସଞ୍ଜୟ ନିଜେ ଚଳାଉଥିଲେ।

●୧୯୯୪ରେ ପଞ୍ଜାବ ରାଜ୍ୟପାଳ ସୁରେନ୍ଦ୍ର ନାଥ ଏବଂ ତାଙ୍କ ପରିବାରର ୯ ଜଣ ସଦସ୍ୟ ସରକାରୀ ସୁପର-କିଙ୍ଗ୍ ଏୟାରକ୍ରାଫ୍ଟରେ ଯାଉଥିବାବେଳେ ଖରାପ ପାଣିପାଗ ଯୋଗୁ ହିମାଚଳ ପ୍ରଦେଶର ପର୍ବତମାଳା ମଧ୍ୟରେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ସମସ୍ତଙ୍କ ମୃତ୍ୟୁ ଘଟିଥିଲା।

●୨୦୦୧ରେ ପୂର୍ବତନ ମନ୍ତ୍ରୀ ମାଧବରାଓ ସିନ୍ଧିଆ ଉତ୍ତରପ୍ରଦେଶର କାନପୁରକୁ ଏକ ସଭାରେ ଯୋଗଦେବାକୁ ଏକ ସେନା ଏୟାରକ୍ରାଫ୍ଟରେ ଯାଉଥିବାବେଳେ ମୈନପୁରୀ ଜିଲାରେ ତାହା ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ମାଧବରାଓ ତାଙ୍କ ଜୀବନ ହରାଇଥିଲେ।

●୨୦୦୨ରେ ଲୋକ ସଭା ବାଚସ୍ପତି ତଥା ତେଲୁଗୁ ଦେଶମ ପାର୍ଟିର ନେତା ଜି.ଏମ୍.ସି. ବାଲାଯୋଗୀଙ୍କ ଚପ୍ପର ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

●୨୦୦୫ରେ ଉତ୍ତରପ୍ରଦେଶର ସାହାରନ୍‌ପୁରଠାରେ ଓ. ପି. ଜିନ୍ଦଲ, ହରିୟାଣାର ତତ୍କାଳୀନ ଶକ୍ତିମନ୍ତ୍ରୀ ସୁରେଶ ସିଂଙ୍କ ହେଲିକପ୍ଟରରେ ବୈଷୟିକ ତ୍ରୁଟି ଦେଖାଯିବାରୁ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଉଭୟଙ୍କର ମୃତ୍ୟୁ ହୋଇଥିଲା।

●୨୦୦୯ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କ ହେଲିକପ୍ଟର ନଲ୍ଲାମାଲା ଜଙ୍ଗଲରେ ନିଖୋଜ ହୋଇଯାଇଥିଲା। ସେନା ପକ୍ଷରୁ ଖୋଜାଖୋଜି ପରେ ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟର ଭଗ୍ନାଂଶ ରୁଦ୍ରକୋଣ୍ଡା ପର୍ବତ ଶିଖରରୁ ମିଳିଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା।

●୨୦୧୧ରେ ୫ ଦିନ ଧରି ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଦୋର୍ଜି ଖାଣ୍ଡୁଙ୍କ ହେଲିକପ୍ଟର ନିଖୋଜ ହେବା ପରେ ଚାଇନା ସୀମା ନିକଟରୁ ତାଙ୍କ ମୃତଦେହ ମିଳିଥିଲା।

## ସିଡିଏସ୍‌ଙ୍କ କ୍ୟାରିୟର

୧୯୫୮ ମାର୍ଚ୍ଚ ୧୬ରେ ଉତ୍ତରାଖଣ୍ଡର ପୌଡିରେ ହିନ୍ଦୁ ଗଡ୍‌ୱାଲି ରାଜପୁତ ପରିବାରରେ ଜନ୍ମଗ୍ରହଣ କରିଥିଲେ ବିପିନ ଲକ୍ଷ୍ମଣ ସିଂ ରାୱତ। ବାପା ଲକ୍ଷ୍ମଣ ସିଂ ରାୱତ ସେନାର ଲ୍ୟୁଟନାଣ୍ଟ ଜେନେରାଲ ର୍‍ୟାଙ୍କ୍ ପର୍ଯ୍ୟନ୍ତ ପଦୋନ୍ନତି ପାଇଥିଲେ। ଡେରାଡୁନ୍‌ର କାମ୍ବ୍ରିଆନ ହଲ୍ ସ୍କୁଲ ଏବଂ ଶିମ୍‌ଲାର ସେଣ୍ଟ୍ ଏଡ୍‌ୱାର୍ଡ ସ୍କୁଲରୁ ଶିକ୍ଷାଗ୍ରହଣ କରିଥିଲେ। ପରେ ସେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ, ଖଡକୱାସଲା ଏବଂ ଭାରତୀୟ ସେନା ଏକାଡେମୀ, ଡେରାଡୁନ୍‌ରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ‘ସୋର୍ଡ ଅଫ୍ ଅନର’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୯୭୮ ଡିସେମ୍ବର ୧୬ରେ ସେ ୧୧ ଗୋର୍ଖା ରାଇଫଲର ୫ମ ବାଟାଲିୟନରେ ନିଯୁକ୍ତ ହୋଇଥିଲେ। ୪ ଦଶନ୍ଧିର କ୍ୟାରିୟରରେ ସେ ସେନାର ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ଜାତିସଂଘର ଶାନ୍ତିରକ୍ଷକ ଫୋର୍ସରେ ମଧ୍ୟ ଜେନେରାଲ ରାୱତ ସାମିଲ ଥିଲେ। କଙ୍ଗୋରେ ମଲ୍ଟିନ୍ୟାଶନାଲ ବ୍ରିଗେଡର କମାଣ ସମ୍ଭାଳିଥିଲେ। ୨୦୧୬ ସେପ୍ଟେମ୍ବର ୧ରେ ତାଙ୍କୁ ଆର୍ମି ଷ୍ଟାଫ୍‌ର ଉପ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୧୬ ଡିସେମ୍ବର ୧୭ରେ ଭାରତ ସରକାର ତାଙ୍କୁ ୨୭ତମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତ କରିଥିଲେ। ପ୍ରଥମ ସିଡିସି ଭାବେ ୨୦୨୦ ଜାନୁୟାରୀ ୧ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୭୭,୨୭,୭୯୮ | ୫୨,୯୧,୪୭୨ | ୨୪,୧୧,୦୧,୪୬୭ |
| ଭାରତ | ୩,୪୬,୫୬,୮୨୨ | ୪,୭୩,୯୫୨ | ୩,୪୦,୮୯,୧୩୭ |
| ଓଡ଼ିଶା | ୧୦,୫୦,୭୬୦ | ୮୪୨୬(+୫୩) | ୧୦,୪୦,୪୦୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଜେଲ୍ ଅଧୀକ୍ଷକ ସ୍ତରରେ ବଦଳି

**ଭୁବନେଶ୍ୱର,୮।୧୨(ବ୍ୟୁରୋ):** ଜେଲ୍ ଜେଲ ବିଭାଗରେ ଅଧୀକ୍ଷକ ସ୍ତରରେ ବଦଳି ହୋଇଛି। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ଝାରପଡାସ୍ଥିତ ସ୍ୱତନ୍ତ୍ର ଜେଲ୍‌ର ଅଧୀକ୍ଷକ ଥିବା ସରୋଜ କୁମାର ବିଶ୍ୱାଳଙ୍କୁ ଜାମୁଝରୀ ମୁକ୍ତାକାଶ ଜେଲକୁ ବଦଳି କରାଯାଇଛି। ଚୌଦ୍ୱାର ସର୍କଲ ଜେଲ ଅଧୀକ୍ଷକ ସତ୍ୟ ପ୍ରକାଶ ସ୍ୱାଇଁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ୍‌କୁ ବଦଳି କରାଯାଇଥିବାବେଳେ ବାରିପଦା ସର୍କଲ ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରାଙ୍କୁ ଚୌଦ୍ୱାର ସର୍କଲ ଜେଲ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲା ଜେଲ ଅଧୀକ୍ଷକ ସୁଜିତ୍ କୁମାର ରାଉଳଙ୍କୁ ବାରିପଦା ସର୍କଲ ଜେଲ୍‌ର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସୂଚନା ଦିଆଯାଇଛି।

### ୩ ପୌର ସଂସ୍ଥାକୁ ନୀତି ଆୟୋଗର ପ୍ରଶଂସା

**ଭୁବନେଶ୍ୱର,୮।୧୨(ବ୍ୟୁରୋ):** ରାଜ୍ୟର ୩ ପୌର ସଂସ୍ଥାକୁ ନୀତି ଆୟୋଗ ପ୍ରଶଂସା କରିଛି। ସେହି ପୌର ସଂସ୍ଥାଗୁଡ଼ିକ ହେଲା ଢେଙ୍କାନାଳ, କେନ୍ଦୁଝର ଓ ପାରାଦୀପ ପୌର ପରିଷଦ। ଉତ୍କୃଷ୍ଟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉକ୍ତ ପୌର ସଂସ୍ଥାକୁ ନୀତି ଆୟୋଗ ପ୍ରଶଂସା କରିଛି। ରାଜ୍ୟର ବିକେନ୍ଦ୍ରୀକରଣ ପରିଚାଳନା, ଗୋଷ୍ଠୀ ଅଂଶଗ୍ରହଣ ଓ ମଜଭୁତ ଅଭ୍ୟାସ ନୀତି ଆୟୋଗ ରିପୋର୍ଟରେ ସ୍ଥାନ ପାଇଛି । ଢେଙ୍କାନାଳ ପୌର ପରିଷଦ ସ୍ଥାନୀୟ ବାସିନ୍ଦାଙ୍କୁ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ସାମିଲ କରିଛି । ୱେଷ୍ଟ ସେଣ୍ଟରକୁ ହେଲ୍‌ଥ ସେଣ୍ଟରରେ ପରିଣତ(ଆବର୍ଜନା କେନ୍ଦ୍ରକୁ ସୁସ୍ଥ କେନ୍ଦ୍ରରେ) କରାଯାଇଛି । ସେହିଭଳି କେନ୍ଦୁଝର ପୌରପରିଷଦ ବର୍ଜ୍ୟ ପରିଚାଳନା ପାଇଁ ଅଭିନବ ଉପାୟ ଗ୍ରହଣ କରିଛି । ପାରାଦୀପ ପୌରସଂସ୍ଥା ବର୍ଜ୍ୟବସ୍ତୁ ପରିଚାଳନାରେ ମହିଳା ଓ କିନ୍ନରଙ୍କୁ ସାମିଲ କରିଛି।

### ଢିଙ୍କିଆ ସମିତିସଭ୍ୟ ପଦ ହରାଇଲେ

**କୁଜଙ୍ଗ,୮।୧୨(ଡି.ଏନ.ଏ.):** ସରକାରୀ ପଦାଧିକାରୀ ଓ ସରକାରୀ କାର୍ଯ୍ୟକୁ ବିରୋଧ କରିବା ଅଭିଯୋଗରେ ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତର ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କୁ ବୁଧବାର ପଞ୍ଚାୟତିରାଜ ବିଭାଗ ପଦବୀରୁ ଅନ୍ତର କରିଛନ୍ତି। ଶିଳ୍ପ ବିରୋଧୀ ସ୍ୱାଇଁ ବିଭିନ୍ନ ସମୟରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଓ ସରକାରୀ ପଦାଧିକାରୀଙ୍କୁ ବିରୋଧ କରୁଥିଲେ। ଏ ନେଇ ଜଗତ୍‌ସିଂହପୁର ଜିଲାପାଳଙ୍କ ଚିଠି ନଂ.୧୬୮୭୭ ଓ ଧାରା ୪୦ (କ) ବଳରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମିତିସଭ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ସମିତିସଭ୍ୟ ତାଙ୍କ କାରଣ ଦର୍ଶାଅ ଉତ୍ତରରେ ଜଣାଇଥିଲେ ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଉକ୍ତ ଉତ୍ତର ପାଇବା ପରେ ରାଜ୍ୟ ସରକାର ନଭେମ୍ବର ୩୦ରେ ସମିତିସଭ୍ୟ ସ୍ୱାଇଁ, ଏରସମା ବିଡିଓ, ଜିଲା ପଞ୍ଚାୟତ ଅଧିକାରୀ ଓ ଢିଙ୍କିଆ ପଞ୍ଚାୟତର ନିର୍ବାହୀ ଅଧିକାରୀ ବ୍ୟକ୍ତିଗତ ଭାବେ ବିଭାଗୀୟ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ହାଜର ହୋଇ ପକ୍ଷ ରଖିବାକୁ ଚିଠି କରିଥିଲେ। ମାତ୍ର ସ୍ୱାଇଁ ଅନୁପସ୍ଥିତ ରହିବାରୁ ତାଙ୍କୁ ସମିତିସଭ୍ୟ ପଦରୁ ହଟାଇ ଦିଆଯାଇଛି।

### ଷ୍ଟେଶନରୁ ଯବାନ ନିଖୋଜ

**କଟକ ଅଫିସ,୮।୧୨:** କଟକ ରେଳ ଷ୍ଟେଶନରୁ ସୈନ୍ୟ ବାହିନୀର ଜଣେ ଯବାନ ନିଖୋଜ ହୋଇଯାଇଛନ୍ତି। ଏନେଇ ସେନା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରେଳବାଇ ଥାନାରେ ଏତଲା ଦିଆଯାଇଛି। ତାଙ୍କ ନାଁ ଟେନଜିନ୍ ଗୱା ଓ ସେ ଉତ୍ତରାଖଣ୍ଡର ବାସିନ୍ଦା ବୋଲି ଜିଆରପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, କଟକ ଜିଲା ଚାରବାଟିଆରେ ଅନୁଷ୍ଠିତ ହେଉଥିବା ଏକ କ୍ୟାମ୍ପରେ ଯୋଗଦେବାକୁ ସୋମବାର ୧୫୦ ଜଣ ଯବାନ ଦିଲ୍ଲୀରୁ ରାଜଧାନୀ ଏକ୍ସପ୍ରେସ ଯୋଗେ କଟକ ଅଭିମୁଖେ ବାହାରିଥିଲେ। ଟ୍ରେନ୍‌ଟି ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ କଟକରେ ପହଞ୍ଚିବା ପରେ ସମସ୍ତ ଯବାନ ଓହ୍ଲାଇଥିଲେ। କିନ୍ତୁ ଗଣତି ସମୟରେ ଟେନଜିନ୍ ସେହି ଗ୍ରୁପରେ ନ ଥିବା ଜଣାପଡ଼ିଥିଲା। ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ ସମ୍ଭବ ନ ହେବାରୁ ସେନା ପକ୍ଷରୁ ରେଳବାଇ ଥାନାରେ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ରେଳବାଇ ପୋଲିସ ନିଖୋଜ ଯବାନଙ୍କ କଲ୍ ଡିଟେଲ୍ସ ରେକର୍ଡ(ସିଡିଆର୍) ଯାଞ୍ଚ କରିବା ଷ୍ଟେଶନର ସମସ୍ତ ସିସିଟିଭି ଫୁଟେଜ ଯାଞ୍ଚ ଆରମ୍ଭ ହୋଇଛି। ସେହିପରି ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତ ରେଳ ଷ୍ଟେଶନ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବିଶ୍ୱାଳ କହିଛନ୍ତି।

# ହାତୀଦାନ୍ତ ଜବତ, ୨ ଶିକାରୀ ଗିରଫ

## ବଲାଙ୍ଗୀରରେ ର୍ୟାକେଟ

■ ଚଢ଼ାଉବେଳେ ଖସିଗଲେ ଆଉଜଣେ

**ଭୁବନେଶ୍ୱର, (ବ୍ୟୁରୋ)/ ବଲାଙ୍ଗୀର ଅଫିସ,୮।୧୨**



ଗିରଫ ୨ ଶିକାରୀ ଓ ଜବତ ହାତୀ ଦାନ୍ତ।

କଠୋର ଆଇନ ଓ ବାରମ୍ବାର ଚଢ଼ାଉ ସତ୍ତ୍ୱେ ବନ୍ୟଜନ୍ତୁ ଶିକାର ଏବଂ ଚୋରା ଚାଲାଣ ବନ୍ଦ ହୋଇପାରୁ ନାହିଁ। ନଭେମ୍ବର ୧୪ରେ ବରଗଡ ଜିଲା ପଦ୍ମପୁର ଉପଖଣ୍ଡ କେନ୍ଦୁଭଟାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ୍ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିବା ସହ ଏକ ହାତୀଦାନ୍ତ ଜବତ କରିଥିଲା। ମଙ୍ଗଳବାର ବଲାଙ୍ଗୀରରୁ ଆଉଏକ ହାତୀଦାନ୍ତ ର୍ୟାକେଟ ଧରାପଡିଛି। ବନ ବିଭାଗ ସହାୟତାରେ ଏସ୍‌ଟିଏଫ୍ ଟିମ୍ ବଲାଙ୍ଗୀର ଜିଲା ତୁଷୁରା ଥାନା ଗୁଡ୍‌ଭେଲା ଗ୍ରାମ ନିକଟରେ ଚଢ଼ାଉ କରି ହାତୀ ଦାନ୍ତ ଜବତ କରିବା ସହ ଦୁଇଦିନରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ନିମୁଡ୍‌ସିଂହା ଗ୍ରାମର ବିପୁଳ ବାଗ ଓ ମଧୁ ଭୂଇଁ। ବିପୁଳଙ୍କଠାରୁ ୩୬.୫ ଇଞ୍ଚ ଲମ୍ବ, ୧୨ ଇଞ୍ଚ ଗୋଲେଇ ଓ ୮.୯୦ କେ.ଜି. ଓଜନର ହାତୀଦାନ୍ତ ଜବତ କରାଯାଇଛି। ପରେ ଏସ୍‌ଟିଏଫ୍ ଅଭିଯୁକ୍ତ ଦ୍ୱୟଙ୍କୁ ବଲାଙ୍ଗୀର ବନ ବିଭାଗକୁ ହସ୍ତାନ୍ତର କରିଛି। ଏନେଇ ଦଓଗାଁ ରେଞ୍ଜରେ ମାମଲା (ନଂ.୨୧୩/୨୧-୨୨) ରୁଜୁ କରାଯାଇଛି। ଫେରାର ଶିକାରୀଙ୍କୁ ଧରିବାକୁ ଆଖପାଖ ଅଞ୍ଚଳରେ ଏସ୍‌ଟିଏଫ୍ ଛାନ୍‌ଭିନ୍ ଚଳାଇଛି। ତଦନ୍ତବେଳେ ଏକ ବଡ଼ ହାତୀଦାନ୍ତ ର୍ୟାକେଟ୍ ଚାଲିଥିବା ଜାଣିବାକୁ ପାଇଛି। ତେବେ ଜବତ ହାତୀଦାନ୍ତ ପ୍ରାୟ ଦୁଇମାସ ତଳେ ଟାଙ୍ଗିଆରେ କଟାଯାଇଥିବା ଅନୁମାନ କରାଯାଉଛି। ହାତୀଟି କିପରି ଓ କେଉଁଠି ମରିଥିଲା, ଦାନ୍ତକୁ ସେମାନେ ସିଧା କାଟି ଆଣିଥିଲେ ନା ଆଉ କାହାଠାରୁ ସଂଗ୍ରହ କରିଥିଲେ, ଏହାପୂର୍ବରୁ କେତୋଟି ହାତଦାନ୍ତକୁ ସେମାନେ କାହାକୁ ବିକ୍ରି କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି।

ବଲାଙ୍ଗୀର ଡିଏଫ୍‌ଓ ନୀତୀଶ କୁମାରଙ୍କ ସୂଚନାନୁସାରେ, ଗୁଡ୍‌ଭେଲା ଅଞ୍ଚଳର କେତେଜଣ ଲୋକଙ୍କ ପାଖରେ ଏକ ହାତୀଦାନ୍ତ ରହିଥିବା ଏସ୍‌ଟିଏଫ୍ ସୂଚନା ପାଇବା ପରେ ବନ ବିଭାଗକୁ ଜଣାଇଥିଲା। ଏହାପରେ ଏସ୍‌ଟିଏଫ୍ ଓ ବନ ବିଭାଗ ମିଳିତ ଟିମ୍ ଗଠନ କରି ର୍ୟାକେଟକୁ ଧରିବାକୁ ଯୋଜନା କରିଥିଲା। ଅଧିକାରୀମାନେ କ୍ରେତା ଭାବେ ହାତୀଦାନ୍ତ ରଖିଥିବା ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଦାନ୍ତ କିଣିବା ଉଦ୍ଦେଶ୍ୟରେ ମଙ୍ଗଳବାର ରାତିରେ ଗୁଡ୍‌ଭେଲା-ଘୁନା ରାସ୍ତାର ଏକ ଛକକୁ ଆସିବା ପାଇଁ ଅଭିଯୁକ୍ତଙ୍କୁ କୁହାଯାଇଥିଲା। ସେ ସେଠାରେ ପହଞ୍ଚିବା ପରେ ଟିମ୍ ସେମାନଙ୍କ ଉପରେ ଅତର୍କିତ ଚଢାଉ କରିଥିଲା। ଘନ ଅନ୍ଧାର ଥିବାରୁ ସେଠାରୁ ଜଣେ ଶିକାରୀ ଦୌଡି ପଳାଇବାକୁ ସକ୍ଷମ ହୋଇଥିବାବେଳେ ନିମୁଡ୍‌ସିଂହା ଗ୍ରାମର ବିପୁଳ ଧରାପଡି ଯାଇଥିଲେ। ତାଙ୍କୁ ପଚରାଉଚରା ପରେ ବୁଧବାର ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମଧୁ ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

ଏସ୍‌ଟିଏଫ୍‌ର ରିପୋର୍ଟ ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ୨୧ଟି ବାଘଛାଲ, ୧୨ଟି ହାତୀ ଦାନ୍ତ, ୨ଟି ହରିଣ ଚମଡ଼ା, ୮ ଜୀବନ୍ତ ବଜ୍ରକାପ୍ଟା, ୧୫ କେଜି ବଜ୍ରକାପ୍ଟା କାତି ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୪୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### କଲରାପତରିଆ ବାଘ ଛାଲ ଜବତ, ୨ ଗିରଫ



ଜବତ ବାଘଛାଲ।

**କୁଚିଣ୍ଡା(ଡି.ଏନ.ଏ./ସମ୍ବଲପୁର (ବ୍ୟୁରୋ),୮।୧୨**

ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ବନାଞ୍ଚଳ ଅନ୍ତର୍ଗତ ଗୁଣ୍ଡୁରୁଚୁଆଁ ପଞ୍ଚାୟତ ଘୋଡାବାନ୍ଧୁଣୀ ଗ୍ରାମରେ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜମନକିରା ବ୍ଲକ ବଡରମା ପଞ୍ଚାୟତ କୁତବ ଗ୍ରାମର କାଳିଚରଣ ଝାଙ୍କର (୫୦) ଓ ବାସୁଦେବ ଦେହୁରି (୫୦)। ବନ କର୍ମଚାରୀ ସେମାନଙ୍କଠାରୁ ଗୋଟିଏ କଲରାପତରିଆ ବାଘ ଛାଲ, ୬ଟି ଗୋଧି ଚମଡା, ୩ଟି ଚଉସିଂହା ମୁଣ୍ଡ ଓ ଫାଶ ଜବତ କରିଛି। ବନ କର୍ମଚାରୀ ୩ଦିନ ହେଲା ଏମାନଙ୍କ ସହିତ ଗ୍ରାହକ ସାଜି ମୂଲଚାଲ କରୁଥିଲେ। ଶେଷରେ ୫ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଏ ନେଇ ବନ ବିଭାଗ ଏକ ମାମଲା (ନଂ.୮୩ /୨୧- ୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମାଈ ହାତୀ ମୃତ

**କେନ୍ଦୁଝର,୮।୧୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଅନ୍ତର୍ଗତ ନେଙ୍କଡ଼ାଘର ନିକଟ ନରଣପୁର ସଂରକ୍ଷିତ ଜଙ୍ଗଲରେ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ହୋଇଛି। ସଦର ବ୍ଲକ ଗୁହାଳଚଟୁଆ ଗ୍ରାମ ପଟୁ ୧୮ଟିକିଆ ହାତୀପଲ ମଙ୍ଗଳବାର ରାତିରେ ନରଣପୁର ସଂରକ୍ଷିତ ଜଙ୍ଗଲ ଦେଇ ଗାଁ ଭିତରକୁ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ମୃତ ମାଈ ହାତୀର ବୟସ ୧୫ରୁ ୨୦ ବର୍ଷ ହେବ ବୋଲି ଆକଳନ କରାଯାଉଛି।



ବିଦ୍ୟୁତ୍ ଖୁଣ୍ଟର ଇନସୁଲେଟର୍‌ରୁ କଣ୍ଡକ୍ଟର ବାହାରି ଯାଇଥିବାରୁ ଏହା ଚାର୍ଜ ହୋଇଯାଇଥିଲା। ବିଦ୍ୟୁତ୍ ଆଘାତରେ ହାତୀଟି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା। ସୌଭାଗ୍ୟବଶତଃ ଅନ୍ୟ ହାତୀମାନେ ବର୍ତ୍ତିଯାଇଥିଲେ। ହାତୀପଲରେ ୪ଟି ଦନ୍ତା,୧୦ଟି ମାଈ ଓ ୪ଟି ଛୁଆ ହାତୀ ଥିବା ପୂର୍ବରୁ ବିଦ୍ୟୁତ୍ ବିଭାଗ ଏବଂ ଜଙ୍ଗଲ ବିଭାଗକୁ ସୂଚନା ଦିଆଯାଇଥିଲା। ଏହା ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଲାଇନ୍ କଟାଯାଇ ନ ଥିଲା। ଫଳରେ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ୨୦୨୨-୨୩ରେ ଖୋଲିବ ୬୩ ନୂଆ ଆଦର୍ଶ ବିଦ୍ୟାଳୟ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ ୨୫୦ଟି ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ଚଳିତବର୍ଷ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ଖୋଲାଯିବା ନିମନ୍ତେ ପ୍ରସ୍ତୁତି ଚାଲିଛି। ତେବେ ୨୦୨୨-୨୩ ଆର୍ଥିକ ବର୍ଷରେ ୬୩ଟି ନୂଆ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ବିଧାନସଭାରେ ଉତ୍ତର ରଖିଛନ୍ତି।

ରାଜ୍ୟରେ କେଉଁ ବ୍ଲକ୍‌ରେ ଅଦ୍ୟାବଧି କେତୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି ଏବଂ ଚଳିତବର୍ଷ କେତୋଟି ବିଦ୍ୟାଳୟ ଖୋଲିବାର ପ୍ରସ୍ତାବ ରହିଛି, ସେନେଇ ବିଧାୟକ ସୌଭିକ ବିଶ୍ୱାଳ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ କହିଥିଲେ, ୨୦୨୨-୨୩ରେ ରାଜ୍ୟରେ ଆଉ ୧୭ଟି ଜିଲାରେ ୬୩ଟି ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେଥିମଧ୍ୟରେ ପୁରୀରେ ସର୍ବାଧିକ ୯ଟି ଥିବାବେଳେ କେନ୍ଦ୍ରାପଡ଼ା ୮, ଜଗତ୍‌ସିଂହପୁର ୭, କଟକ ୫, ଅନୁଗୋଳ ୨, ବାଲେଶ୍ୱର ୯, ବରଗଡ଼ ୩, ଭଦ୍ରକ ୩, ବଲାଙ୍ଗୀର ୧, ଢେଙ୍କାନାଳ ୧, ଯାଜପୁର ୨, ଝାରସୁଗୁଡ଼ା ୩, ଖୋର୍ଦ୍ଧା ୨, ନୟାଗଡ଼ ୨, ସମ୍ବଲପୁର ୧, ସୋନପୁର ୧ ଓ ସୁନ୍ଦରଗଡ଼ରେ ୪ଟି ପ୍ରସ୍ତାବ ରହିଛି।

# ଶେଷରେ ଶିଡ଼ି ଚଢ଼ିଲା ଭାଲୁ



ଶିଡ଼ି ଯୋଗେ ଭାଲୁ କୂଅରୁ ଉପରକୁ ଆସୁଛି।

**ଛେଣ୍ଡିପଦା,୮।୧୨(ସ୍ୱ.ପ୍ର.):** ଆଖୁ ଖାଇବାକୁ ଆସି ମଙ୍ଗଳବାର ରାତିରେ ଗଭୀର କୂଅକୁ ଖସିପଡ଼ିଥିବା ଏକ ଭାଲୁ ଉଦ୍ଧାର ପାଇଁ ଉଦ୍ୟମ ବେଳେ ବନ ଅଧିକାରୀଙ୍କୁ ନାକେଦମ କରିଛି। ବାରମ୍ବାର ଶିଡ଼ି ଭାଙ୍ଗିଦେଉଥିବା ଭାଲୁ ଶେଷରେ ଦୀର୍ଘ ୧୦ ଘଣ୍ଟା ପରିଶ୍ରମ ପରେ ଶିଡ଼ି ଚଢ଼ି ଉପରକୁ ଉଠିଛି। ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଝିଣ୍ଟିପାଳ ଗ୍ରାମରେ ବୁଧବାର ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଝିଣ୍ଟିପାଳ ଗ୍ରାମର ଦୁଃଶାସନ ଜେନାଙ୍କ ଆଖୁବାଡିରେ ମଙ୍ଗଳବାର ରାତିରେ କେତୋଟି ଭାଲୁ ପଶିଥିଲେ। ଏହି ସମୟରେ ଗୋଟିଏ ବଡ଼ ଭାଲୁ ସେଠାରେ ଥିବା କୂଅ ମଧ୍ୟକୁ ଖସିପଡ଼ିଥିଲା। ସକାଳେ ଚାଷୀ ଦୁଃଶାସନ ଆଖୁବାଡିକୁ ଯାଇ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତାଙ୍କଠାରୁ ଖବରପାଇ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀର ମଧ୍ୟ ସହାୟତା ଲୋଡ଼ିଥିଲେ। ଅଧିକ ଗଭୀର ହୋଇଥିବାରୁ କୂଅକୁ ପକାଯାଉଥିବା ଶିଡ଼ି ଛୋଟ ପଡୁଥିଲା। ତେଣୁ ଉଦ୍ଧାରକାରୀ ଟିମ୍ ଏ ନେଇ ବାରମ୍ବାର ପ୍ରୟାସ କରୁଥିବା ବେଳେ ଭୟଭୀତ ଭାଲୁ ତାହାକୁ ଭାଙ୍ଗି ଦେଉଥିଲା। ତେବେ ଦୀର୍ଘ ୧୦ ଘଣ୍ଟା ପରିଶ୍ରମ ପରେ ଶେଷରେ ସେହି ଶିଡ଼ି ଯୋଗେ ଭାଲୁଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବନାଞ୍ଚଳ ଅଧିକାରୀ ରାଉଳ ପ୍ରକାଶ କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇଲେ ଅଣନିଯୁକ୍ତ ଡାକ୍ତର




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବୁଧବାର ଅଣନିଯୁକ୍ତ ଡାକ୍ତରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର,୮।୧୨**

■ ଡାକ୍ତର ଅଭାବର ମିଛ ପ୍ରଚାର କରୁଛନ୍ତି ରାଜ୍ୟ ସରକାର

■ ରାଜ୍ୟପାଳଙ୍କୁ ଦାବିପତ୍ର, ଅତିରିକ୍ତ ସଚିବଙ୍କୁ ଭେଟିଲେ ଡାକ୍ତର ପ୍ରତିନିଧି ଦଳ

ସରକାର କହୁଛନ୍ତି ରାଜ୍ୟରେ ଡାକ୍ତର ନାହାନ୍ତି। କିନ୍ତୁ ଏପଟେ ୧୬୦୦ ଡାକ୍ତର ବେକାର ହୋଇ ବସିଛନ୍ତି। ଏଭଳି ଅଭିଯୋଗ ଆଣି ବେକାର ବସିଥିବା ଡାକ୍ତରମାନେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ ମାଧ୍ୟମରେ ଦାବି ରଖିଥିଲେ। ଓପିଏସ୍‌ସି ଦ୍ୱାରା ୨୦୨୧-୨୨ ପାଇଁ ଆସିଥିବା ନିଯୁକ୍ତିପତ୍ରକୁ ବାତିଲ କରିବା ସହ ଯଥାଶୀଘ୍ର ନୂତନ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ଓ ପରୀକ୍ଷା ପରେ ୱେଟିଂ ଲିଷ୍ଟ ଜାରି କରିବାକୁ ସେମାନେ ଦାବି କରିଛନ୍ତି। ବର୍ତ୍ତମାନ ନିଯୁକ୍ତିପତ୍ରରେ ୧୮୭୧ଟି ପଦବୀରେ ସାଧାରଣ ବର୍ଗ ଡାକ୍ତରଙ୍କ ପାଇଁ ୧୯୬ଟି ପଦବୀ ଅଛି। କିନ୍ତୁ ସାଧାରଣ ବର୍ଗରେ ୧୬୦୦ଡାକ୍ତର ଘରେ ବସିଛନ୍ତି। ଏତେ ସଂଖ୍ୟକ ସଂରକ୍ଷିତ ବର୍ଗର ପଦବୀ ବର୍ଷବର୍ଷ ଧରି ଖାଲି ପଡ଼ୁଥିବା ସତ୍ତ୍ୱେ ୧୬୭୫ ସଂରକ୍ଷିତ ପଦବୀ ପାଇଁ ୧୦୦ଟି ସଂରକ୍ଷିତ ବର୍ଗର ଡାକ୍ତର ନାହାନ୍ତି। ସରକାର ଡାକ୍ତର ନ ଥିବାର ଏକ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ଏସିବି ଛାତ୍ର ସଂସଦର ପୂର୍ବ ସଭାପତି ଡା. ଦୀପକ ସାମଲ କହିଛନ୍ତି। ଏପରିକି ଭାଜପା ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ଓ ନବ ଚରଣ ମାଝି ଏହି ସମସ୍ୟାର ସମାଧାନ ସହ ବିଧାନସଭାରେ ଏ ବିଷୟରେ ଉଠାଇବାକୁ ପ୍ରତିଶ୍ରୁତି ଦେଇଥିବା ସେ ଜଣାଇଛନ୍ତି। ଏହି ଅବସରରେ ଡାକ୍ତର ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଭେଟି ଦାବି ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ୧୦ରୁ କଳିଙ୍ଗ ସାହିତ୍ୟ ମହୋତ୍ସବ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

କଳିଙ୍ଗ ସାହିତ୍ୟ ମହୋତ୍ସବ(କେଏଲ୍‌ଏଫ୍)ର ୮ମ ସଂସ୍କରଣ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ '୭୫ ବର୍ଷରେ ଭାରତ: ସାହିତ୍ୟର ସ୍ୱତନ୍ତ୍ରତା' ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ଆଧାରିତ ହେବ। ଏଥିରେ ସାହିତ୍ୟ, ସିନେମା, ଗଣମାଧ୍ୟମ ଏବଂ ରାଜନୀତି ଜଗତର ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ। ଏହି ଅବସରରେ ପ୍ରବୀଣ ଓଡ଼ିଆ ଲେଖକ ଶ୍ରୀନିବାସ ଉଦ୍‌ଗାତା, ପ୍ରଖ୍ୟାତ କବି (ଇଂରାଜୀ ଓ ହିନ୍ଦୀ) ଅରୁଣ କମଲ, ବଲିଉଡ୍ ଅଭିନେତ୍ରୀ ତଥା ଲେଖିକା ଦିବ୍ୟା ଦତ୍ତଙ୍କୁ ୨୦୨୧ ବର୍ଷ ପାଇଁ 'କଳିଙ୍ଗ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଅରୁଣାଚଳ ପ୍ରଦେଶର ଯୁବ ତଥା ଓଜସ୍ୱିନୀ ଲେଖକ ତାରୋ ସିନ୍ଦିକଙ୍କୁ ସମ୍ମାନଜନକ 'କଳିଙ୍ଗ ସାହିତ୍ୟ ଯୁବ ପୁରସ୍କାର' ପ୍ରଦାନ କରାଯିବ। ସେହିପରି ୪୯ଜଣ ଲେଖକଙ୍କୁ 'କଳିଙ୍ଗ ସାହିତ୍ୟ ମହୋତ୍ସବ ପୁସ୍ତକ ସମ୍ମାନ' ଦିଆଯିବ। ମହୋତ୍ସବରେ ଓଡ଼ିଶା ଓ ଭାରତର ୬୦ କଳାକାରଙ୍କ କୃତି ପ୍ରଦର୍ଶିତ ହେବ। ବୁଧବାର କେଏଲ୍‌ଏଫ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। କେଏଲ୍‌ଏଫ୍‌ର ଉପଦେଷ୍ଟା ସଚ୍ଚିଦାନନ୍ଦ ମହାନ୍ତି, ସହ-ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟଙ୍କ ଉପସ୍ଥିତିରେ ମହୋତ୍ସବର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ।






# ଶ୍ରେଷ୍ଠ ୧୮ ପ୍ରତିଯୋଗୀ ଜାତୀୟ ସ୍ତରରେ ଭାଗନେବେ

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

## ସରିଲା ରାଜ୍ୟସ୍ତରୀୟ କଳା ଉତ୍ସବ

ଓସେପା ପକ୍ଷରୁ ଚାଲିଥିବା ଦୁଇ ଦିନିଆ ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୧ ବୁଧବାର ଶେଷ ହୋଇଛି। କରୋନା କଟକଣା ଯୋଗୁ ଛାତ୍ରୀଛାତ୍ରମାନେ ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲା ସ୍ତରରେ କୃତିତ୍ୱ ହାସଲ କରିଥିବା ୯୦ଜଣ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୮ଜଣ ପ୍ରତିଯୋଗୀଙ୍କୁ ଜାତୀୟସ୍ତରୀୟ କଳା ଉତ୍ସବରେ ଭାଗ ନେବାକୁ ସୁଯୋଗ ମିଳିବ।

କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଉଦ୍‌ଘାଟନ କରି ପିଲାମାନଙ୍କୁ ତଥା ଶିକ୍ଷକ ଓ ଅଭିଭାବକମାନଙ୍କୁ ପାଠପଢ଼ା ସହିତ ପିଲାର ସାମଗ୍ରିକ ଦକ୍ଷତା ବିକାଶ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ମଅବସରରେ ଗତବର୍ଷର ଜାତୀୟସ୍ତର ବିଜେତା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଓସେପାର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ କଳା ଓ ସଂସ୍କୃତି ପାଇଁ ଆଗ୍ରହ ତଥା ସାମଗ୍ରିକ ବିକାଶର ଉନ୍ନତିଉପରେ ଗୁରୁତ୍ୱାରୋପ କରିଥିଲେ। କଳା ଓ ସଂସ୍କୃତି ମାଧ୍ୟମରେ ଓଡ଼ିଶାର ପାରମ୍ପରିକ କଳାକୁ ଦେଶ ତଥା ବିଶ୍ୱସମୂହରେ ପହଞ୍ଚାଇବା ପାଇଁ ପିଲାଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। ବିଦ୍ୟାର୍ଥୀଙ୍କ ପ୍ରତିଯୋଗିତା ମୂଲ୍ୟାୟନ ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ଦ୍ୱାରା କରାଯାଇଥିଲା। ୯ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ସେଗୁଡ଼ିକ ମଧ୍ୟରୁ ଭୋକାଲ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ବାଦ୍ୟଯନ୍ତ୍ର ଶାସ୍ତ୍ରୀୟ, ବାଦ୍ୟଯନ୍ତ୍ର ଲୋକ ଏବଂ ସ୍ୱଦେଶୀ ଖେଳ ଇତ୍ୟାଦି ଅନ୍ୟତମ ଥିଲା। ଓସେପାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ ଓ ଉପ ନିର୍ଦ୍ଦେଶିକା କଳ୍ପନା ହାଁସଦା ପରିଚାଳନା କରିଥିଲେ।



ଓସେପା ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।




## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

କଟକ ଅଫିସ, ୮।୧୨– ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଟକ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ କଟକ ବାଲିଯାତ୍ରା ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ନୂଆ ସ୍ମାର୍ଟ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରିବେ। ସେହିପରି କଟକ ଜିଲାର ବହୁ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବୁଧବାର ଅପରାହ୍ନ ୧୨ଟା ୩୦ରେ ଆଇନମନ୍ତ୍ରୀ ପ୍ରତାପ ଜେନା ବାଲିଯାତ୍ରା ପଡ଼ିଆ ସଭାସ୍ଥଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ମନ୍ତ୍ରୀଙ୍କ ପରିଦର୍ଶନବେଳେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ, ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାବି ଚିନ୍ତି କାମ କଲେ**
**ପ୍ରମାଦ ନ ପଡ଼ଇ ଭଲେ ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିଥାଏ। ପ୍ରତ୍ୟେକ କାମ ଆରମ୍ଭ କରିବା ପୂର୍ବରୁ ତାହାର ଭଲମନ୍ଦ ତଥା ଆଗ ପଛ ଚିନ୍ତା କରି କାମ କରାଯିବା ଉଚିତ ହୋଇଥାଏ। ଭାବିଚିନ୍ତି କାମ କଲେ ପଛରେ କୌଣସି ପ୍ରକାର ବାଧା ବା ଅସୁବିଧା ରୁହେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭଣ୍ଡାରି ହାତରେ ପଡ଼ିଛି ଚୁଟି**
**ଯେଣିକି ଝିଙ୍କଇ ତେଣିକି ଉଠି ।**

ନିଜର ଗୁମର ବା ଦୋଷ ଦୁର୍ବଳତା କେବେ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ ହୁଏ ନାହିଁ। କାରଣ ଏଭଳି ସ୍ଥଳେ ଉକ୍ତ ବ୍ୟକ୍ତି ଜଣକ ତାକୁ ଡରେଇ ବା ଧମକେଇ ନିଜର ସମସ୍ତ କାର୍ଯ୍ୟ କରାଇନେବା ସହ ଅନେକ ଫାଇଦା ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କ କବଳରେ ଥରେ ପଡ଼ିଗଲେ କେହି ନିଜ ଇଚ୍ଛାନୁସାରେ କିଛି ବି କରିପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ବ୍ୟାଙ୍କ ଘରୋଇକରଣକୁ ବିରୋଧ କରି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ୍ ୟୁନିଅନ୍ସ ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଛି।

# ବିପିସିଏଲ୍ ପକ୍ଷରୁ ପ୍ରଥମ ଡିଜେଲ ଡିଇଏଫ୍ ସୁବିଧା

ଭୁବନେଶ୍ୱର,୮।୧୨: ଦେଶରେ ଦେଖାଦେଉଥିବା ପ୍ରଦୂଷଣଜନିତ ସମସ୍ୟା ଓ ପରିବେଶ ସୁରକ୍ଷାକୁ ନଜରରେ ରଖି କେନ୍ଦ୍ର ସରକାର ସାରା ଦେଶରେ ବିଏସ୍ ୬ ଇଞ୍ଜିନ ପ୍ରଚଳନ ସହ କେତେକ ଅତ୍ୟାଧୁନିକ ସେବା ଉଭୟ ଯାତ୍ରୀବାହୀ ଓ ମାଲ ପରିବହନରେ ବ୍ୟବହୃତ ଯାନଗୁଡ଼ିକ ପାଇଁ ଲାଗୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ପ୍ରଥମ ଥର ପାଇଁ ଏକ ଭିନ୍ନ ଧରଣର ସେବା ଓ ସୁବିଧା ଉପଭୋକ୍ତାଙ୍କୁ ଯୋଗାଇଦେବା ପାଇଁ ଯୋଜନା କାର୍ଯ୍ୟକାରୀ କରିଛି। କମ୍ପାନୀର ଉକ୍ତ ଯୋଜନା ଅନୁଯାୟୀ ଭୁବନେଶ୍ୱରରେ ଡିଜେଲ ଏକ୍‌ଜଷ୍ଟ ଫ୍ଲୁଇଡି ଡିସ୍‌ପେନ୍ସର (ଏଡି ବ୍ଲୁ ଡିସପେନ୍ସର)ର ସୁବିଧା ବୁଧବାର ସ୍ଥାନୀୟ ରସୁଲଗଡ଼ସ୍ଥିତ ବିପିସିଏଲ୍‌ର ଫ୍ଲାଗ୍‌ଶିପ ପମ୍ପ ଏମ୍‌ଏସ୍/ ଏସ୍‌କେ ଆଣ୍ଡ ଏସ୍‌ଏଫ୍ ରହମାନ ପେଟ୍ରୋଲ ପମ୍ପରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବିପିସିଏଲ୍‌ର ଇଷ୍ଟ ବିକ୍ରି ମୁଖ୍ୟ ଦେବାଶିଷ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ସମେତ ବିପିସିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବିପିସିଏଲ୍‌ର ଓଡ଼ିଶା ମୁଖ୍ୟ ପ୍ରିୟଦର୍ଶୀ ପଣ୍ଡା ଉକ୍ତ ସେବା ଓ ସୁବିଧା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିଭଳି ରହମାନ ପେଟ୍ରୋଲ ପମ୍ପର ମୁଖ୍ୟ ସକିଲୁର ରହମାନ କହିଥିଲେ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ରୋକିବା ସାଙ୍ଗକୁ ଯାନର ସମୟ ହ୍ରାସ ମଧ୍ୟ ଏହାଦ୍ୱାରା ସନ୍ତୁଳନ ରଖାଯାଇପାରିବ। ରାଜ୍ୟର ବିଭିନ୍ନ ସହରରେ ଏହିଭଳି ଆଉ ୪ଟି ପେଟ୍ରୋଲ ପମ୍ପରେ ଉକ୍ତ ସେବା ଆରମ୍ଭ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ ରହମାନ ପରିବାର ପକ୍ଷରୁ ଉପସ୍ଥିତ ଅତିଥି ଓ ଗ୍ରାହକଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।




# ତାଳଚେର-କଣିହାଁ ବିଦ୍ୟୁତୀକରଣ କାର୍ଯ୍ୟକ୍ଷମ

ଭୁବନେଶ୍ୱର,୮।୧୨

କେନ୍ଦ୍ର ସରକାରଙ୍କ ପକ୍ଷରୁ ଯାଞ୍ଚ ଅନୁମୋଦନ ପାଇବା ପରେ ପରୀକ୍ଷାମୂଳକ ଭାବେ ଲାଇଟ ରେଳ ଚଳାଚଳ କରିବା ସହ ବୁଧବାର ୫୩.୫ ଟ୍ରାକ୍ କିଲୋମିଟର ତାଳଚେର-କଣିହାଁ ବିଦ୍ୟୁତୀକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ଏନ୍‌ଟିପିସି କଣିହାଁ ଭିତରକୁ ଇଲେକ୍ଟ୍ରିକ୍ ଇଞ୍ଜିନ ଥିବା ଟ୍ରେନ୍‌ଗୁଡିକ ପ୍ରବେଶ କରାଇବା ଏବଂ ବାହାରକୁ ଆସିବା ପାଇଁ ନିରବିହୀନ କାର୍ଯ୍ୟରେ ସାହାଯ୍ୟ କରିବ। ସେହିଭଳି ଟ୍ରାକ୍ସନ୍ ପରିବର୍ତ୍ତନ ହେତୁ ଏନଟିପିସି ଏକ୍ସଚେଞ୍ଜ୍ ୟାର୍ଡରେ ଟ୍ରେନ୍ ଚଳାଚଳରେ ବିଳମ୍ବକୁ ଏଡାଯଇପାରିବା ସହିତ ବିପୁଳ ଆର୍ଥିକ ସଞ୍ଚୟ କରିବାରେ ଏହା ସାହାଯ୍ୟ କରିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ସେହିପରି ସ୍ଥାନୀୟ ଅଞ୍ଚଳରେ ବହୁ ପ୍ରତିବନ୍ଧକ ଏବଂ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସତ୍ତ୍ୱେ ମଧ୍ୟ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ନିର୍ମାଣ) ପି. କେ. ବେହେରା ଏବଂ ଉପ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ ପି. କେ. ପ୍ରଧାନଙ୍କ ଦ୍ୱାରା ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ପୂର୍ବତଟ ରେଳପଥର ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରୀ ଓ ପ୍ରମୁଖ ପରିଚାଳନା ପ୍ରବନ୍ଧକ ଏବଂ ପ୍ରମୁଖ ସୁରକ୍ଷା ଆୟୁକ୍ତଙ୍କ ସହଯୋଗରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଓମିକ୍ରନ୍ ସଂକ୍ରମିତ ...

ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କୋଭିଡ୍ ପାଇଁ ଯେମିତି ସତର୍କତା ଅବଲମ୍ବନ କରାଯାଉଛି, ଓମିକ୍ରନ ଭାରିଆଣ୍ଟ ପାଇଁ ମଧ୍ୟ ସେମିତି ସତର୍କ ରହିବା ଆବଶ୍ୟକ। ଟେକ୍ନିକାଲ ଓ କମ୍ୟୁନିଟି କ୍ଷେତ୍ରରେ ସତର୍କ ରହିବାକୁ ପଡ଼ିବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର କହିବାନୁସାରେ, ଟିକା ନେଇ ନ ଥିବା ଓ ବହୁବିଧ ରୋଗରେ ଆକ୍ରାନ୍ତ ଲୋକଙ୍କ ପାଇଁ ଅଧିକ ରିସ୍କ ରହିଛି। ଶିଶୁମାନେ ଏଯାଏ ଟିକା ନେଇ ନ ଥିବାରୁ ସେମାନେ ମଧ୍ୟ ରିସ୍କ ଜୋନ୍‌ରେ ଅଛନ୍ତି। ସେଥିପାଇଁ ସିଏଚ୍‌ସି ଏବଂ ପିଏଚ୍‌ସିରେ ପେଡିଆଟ୍ରିକ ମ୍ୟାନେଜ୍‌ମେଣ୍ଟ କରିବାକୁ ବ୍ୟବସ୍ଥା କରାଯାଇଛି। ଏଥିସହ ଆଇସିୟୁ ବ୍ୟବସ୍ଥା ମଧ୍ୟ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ବର୍ଗର ରୋଗୀଙ୍କ ଚିକିତ୍ସା ପାଇଁ ଭିନ୍ନ ଗାଇଡ୍‌ଲାଇନ ରହିଛି। ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଉଛି। ଡବ୍ଲ୍ୟୁଏଚ୍‌ଓ ଏବଂ ଅନ୍ୟ ଗବେଷକଙ୍କ ତଥ୍ୟାନୁସାରେ, ଓମିକ୍ରନ୍ ଭାରିଆଣ୍ଟର ସଂକ୍ରାମକ କ୍ଷମତା ଅନ୍ୟ ଭାରିଆଣ୍ଟଠାରୁ ଅଧିକ। କିନ୍ତୁ ସଂକ୍ରମଣର ଲକ୍ଷଣ କମ୍। କେହି ଗୁରୁତର ହେଉନାହାନ୍ତି କି ମୃତ୍ୟୁ ହେଉନାହିଁ। ସେପଟେ ପଜିଟିଭ୍ ହୋଇଥିବା ୪ଜଣ ବିଦେଶ ଫେରନ୍ତା ଲକ୍ଷଣ ବିହୀନ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ପୁଣି ସଂକ୍ରମଣ ବଢ଼ିଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ୫୮,୯୦୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୫୫ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ୦.୪୩କୁ ବଢ଼ିଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୫୪ଜଣ ୧୮ ବର୍ଷରୁ କମ୍ ବୟସ୍କ ଥିବା ଜଣାପଡ଼ିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୫୦,୭୬୦ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ୨ ଆକ୍ରାନ୍ତଙ୍କ ମୃତ୍ୟୁ ପରେ କରୋନାଜନିତ ମୃତ୍ୟୁ ୮,୪୨୬କୁ ବୃଦ୍ଧି ପାଇଛି।

### କମୁଛି କୋଭିଡ୍ ...

ନିର୍ଦ୍ଦେଶକ ଜି.ଭି. ପ୍ରସାଦ କହିଛନ୍ତି। ଏବେ ଆଉ ଟିକା ଚାହିଦା ନାହିଁ। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଯଥେଷ୍ଟ ଟିକା ଯୋଗାଇ ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଯୋଗାଣ ପାଇଁ ଚାପ ପଡୁ ନ ଥିବା ସେ କହିଛନ୍ତି। ୧୦୦ ନିୟୁତ ସ୍ପୁଟ୍‌ନିକ ଡୋଜ୍ ଉତ୍ପାଦନ ଯୋଜନାକୁ ଅନ୍ୟ ଏକ ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀ ସ୍ଥଗିତ ରଖିଛି। ଏହା ବଦଳରେ କମ୍ପାନୀ ଅନ୍ୟ ଟିକା ଉତ୍ପାଦନ ଉପରେ ଜୋର୍ ଦେଉଛି। ଚାହିଦା ବଢ଼ିଲେ ଉକ୍ତ କମ୍ପାନୀ ସ୍ପୁଟ୍‌ନିକ ଟିକା ଉତ୍ପାଦନ କରିବ ବୋଲି କହିଛି। ରପ୍ତାନି ବଜାର ଉପରେ ପ୍ରାଥମିକତା ଦିଆଯାଉଛି ବୋଲି ଆର୍‌ଡିଆଇଏଫ୍‌ର ଭାରତରେ ଉତ୍ପାଦନ ସହଯୋଗୀ ଥିବା କମ୍ପାନୀର ମୁଖପାତ୍ର ସୂଚନା ଦେଇଛନ୍ତି। ଏହା ପରିବର୍ତ୍ତେ ସ୍ପୁଟ୍‌ନିକ ଲାଇଟ୍‌କୁ ଭାରତରେ ଖୁବ୍‌ଶୀଘ୍ର ଅନୁମତି ମିଳିବା ଆଶା କରାଯାଉଛି। ଏହାକୁ ଦେଶରେ ବୁଷ୍ଟର ଡୋଜ୍ ଭାବେ ବ୍ୟବହାର କରାଯାଇପାରିବ। ବାୟୋଲୋଜିକାଲ-ଇ କମ୍ପାନୀର ପ୍ରୋଟିନ୍ ଆଧାରିତ ଭାକ୍ସିନ, ଭାରତ ବାୟୋଟେକ୍‌ର ନାଜାଲ ଭାକ୍ସିନ ଏବଂ ଜିନୋଭା କମ୍ପାନୀର ଏମ୍‌ଆର୍‌ଏନ୍‌ଏ ଟିକା ପରୀକ୍ଷା କିମ୍ବା ଅନୁମୋଦନ ଅପେକ୍ଷାରେ ରହିଛି।

### ସିଡିଏସ୍‌ଙ୍କ ସମେତ ...

ନିକଟସ୍ଥ ୱେଲିଂଟନରେ ଥିବା ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜକୁ ପରିଦର୍ଶନରେ ଯାଉଥିଲେ। ଷ୍ଟାଫ୍ ପାଠ୍ୟକ୍ରମର ଫାକଲ୍ଟି ଓ ଛାତ୍ରୀଛାତ୍ରଙ୍କୁ ସେଠାରେ ସମ୍ବୋଧନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ତେଣୁ ସେମାନେ ପ୍ରଥମେ ଦିଲ୍ଲୀରୁ ଏକ ଅନ୍ୟ ଏକ ଏୟାରକ୍ରାଫ୍ଟରେ କୋଏମ୍ବାଟୁରର ସୁଲୁରସ୍ଥିତ ଏୟାରଫୋର୍ସ ବେସ୍‌ରେ ପହଞ୍ଚିଥିଲେ। ସେଠାରୁ ୧୧ଟା ୪୭ ମିନିଟରେ ୱେଲିଂଟନ ଅଭିମୁଖେ ବାହାରିଥିଲେ। ଏହାର କିଛି ସମୟ ପରେ ଅର୍ଥାତ୍ ମଧ୍ୟାହ୍ନ ୧୨ଟା ୨୦ରେ ରୁଷିଆ ନିର୍ମିତ ଏମ୍‌ଆଇ-୧୭ଭି୫ ହେଲିକପ୍ଟରଟି ନୀଳଗିରି ପର୍ବତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ନିଆଁ ଲାଗିଯାଇଥିଲା। ହେଲିକପ୍ଟରରେ ଥିବା ୫ କ୍ରିଉ ଓ ୮ ଯାତ୍ରୀଙ୍କ ଶରୀର ଜଳିଯାଇଥିଲା। ମଧୁଲିକାଙ୍କ ସମେତ ଅନ୍ୟ କେତେଜଣଙ୍କ ଦୁର୍ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ରାୱତ୍‌ଙ୍କ ସହ ଆଉ କେତେଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ୱେଲିଂଟନ୍ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାୱତ୍‌ଙ୍କ ପରଲୋକ ହୋଇଥିବା ନେଇ ସନ୍ଧ୍ୟା ପ୍ରାୟ ୬ଟାରେ ଘୋଷଣା କରାଯାଇଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଦୁର୍ଘଟଣାସ୍ଥଳକୁ ପରିଦର୍ଶନରେ ଯାଇଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇବା ପରେ ମେଡିକାଲ ଟିମ୍ ଓ ନୀଳଗିରି ଜିଲାପାଳ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେମାନଙ୍କ ସାଙ୍ଗରେ ୮ଟି ଆମ୍ବୁଲାନ୍ସ ମଧ୍ୟ ଯାଇଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବାରୁ ହେଲିକପ୍ଟରର ଭଗ୍ନାବଶେଷ ଠାବ କରିବା ବିଳମ୍ବ ହୋଇଥିଲା। ହେଲିକପ୍ଟରଟି ଖଣ୍ଡବିଖଣ୍ଡିତ ହୋଇ ଏଠିସେଠି ଜଳୁଥିବା ଦେଖିବାକୁ ମିଳିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅବଗତ କରାଇଥିଲେ। ପ୍ରଧାନମନ୍ତ୍ରୀ ଗୁରୁବାର ପାର୍ଲାମେଣ୍ଟରେ ଏ ସମ୍ପର୍କରେ ବିବୃତି ରଖିପାରନ୍ତି। ଜେନେରାଲ ରାୱତ୍‌ଙ୍କ ପରଲୋକରେ ଅନେକ ପୂର୍ବତନ ସେନାମୁଖ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଭିଭିଆଇପିମାନଙ୍କ ପାଇଁ ବ୍ୟବହୃତ ଏମ୍‌ଆଇ-୧୭ ଡବଲ ଇଞ୍ଜିନ ହେଲିକପ୍ଟରକୁ ସେମାନେ ଏକ ସୁରକ୍ଷିତ ଚୋପର୍ ବୋଲି କହିଛନ୍ତି। ମୃତକମାନଙ୍କ ମଧ୍ୟରେ ବ୍ରିଗେଡିୟର ଏଲ୍.ଏସ୍. ଲିଡ୍ଡେର, ଲ୍ୟୁଟ୍‌ନାଣ୍ଟ ଜେନେରାଲ କଲୋନେଲ ହରଜିନ୍ଦର ସିଂ, ନାଏକ ଗୁରସେବକ ସିଂ, ନାଏକ ଜିତେନ୍ଦ୍ର କୁମାର, ନାଏକ ବିବେକ କୁମାର, ନାଏକ ବି. ସାଇ ତେଜା, ହାବିଲଦାର ସତପାଲ ଓ ପାଇଲଟମାନେ ଥିବାବେଳେ କେତେଜଣଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ। ସେମାନଙ୍କ ପରିଚୟ ଜାଣିବା ପାଇଁ ଡିଏନ୍‌ଏ ପରୀକ୍ଷା କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣଙ୍କର ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନ ପରେ ପାଇବେ। ସାମାଜିକ ସ୍ତରରେ ଆଦର ଅଭ୍ୟର୍ଥନା ଏବଂ ସବୁରି ସଦିଚ୍ଛା ମିଳିବ।

**ବୃଷ** – ପାରସ୍ପରିକ ଦୋଷଦର୍ଶିତା ହେତୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବୁଧଙ୍କ ପ୍ରଭାବରୁ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। ରୋହିଣୀ ନକ୍ଷତ୍ର ବେପରୁଆ କାର୍ଯ୍ୟକଳାପ ସକାଶେ ସମାଲୋଚିତ ହୋଇପାରନ୍ତି। ଅନ୍ୟ ପାଇଁ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ ଅବଶ୍ୟ କିଛିଟା ରିହାତି ପାଇବେ।

**ମିଥୁନ** – ସରଳ ସ୍ୱଭାବ ହେତୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଅର୍ଥ ପାଇବେ ଓ କାମଟି ବିଳମ୍ବରେ ହେବ କିନ୍ତୁ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ ଏବଂ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** – ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ହେବ ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ସିଂହ** – ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପାରିବାରିକ କ୍ଷେତ୍ରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଧାର ସୂତ୍ରରେ ଅର୍ଥ ସଂଗ୍ରହ କରିବେ ଏବଂ ଆବଶ୍ୟକ ମନେ କରୁଥିବା ଜିନିଷ ସମୂହକୁ କିଣିପାରିବେ।

**କନ୍ୟା** – ଆର୍ଥିକ ସମସ୍ୟାକୁ ସୁଧାରି ନେବେ ଏବଂ କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଚିତ୍ରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ।

**ତୁଳା** – ଶୁକ୍ରଙ୍କ ପ୍ରଭାବରୁ ଖୁସିଗପ ମଉଜ ମଜଲିସ୍ ପାଇଁ ମନ ବଳିବ। ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀମାନଙ୍କ ଦ୍ୱନ୍ଦ୍ୱଯୁକ୍ତ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। ସ୍ୱାତୀ ନକ୍ଷତ୍ର ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ବସିବେ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ରହିଲେ ନିନ୍ଦିତ ହେବେ। ଅଭାବ ସୁଧାରିବା ପରିପ୍ରେକ୍ଷୀରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟାର ସମାଧାନ କରିବା ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା କରିବେ।

**ଧନୁ** – ଆଜିର ଗ୍ରହଯୋଗ ସମସ୍ତ ପ୍ରକାର ଅଭିଳାଷକୁ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି କରିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଖଳ ଲୋକମାନଙ୍କ ହାବୁଡରୁ ଅପମାନଜନକ ସ୍ଥିତିରୁ ଖସିଯାଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ କିନ୍ତୁ ଭୁଲ କାମ କରି ପଶ୍ଚାତ୍ତାପ କରିବେ।

**ମକର** – ଆଜିହିଁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଧାର କରଜ,ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବ। ପାରିବାରିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହି ନ ପାରେ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ହାସଲ କରିବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଦୁଃଖ ଜଣାନ୍ତୁ ; ଅବଶ୍ୟ ଉପକୃତ ହେବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** – ହାତକୁ ନେଇଥିବା କାମଗୁଡ଼ିକ ଅବଶ୍ୟ ହୋଇଯିବ ମାତ୍ର ଏଥି ସକାଶେ କଠିନ ପରିଶ୍ରମ କରିବାକୁ ପଡ଼ିବ। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେବାର ଆଶଙ୍କା ଉପୁଜିପାରେ। କାମ ହାସଲ ସକାଶେ ନୀତି ବହିର୍ଭୂତ କାମ କରି ସମାଲୋଚିତ ହେବେ।

## classifieds Everyday 0674-2580101, 2549302

real estate

**SALE**

2 bedroom flat with car parking is available for sale in Unit-9, Bhubaneswar. Contact: 9820700400. D-71608

ହଂସପାଳ ବଜାରରୁ ୨ କି.ମି. ଦୂରତାରେ ୩୦ ଫୁଟ ରୋଡ୍, ଲାଇନ୍, ପାଣି ସୁବିଧା ଥାଇ ବାସ ଉପଯୋଗୀ ପ୍ଲଟ୍ ମିଳୁଅଛି । 7205047488. D-22487

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/ General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

Complete boundarywall 30' Blacktop Road, Electricity fully developed plot near Balianta Police Station. 9777025016. D-22489

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁର ବଜାର sqft.- 200/- (outright). 9348232008. D-22469

to-let

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

healthcare

@999 refreshing your mind, body with the best therapy - 7873794731. D-71918

One hour any therapy by expert therapist @800 only. 9078484455. D-71449

Newly Open Saikrupa Panchakarma Spa positively health benefits with Expert. 8984068077. D-22470

education

Admissions for Regular B.ED courses of andhra university are available at here in Ashoka Collage of Education, Vizayanagaram Contact numbers -9337987055, 9861223512. D-22474

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସେନ୍‌ସେକ୍ସରେ ୧୦୧୬ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୮।୧୨:** ଓମିକ୍ରନ୍‌ର ଭୟ ମଧ୍ୟରେ ବୁଧବାର ଦାଲାଲ ଷ୍ଟ୍ରିଟ୍‌ରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଗୋଟିଏ ପଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ନୂତନ ମୁଦ୍ରାନୀତିକୁ ନେଇ ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏହାରି ମଧ୍ୟରେ ମଧ୍ୟ ନିବେଶକଙ୍କ ପାଇଁ ଖୁସି ଖବର ଦାଲାଲ ଷ୍ଟ୍ରିଟ୍‌ରେ ମିଳିଥିଲା। ଉଭୟ ମଙ୍ଗଳ ଓ ବୁଧବାର ଶେୟାର ବଜାର ଉଚ୍ଚା ରହିଛି। ଫଳରେ ବମ୍ବେ ଷ୍ଟକ୍ ବଜାର (ବିଏସ୍‌ଇ)ର ସୂଚକାଙ୍କ ସେନ୍‌ସେକ୍ସ ପ୍ରାୟ ୧୦୧୬ ପଏଣ୍ଟ ବୃଦ୍ଧି ପାଇ ୫୮ ହଜାର ଟପିଯାଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ସୂଚକାଙ୍କ ନିଫ୍ଟିରେ ମଧ୍ୟ ୨୯୦ ପଏଣ୍ଟରୁ ଅଧିକା ବଢ଼ି ୧୭ ହଜାର ପଏଣ୍ଟ ଉପରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ଡିସେମ୍ବର ୮ରେ ସେନ୍‌ସେକ୍ସ ୧୦୧୬.୦୩ ପଏଣ୍ଟ ବୃଦ୍ଧି ପାଇ ୫୮,୬୪୯.୦୩ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟିର ଇଣ୍ଡେକ୍ସ ମଧ୍ୟ ୨୯୩.୦୫ ଅଙ୍କ ବୃଦ୍ଧି ଘଟି ୧୭,୪୬୯.୭୫ ପଏଣ୍ଟରେ ପହଞ୍ଚିଛି। ସେନ୍‌ସେକ୍ସର ଶ୍ରେଷ୍ଠ ୩୦ଟି ଶେୟାର ମଧ୍ୟରୁ ପ୍ରାୟ ସମସ୍ତ ଷ୍ଟକ୍ ନୀଳ ସଙ୍କେତରେ ବନ୍ଦ ହୋଇଥିବା ବେଳେ ବଜାରର ଉଭୟ ନିବେଶକ ସଂସ୍ଥା ସର୍ବାଧିକ ଲାଭବାନ୍ ହୋଇଛନ୍ତି। ସେହିପରି ଟାଟା ଷ୍ଟିଲ, ଏସ୍‌ବିଆଇ,ଆଇସିଆଇସିଆଇ ବ୍ୟାଙ୍କ, ମାରୁତି, ସନ୍ ଫାର୍ମା, ଏସିଆନ ପେଣ୍ଟସ, ଭାରତୀ ଏୟାର ଟେଲ୍ ଏବଂ ଆଇଟି କ୍ଷେତ୍ରର ନିବେଶକଙ୍କ ଶେୟାର ମୂଲ୍ୟ ବୃଦ୍ଧି ପାଇଛି।

# ଓଡ଼ିଶାର ବିକାଶ ପାଇଁ ତ୍ରିସ୍ତରୀୟ ବୁଝାମଣାପତ୍ର

ଭୁବନେଶ୍ୱର,୮।୧୨

ରାଜ୍ୟର ସଡ଼କ, ରେଳପଥ, ଆଭ୍ୟନ୍ତରୀଣ ଜଳପଥ, ସ୍ଲରି ପରିବହନ, ସାଧାରଣ ପରିବହନ, ବନ୍ଦର ଏବଂ ବିମାନ ଯୋଗାଯୋଗ ଭଳି ସମସ୍ତ ପ୍ରକାର ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ନେଇ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଏକ ସର୍ବେକ୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସର୍ବେକ୍ଷଣ କାର୍ଯ୍ୟ କରିବା ପାଇଁ ଏକ ବ୍ୟାପକ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ଓଡ଼ିଶା ସରକାର ଓ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥା ରାଇଟ୍‌ସ ଲିମିଟେଡ୍ ସହ ଆଇସିସି ହାତ ମିଳାଇଛି। ଏହି ସର୍ବେକ୍ଷଣରେ ରାଜ୍ୟରେ ଥିବା ପରିବହନ ଭିତ୍ତିଭୂମି ଓ ଭବିଷ୍ୟତରେ ଶିଳ୍ପର ସମ୍ପ୍ରସାରଣ ଯୋଜନା, ରେଳ ଓ ସଡ଼କ ଭିତ୍ତିଭୂମିର ଆକଳନ କରାଯିବ। ବନ୍ଦର ଭିତ୍ତିଭୂମି, ଜଳପଥର ପରିବହନ କ୍ଷମତା, ଲୁହାପଥର ଓ ତୈଳ ଏବଂ ଗ୍ୟାସ୍ ପରିବହନ ଲାଗି ପାଇପଲାଇନ୍ ଆଦି ଭିତ୍ତିଭୂମିର ମଧ୍ୟ ଅନୁଶୀଳନ କରାଯିବ। ରାଜ୍ୟ ବିକାଶର ଏକ ନୀଳ ନକ୍ସା ବୁଧବାର ସ୍ଥାନୀୟ ଇଡ୍‌କୋ ସମ୍ମିଳନୀ କକ୍ଷରେ ପରିକଳ୍ପନା ସହ ଏକ ରାଜିନାମା/ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




## ୩ ମାସରେ ସରିବ ରିପୋର୍ଟ କାର୍ଯ୍ୟକ୍ରମ

ଓଡ଼ିଶାର ପରିବହନ ଲଜିଷ୍ଟିକ୍ ଭିତ୍ତିଭୂମିର ବ୍ୟାପକ ରିପୋର୍ଟ ପ୍ରସ୍ତୁତ କରିବା ଲାଗି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ଓ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଆଇସିସି ପକ୍ଷରୁ ଦୁଇଟି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ଗୋଟିଏ ଏମ୍‌ଓୟୁ ଓଡ଼ିଶା ସରକାରଙ୍କ ସହ ଓ ଅନ୍ୟଟି ରାଇଟ୍‌ସ ସହିତ ସ୍ୱାକ୍ଷର କରାଯାଇଛି। ଏହି ପରିପ୍ରେକ୍ଷୀରେ ଅସିତ ତ୍ରିପାଠୀ କହିଛନ୍ତି , ରାଜ୍ୟର ପରିବହନ ଭିତ୍ତିଭୂମିରେ ଥିବା ସମସ୍ୟା ବିଷୟରେ ଆମେ ସବୁ ପ୍ରାୟ ଅବଗତ ଅଛୁ। ଶିଳ୍ପସଂସ୍ଥାଗୁଡ଼ିକର ସମସ୍ୟା ବୁଝିବା ଲାଗି ଆମେ ନିୟମିତ ବ୍ୟବଧାନରେ ସେମାନଙ୍କ ସହ ଆଲୋଚନା ମଧ୍ୟ କରୁଛୁ ଏବଂ ସେହି ଅନୁସାରେ ତା'ର ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ଡିଏମ୍‌ଏଫ ପାଣ୍ଠିକୁ ବ୍ୟବହାର କରି କେନ୍ଦୁଝରର ଓ ସୁନ୍ଦରଗଡ଼ରେ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରାଯାଉଛି। କୋଲ୍ କରିଡର କାର୍ଯ୍ୟ ମଧ୍ୟ କିଛି ବର୍ଷ ହେଲାଣି ଜାରି ରହିଛି ବୋଲି ତ୍ରିପାଠୀ କହିଛନ୍ତି। ସେହିଭଳି ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି , ରାଜ୍ୟର ପରିବହନ ଭିତ୍ତିଭୂମିରେ ଉନ୍ନତି ଆଣିବା ଲାଗି ଆଗାମୀ ୩ ମାସ ମଧ୍ୟ ଏହି ରିପୋର୍ଟ ପ୍ରାୟତଃ ପ୍ରକାଶ ପାଇଯିବ। ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ କିଛି ପଦକ୍ଷେପ ଗ୍ରହଣ କରିବା ଭଳି ସୁପାରିସ ମଧ୍ୟ ପ୍ରଦାନ କରାଯିବ ବୋଲି ଆମେ ଆଶା କରୁଛୁ। ରାଜ୍ୟ ସରକାର, ରାଇଟ୍‌ସ ଓ ଆଇସିସି ଭଳି ସଂସ୍ଥା ଜଡ଼ିତ ଥିବାରୁ ଏହା ଏକ ଅର୍ଥପୂର୍ଣ୍ଣ କାର୍ଯ୍ୟ ହେବ। ସେହିପରି ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି. ପାଣି କହିଛନ୍ତି, ଏହି ସର୍ବେକ୍ଷଣରେ ବିଭିନ୍ନ ବିଭାଗ ଠାରୁ ତଥ୍ୟ ସଂଗ୍ରହ କରି ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ଏଥିପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଇସିସି ଏହାର ଚୂଡ଼ାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବ। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ, ଟାଟା ଷ୍ଟିଲ୍‌ର ଯୋଗାଣ ଶୃଙ୍ଖଳ ଉତ୍କର୍ଷ କେନ୍ଦ୍ର ମୁଖ୍ୟ ପ୍ରଦୀପ ବଳ, ରାଇଟସ୍‌ର ଜିଏମ୍ ସି.ଏଲ୍. ଶାହ, ଆଇସିସି ଓଡ଼ିଶାର ସହ ଉପାଧ୍ୟକ୍ଷ ଏମ.ସି. ଗୁପ୍ତା, ମେଣ୍ଟର ସନ୍ତୋଷ କୁମାର ମହାପାତ୍ର ଓ ସଂଯୋଜକ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନଭେମ୍ବରରେ ୧୧,୯୦୯ ଟ୍ରାକ୍ଟର ବିକ୍ରି

ନୂଆଦିଲ୍ଲୀ ୮।୧୨(ପି.ଟି.)

## ସୋନାଲିକାର ୧.୪% ବଜାର ଅଂଶଧନ ବୃଦ୍ଧି

କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ସଚେତନତା ବୃଦ୍ଧି ଯୋଗୁ କୃଷି ଯନ୍ତ୍ରପାତି ବ୍ୟବହାରରେ ଏକ ବଡ଼ ପରିବର୍ତ୍ତନ ଦେଖାଦେଇଛି। ବିଶ୍ୱବ୍ୟାପୀ ଚାଷୀମାନେ ପାରମ୍ପରିକ ଚାଷକୁ ଗୁରୁତ୍ୱ ଦେବା ସହ କୃଷି ଯନ୍ତ୍ରପାତି ଉପରେ ନିର୍ଭରଶୀଳତାକୁ ଅଧିକ କରୁଛନ୍ତି। ଆଉ ଏହି ପରିବର୍ତ୍ତନର ଦୌଡ଼ରେ ଭାରତର ପ୍ରମୁଖ ଟ୍ରାକ୍ଟର ନିର୍ମାଣ କମ୍ପାନୀ ସୋନାଲିକା ଟ୍ରାକ୍ଟର୍ସ ମଧ୍ୟ ସାମିଲ୍ ହୋଇଛି। ଫଳସ୍ୱରୂପ ସୋନାଲିକା ଟ୍ରାକ୍ଟର୍ସର ନଭେମ୍ବରରେ ସର୍ବାଧିକ ବଜାର ଅଂଶଧନ ୧୬% ରହିଛି, ଯାହାକି ପୂର୍ବବର୍ଷ ଅପେକ୍ଷା ୧.୪% ବୃଦ୍ଧି ଘଟିଛି। ୨୦୨୧ ନଭେମ୍ବରରେ ସୋନାଲିକା କମ୍ପାନୀ ଭାରତ ସମେତ ବିଦେଶରେ ମୋଟ ୧୧,୯୦୯ ଟ୍ରାକ୍ଟର ବିକ୍ରି କରିଛି। ଏପରି କି ନଭେମ୍ବରେ ସୋନାଲିକା କମ୍ପାନୀ ନିଜର ବଜାର ଅଂଶଧନକୁ ବୃଦ୍ଧି କରିବା ସହ ଏହାର ସ୍ଥାନକୁ ୧ ନମ୍ବରରେ ରଖିପାରିଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଏଯାବତ୍ କମ୍ପାନୀ ୨୨,୨୬୮ ଟ୍ରାକ୍ଟର ବିକ୍ରି କରିପାରିଛି। ପୂର୍ବବର୍ଷ ଏହି ସମାନ ସମୟରେ ୧୨,୯୩୭ ଟ୍ରାକ୍ଟର ବିକ୍ରି ହୋଇଥିଲା। ବିଶେଷକରି ଗତ ନଭେମ୍ବରରେ ୩,୨୨୫ ଟ୍ରାକ୍ଟର ବିଦେଶରେ ବିକ୍ରି ହୋଇଥିବାବେଳେ ଗତ ବର୍ଷ ସମାନ ସମୟରେ ୧୬୦୭ ଟ୍ରାକ୍ଟର ବିକ୍ରି ହୋଇଥିଲା। ସମୟର ଚାହିଦାକୁ ଦେଖି ଟ୍ରାକ୍ଟରର ନୂଆ ମଡେଲର ବଜାର ପ୍ରବେଶ ଏବଂ ବିଶ୍ୱସ୍ତରୀୟ ମାନ ବଜାୟ ରଖିବା ଆମ ସଫଳତାର ଚାବିକାଠି ବୋଲି ସୋନାଲିକାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମନ୍ ମିତ୍ତଲ କହିଛନ୍ତି।



ରମନ୍ ମିତ୍ତଲ

# ସମାଜରେ ପରିବର୍ତ୍ତନ ଆଣୁଛନ୍ତି ଅଭିନେତ୍ରୀ




**ମୁମ୍ବାଇ:** ବଲିଉଡର ବିବାଦୀୟ ଅଭିନେତ୍ରୀ କଙ୍ଗନା ରାନାୱତ ଅନେକ ସମୟରେ ନିଜ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ଏବେ ଚର୍ଚ୍ଚାରେ ଥିବା ଭିକ୍କିଏବଂ କ୍ୟାଟ୍ରିନାଙ୍କ ବିବାହକୁ ନେଇ କଙ୍ଗନା କମେଣ୍ଟ କରିଛନ୍ତି । ନିଜ ଇନଷ୍ଟା ଷ୍ଟୋରିରେ ସେ ଏହା ଶେୟାର କରିଛନ୍ତି। ଭିକ୍କି ଏବଂ କ୍ୟାଟ୍ରିନାଙ୍କ ମଧ୍ୟରେ ଥିବା ବୟସ ଅନ୍ତର ଉପରେ କଙ୍ଗନା କମେଣ୍ଟ କରିଥିବା ଚର୍ଚ୍ଚା ହେଉଛି।କ୍ୟାଟ୍ରିନାଙ୍କୁ ୩୮ ବର୍ଷ ହୋଇଥିବା ବେଳେ ଭିକ୍କିଙ୍କୁ ୩୩ ବର୍ଷ । ଉଭୟେ ଏବେ ବିବାହ କରିବାକୁ ଯାଉଛନ୍ତି। କଙ୍ଗନା ଏହା ଉପରେ କମେଣ୍ଟ କରି କହିଛନ୍ତି ଯେ ବିବାହରେ ଏଭଳି ବୟସ ଅନ୍ତର ରହିବା ଆବଶ୍ୟକ। କୁହାଯାଏ ଯେ ଜଣେ ମହିଳା ନିଜଠୁ କମ ବୟସର ପୁରୁଷକୁ ବିବାହ କଲେ ତା'ର ଅବନତି ହୋଇଥାଏ। ଭାରତରେ ବିବାହର କିଛି ନିର୍ଦ୍ଧାରିତ ବୟସ ମଧ୍ୟ ରହିଛି । କିନ୍ତୁ ଏହା ଦେଖି ବହୁତ ଖୁସି ଲାଗୁଛି ଯେ ଭାରତୀୟ ଅଭିନେତ୍ରୀ ଭାରତରେ ଲିଙ୍ଗଗତ ଚିନ୍ତାଧାରାରେ ପରିବର୍ତ୍ତନ ଆଣିପାରିଛନ୍ତି। ଏହା ଲୋକଙ୍କ ଭାବନା ବଦଳାପାରିବ ବୋଲି ସେ କହିଛନ୍ତି।

# ଇଡିରେ ହାଜର ହେଲେ ଜ୍ୟାକ୍‌ଲିନ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସମ୍ମୁଖରେ ହାଜରେ ହେଇଛନ୍ତି। ମନି ଲଣ୍ଡରିଂ ମାମଲାରେ ଇଡିରେ ସେ ହାଜର ହୋଇଥିବା ଜଣାଯାଇଛି। ସୁକେଶ ଚନ୍ଦ୍ରଶେଖର ସହ ଜଡିତ ୨୦୦ କୋଟି ଟଙ୍କା ଠକେଇ ମାମଲାରେ ତାଙ୍କୁ ଇଡି ପଚରାଉଚରା କରୁଛି। ଏହା ପୂର୍ବରୁ ମଧ୍ୟ ଜ୍ୟାକଲିନ୍‌ଙ୍କୁ ମୁମ୍ବାଇ ବିମାନ ବନ୍ଦରେ ଅଟକ ରଖି ଇଡି କିଛି ଘଣ୍ଟା ପଚରାଉଚରା କରିଥିଲା। ବୁଢ଼ବାର ଇଡି କାର୍ଯ୍ୟାଳୟରେ ସାକ୍ଷୀ ଭାବରେ ଜ୍ୟାକଲିନ୍‌ଙ୍କୁ ପଚରାଉଚରା କରାଯାଉଛି। ଜ୍ୟାକଲିନ୍‌ଙ୍କୁ ପଚରାଉଚରା କରିବା ପାଇଁ ଇଡି ଅଧିକାରୀମାନେ ୫୦ ପ୍ରଶ୍ନର ଏକ ଲମ୍ବା ତାଲିକା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଉଛି। ଏଥିରେ ସୁକେଶଙ୍କ ବଟି ଆଦାୟ, ଠକେଇ ସମେତ ଜ୍ୟାକଲିନଙ୍କ ସହ ସମ୍ପର୍କ ଉପରେ ମଧ୍ୟ ପ୍ରଶ୍ନ ସାମିଲ ଅଛି। ଏହାପୂର୍ବରୁ ଅଭିନେତ୍ରୀଙ୍କ ବିରୋଧରେ ଇଡି ଲୁକ ଆଉଟ ନୋଟିସ ଜାରି କରିଥିଲା। ଜ୍ୟାକଲିନ ଦେଶ ଛାଡି ବିଦେଶକୁ ପଳାଇବା ନେଇ ଇଡି ଆଶଙ୍କା କରିଥିଲା। ରବିବାର ସନ୍ଧ୍ୟାରେ ମୁମ୍ବାଇ ବିମାନ ବନ୍ଦରରେ ଜ୍ୟାକଲିନ୍‌ଙ୍କୁ ଇଡି ଅଟକ ରଖିଥିଲା।


**GRIDCO LIMITED**

(A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CAD-2210 CIN : L40109OR1995SGC003960

**NOTICE INVITING TENDER**

NIT No: GRIDCO-CF-1/2021 Dated : 07.12.2021

For and on behalf of GRIDCO Ltd., sealed tenders are invited for "Empanelment of Valuer" from reputed valuation Firms/Registered valuer entities/Consortiums for valuation of Electricity Distribution Assets.
For eligibility criteria, terms & conditions and other particulars etc., intending bidders may please visit website of GRIDCO Ltd. i.e. www.gridco.co.in.
The last date of submission of bid is 15.12.2021 by 3 P.M.

OIPR-14069/11/0011/2122 Sd/- Chief Financial Officer

---

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ

**DISTRICT PROJECT OFFICE SAMAGRA SHIKSHA, ANGUL**

Phone: 06764-232412, Fax: 06764-233808
E-mail: dpcangulssa.opepa@nic.in, ssaangul@rediffmail.com
Letter No. 3787/IE
File No. VI/IE/ /2021-22 Date: 08.12.2021

**CORRIGENDUM NOTICE**

Last date for submission of the bid documents for intending bidder against the Quotation Call Notice No. 3740/IE/ Dtd.03.12.2021 is herewith extended upto 16.12.2021 with same terms & conditions as mentioned before. The sealed bid will be opened on 17.12.2021 at 11.00 A.M. in the office chamber of DEO-cum-DPC, Angul.

Sd./- DEO-cum-DPC
Samagra Shiksha, Angul

---

**ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ, ଅନୁଗୋଳ**

**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଟାମଡାର ସାଫଲ୍ୟ:-**

➢ ଅନୁଗୋଳ ସହରରେ ସୁଲଭ ମୂଲ୍ୟରେ HUDCO Assistanceରେ ବିଭିନ୍ନ କିସମର ଆବାସିକ ଗୃହ ନିର୍ମାଣ କରାଯାଇ ଜନସାଧାରଣଙ୍କୁ ଆବଣ୍ଟନ କରାଯାଇଛି । ➢ ସୁଲଭ ମୂଲ୍ୟରେ ଅନୁଗୋଳ ସହ, ତାଳଚେର ସହର ଓ ବଁଅରପାଳଠାରେ ବେରୋଜଗାରୀମାନଙ୍କୁ ରୋଜଗାର ଯୋଗାଇଦେବା ନିମିତ୍ତ ୨୦୨ଟି ଦୋକାନ ଗୃହ ତିଆରି କରାଯାଇ ମାସିକ ଭଡ଼ା ସୂତ୍ରରେ ଜନସାଧାରଣଙ୍କୁ ଆବଣ୍ଟନ କରାଯାଇଛି । ➢ ବିବାହ, ବ୍ରତ ଓ ସଭା ସମିତି ଉଦ୍ଦେଶ୍ୟରେ ଜନସାଧାରଣଙ୍କ ଉପଯୋଗ ନିମିତ୍ତ ଆଶୀର୍ବାଦ ଓ ସମର୍ପଣ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି । ➢ ବିଜୁ ମଇଦାନର ଚତୁଃପାର୍ଶ୍ୱରେ ଚଲାପଥ ନିର୍ମାଣ ସହ Health Corridor, Food Court ଏବଂ ଆଲୋକୀକରଣର ସୁବନ୍ଦୋବସ୍ତ କରାଯାଇଛି । ➢ ଶୈଳଶ୍ରୀକ୍ଷେତ୍ର ନିକଟରେ ଟାମଡା ତରଫରୁ ନିର୍ମିତ "Angul Cafe" ଜନସାଧାରଣଙ୍କ ଉଦ୍ଦେଶ୍ୟରେ ହସ୍ତାନ୍ତର କରାଯାଇଛି । ➢ ବିଜୁ ମଇଦାନ ନିକଟରେ ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ଏକ Water Sprinkler ସହିତ Selfy point like I Love Angul ଏକ ଲେଖାଯାଇ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି । ➢ ଅନୁଗୋଳ ଜିଲ୍ଲାର ଉନ୍ନତି ପାଇଁ ସରକାରୀ ଜାଗାର ସଂରକ୍ଷଣର ସୁବନ୍ଦୋବସ୍ତ ପାଇଁ ପଦକ୍ଷେପ ନିଆଯାଇଛି । ➢ ଅନୁଗୋଳ ସହରରେ ଥିବା ଜଳାଶୟଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ପୁନଃଉଦ୍ଧାର ପାଇଁ ନୂତନ ପରିକଳ୍ପନା କରାଯାଇଛି ।

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା:-**

➢ ଟାମଡାର ନିୟମ ଅନୁଯାୟୀ ଟାମଡା କାର୍ଯ୍ୟାଳୟରୁ ନକ୍ସା ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ । ➢ ଗୃହ ନିର୍ମାଣ ସମୟରେ ରାସ୍ତା, ଡ୍ରେନ୍ ଓ ସେଟ୍ ବ୍ୟାକ୍ (set back) ପ୍ରତି ଧ୍ୟାନ ଦିଅନ୍ତୁ । ➢ ଦୋକାନ ଗୃହ ଓ ହୋଟେଲ ନିର୍ମାଣ ବେଳେ ରାସ୍ତା ଓ ପାର୍କିଂ ସ୍ପେସ୍ (parking space) ରଖି ନିର୍ମାଣ କରନ୍ତୁ । ➢ ଘର, ଦୋକାନ ଗୃହ ଓ ହୋଟେଲର ନକ୍ସା ଟାମଡା ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯନ୍ତ୍ରୀ କିମ୍ବା ସ୍ଥପତିମାନଙ୍କ ଦ୍ୱାରା ପ୍ରସ୍ତୁତ କରାନ୍ତୁ । ➢ ଜାଗା (Land) କ୍ରୟ କରିବା ପୂର୍ବରୁ ଟାମଡା ମାଷ୍ଟର ପ୍ଲାନିଂ ଜୋନିଂ (Zoning) ଦେଖି କ୍ରୟ କରନ୍ତୁ । ➢ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଟାମଡା ଦ୍ୱାରା ପ୍ରସ୍ତୁତ ହୋଇଥିବା ଏକ ସ୍କିମ୍ (Scheme)ର ନିୟମ ପ୍ରଣାଳୀ ଅନୁସାରେ ଟାମଡାର ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନର ନିର୍ମିତ ନିର୍ମାଣ କାର୍ଯ୍ୟଗୁଡ଼ିକର ନିୟମିତକରଣ କରାଇନିଅନ୍ତୁ ।

**ଟାମଡା ପରିସରଭୁକ୍ତ ଅଞ୍ଚଳକୁ ଏକ ସୁନ୍ଦର ଯୋଜନାବଦ୍ଧ ସହର ଭାବେ ଗଢ଼ିବା ପାଇଁ ଆମ୍ଭେ ଆପଣମାନଙ୍କର ସହଯୋଗ କାମନା କରୁଛୁ ।**

ସ୍ୱା./- ଶ୍ରୀ ସିଦ୍ଧାର୍ଥଶଙ୍କର ସ୍ୱାଇଁ (ଆଇ.ଏ.ଏସ୍.)
ଉପାଧ୍ୟକ୍ଷ, ଟାମଡା, ଅନୁଗୋଳ

---

**SHORT TENDER CALL NOTICE**

**PANCHAYAT SAMITI, MANESWAR, DIST.- SAMBALPUR**

Bid Identification No. 01 PS/MAN/02/2021-22

No. 4531 Dtd.06.12.2021

The **Block Development Officer, Maneswar** on behalf of Governor of Odisha invites **Percentage Rate** bids in Single Cover System for the execution of works as detailed in the following tables.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @ 1% (Rs.) | Cost of bid document (Including GST) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of Day Care Sub-Centre at Matikhai | 15,54,723.00 | 06 (Six Calendar Months) | 'C' & 'D' Class | 15,600.00 | Rs.6,000/- |
| 2 | Const. of Kalyan Mandap at Khinda G.P. Dhama | 14,28,490.00 | 06 (Six Calendar Months) | 'C' & 'D' Class | 14,300.00 | Rs.6,000/- |
| 3 | Const. of Office Building on First Floor of Maneswar Block Office | 21,26,672.00 | 06 (Six Calendar Months) | 'B' & 'C' Class | 21,300.00 | Rs.6,000/- |

The sale of the Bid documents shall start from **Dt.09.12.2021 at 11.00 A.M.** and **close on Dt.20.12.2021 at 05.00 P.M.** Bids shall be received by this office upto **03.00 P.M. of 21.12.2021** through Registered Post/Speed Post only. **Date & time of opening 22.12.2021 at 11.00 A.M. Details available in DTCN.** Website address **http://sambalpur.nic.in.**
**N.B.:** the intending bidders who have defaulted in completing the execution of projects entrusted on them by the undersigned through tender in the last three eyars are not eligible to submit bids for this work.
The undersigned reserves the right to reject any or all bids without assigning any reasons thereof.

**Sd./- Block Development Officer, Maneswar**

---

**GOVERNMENT OF ODISHA**
**OFFICE OF THE PANCHAYAT SAMITI, GURUNDIA**

Phone No. 0671-2354138, E-mail: ori-Gurundia@nic.in

**INVITATION FOR BIDS (IFB)**

**Bid Identification No.- B.D.O. P.S, GURUNDIA 04/2021-22**
**No. 2125/P.S. GURUNDIA/ Dtd.:- 07.12.2021**

**The Block Development Officer, Gurundia**, on behalf of Governor of Odisha invites percentage rate bids through open bids in Single cover for the following construction works as per details given in the table below. The bid Should be submitted by eligible calss of Contractors of Govt. of Odisha or of equivalent Class of Contractors registered with Central Government/ MES/ Railways for execution of civil works. The proof of registration from the appropriate authority shall be enclosed along with the bid.

| Sl. No. | Name of works | Value of works (in Rupees) | Bid Security @1% (in Rs) | Cost of Bid document (in Rs) | Class of bidder | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction And Renovation OMBADC School No.71 At Kucheita UG High School, Kucheita, Gurundia Block in Sundargarh District of Odisha. | 15656512.00 | 156565.00 | 10000.00 | "A & B" | 06 (Six) Calendar months |

1. Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the office of the undersigned during office hours every day except on Sunday and public holidays till last date of sale and receipt of tender paper. The bid documents will also be available in the website: http://www.sundergarh.nic.in from **09.12.2021 of 10.00 hours to 15.12.2021 17.00 hours.**
2. Bids must be accompanied by **Earnest Money deposit/ Bid security** of the amount specified for the work in the table col.4 above in shape of N.S.C. / POTD/ Post Office Savings Pass Book/ Deposit receipt of any scheduled Bank (valid minimum one year from the date of receipt) pledged in favour of **Block Development Officer, Gurundia** and will have to be in any one of the forms as specified in the bidding documents. Bidders desirous to hire machineries or equipments from outside the State or owned but deployed outside the state are required to furnish 2% of the amount put to tender as Bid security. **(N.B.:- EMD in shape of cash/ pay orders or Bankers Cheques is not acceptable.)**
3. **The successful bidder will have to submit the Additional Performance Security amount as per Works Department OM No.4559 dt.05.04.2021 in shape of T.D.R. will pledged in favour of the Block Development Officer, Gurundia issued from any Nationalised/ Scheduled Bank in India in original before acceptance of tender, if their quoted amount is less than the estimated cost.**
4. The sale of the Bid documents shall start from **dt.09.12.2021 at 10.00 AM** and close on **dt.15.12.2021 at 05.00 PM** during office hours in the office of the undersigned. Bids shall be received on or before **05.00 PM of 15.12.2021 through Regd. Post or Speed Post or in Person only**. The authority will not be held responsible for any postal delay in delivering of the bid documents or non-receipt of the same.
5. The original Bid security along with bid document shall be submitted by **Registered Post or Speed Post or in Person** in the office of the undersigned **from 05.00 PM on dt.09.12.2021 to 05.00 PM on dt.15.12.2021** during office hours on working days failing which the bid will be rejected. The received original Bid security & Bid cost will be verified at **10.00 AM on 16.12.2021**.
6. Bids received shall be opened at **10.00 AM on 16.12.2021** in the office of **Block Development Officer, Gurundia** in the presence of the bidders who wish to attend. Bidders who participated in the bid can witness the opening of bids. If the office happens to be closed on the last date opening of the bids as specified, the bids will be opened on the next working day at the same time and venue.

Bid documents can be purchased from this office on payment of the cost of bid documents as mentioned against the work in col.5 in demand draft issued from any Nationalized Scheduled Bank may be prepared in the name of **Block Development Officer, Gurundia payable at SBI, GURUNDIA** towards bid cost.
The bid documents can be downloaded from district website: http://:www.sundergarh.nic.in on payment of the cost of bid documents of Rs.10,000/- in demand draft issued from any Nationalized Scheduled Bank may be prepared in the name of **Block Development Officer, Gurundia payable at SBI, GURUNDIA** towards bid cost and submit the demand draft in separate envelope marked "COST OF THE BIDDING DOCUMENT DOWNLOADED FROM THE INTEREST" along with the bid documents.
Other details can be seen in the bidding documents.
The authority reserves the right to cancel any or all bids without assigning any reson.
Any Addendum/ Corrigendum/ Cancellation of tender can also be seen in the Newspaper and website: http://:www.sundergarh.nic.in

**Sd./- Block Development Officer, Gurundia**

---

No. C-1538

**WATCO**
**OFFICE OF THE MANAGING DIRECTOR, WATCO**

Ground Floor, Unnati Bhawan, H.B. Colony, Satyanagar, Bhubaneswar - 751007, Odisha, India
Telefax: +91-674-2391444, E-mail: mail@watcoodisha.in, md@watcoodisha.in

**INVITATION FOR BIDS (IFB)**

Bid Identification No. WATCO(W) - 27/2021-22 Dtd.06.12.2021
WATCO No. 6978 Dt.06.12.2021

1. Name of the Work : 1. Operation of STP, P7 & Septage Treatment Plant under WATCO Sub-division, Puri-I (For 1 year). 2. Operation of all intermediate Sewerage Pumping Stations under WATCO Sub-division, Puri-II (For 1 year).
2. Estimate Cost : 1) Rs.70.02 lakh, 2) Rs.147.89 lakh,
3. Period of Completion : 12 (Twelve) Months
4. Date & time of availability of bid document in the portal : From 11.00 A.M. of Dt.21.12.2021 to 5.00 P.M. of 04.01.2022
5. Last date/time of receipt of bids in the portal : 5.00 P.M. of 04.01.2022
6. Date & time of opening of Technical Bids : 12.30 P.M. of 05.01.2022
7. Name and address of the Officer Inviting Bid : Managing Director, WATCO, Telefax: 0674-2391444, E-mail: mail@watcoodisha.in, md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in".

Sd./- (Managing Director), WATCO
OIPR-13083/11/0051/2122

---

**STATE LEVEL FARM MACHINERY TRAINING & TESTING CENTRE (SLFMTTC)**
**BARAMUNDA, AGRICULTURE & FARMERS' EMPOWERMENT DEPARTMENT, GOVT. OF ODISHA, BHUBANESWAR - 751003**

Phone No. 0674-29712, Email id: slfmttc@gmail.com/dirslfmttc-od@gov.in

**NOTICE INVITING BID**

**Govt. of Odisha "e" Procurement Notice**

Bid Identification No. dirslfmttc Baramunda, bbsr-03/2021-22
Notification No. 590 Date: 06.12.2021

No. L-105: Online bids through e-Tender portal **(https://tendersodisha.gov.in)** in double cover are invited from eligible bidders for "Supply and installation for testing equipment's service tools & machinery".

| Sl. No. | Particulars | Date and time | |
|---|---|---|---|
| 1 | Date & time of release of bid | Dt.10.12.2021 at 11.00 A.M. | |
| 2 | Date & time of pre-bid query submission through e-mail | On or before 17.12.2021 at 5.00 P.M. **slfmttc@gmail.com** | |
| 3 | Date & time of Online bid submission | Start Date & Time: Dt.18.12.2021 at 11.00 A.M. | End Date & Time: Dt.12.01.2022 at 5.00 P.M. |
| 4 | Date of submission of tender paper cost | On or before Dt.15.01.2022 at 5.00 P.M. | |
| 5 | Date & time of Online Technical Bid Opening | Dt.17.01.2022 at 11.00 A.M. | |

The bid document with all information relating to the bidding process including Prequalification criteria and terms & conditions are available in **tendersodisha.gov.in**. Director SLFMTTC reserves the right to reject or modify any conditions of the tender or cancel the tender or cancel the issued purchase order at any stage without assigning any reason thereof.

Sd./- Director, SLFMTTC, Bhubaneswar
OIPR-01426/11/0003/2122

---

**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., (OSCSC) SUNDARGARH DISTRICT**

Phone No. 06622-275119
District Website: www.sundergarh.nic.in

Tender No. 4831/4832/4833 Dt.06.12.2021

District Manager, Odisha State Civil Supplies Corporation Ltd., Sundargarh invites tenders through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Transport Contractor for transportation of Paddy from Mandi to Mill point of Sadar, Bonai & Panposh Sub-division for the KMS: 2021-22 |
| 2 | Availability of bid document in the portal | 07.12.2021 |
| 3 | Last Date/Time for receipt of bids in the portal | 20.12.2021 upto 05.30 P.M. |
| 4 | Date/Time of opening of Technical Bid | For Sadar, Sub-division: 21.12.2021 at 10.30 A.M., Bonai, Sub-division: 21.12.2021 at 11.00 A.M., Panposh, Sub-division: 21.12.2021 at 11.30 A.M. |

Tender documents and other details can be seen from the e-procurement portal **www.tendersodisha.gov.in** along with district website. Amendments/corrigendum/cancellation/ retenders etc. if any shall be published only in above websites.

Sd./- District Manager
O.S.C.S.C. Ltd., Sundargarh

ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସଂପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ– ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। –ଶ୍ରୀମା

# ବିକାଶର ସଂଘ



ଡଜୋମାର୍ଟ ଓଟୋର୍ବାଏଭ

୧୯୯୩ରେ ମୁଁ ପ୍ରଥମେ ତୁର୍କୀ ଯାଇଥିଲି ଓ ସେହି ସ୍ମୃତି ଏବେ ବି ଜୀବନ୍ତ ରହିଛି। ସୋଭିଏଟ ରୁଷିଆ ପତନର ଦୁଇବର୍ଷ ପୂର୍ବରୁ କାର୍ଜିକମାନେ ବିଶ୍ୱର ବିଭିନ୍ନ ଦେଶ ସହିତ ସମ୍ପର୍କ ରକ୍ଷା କରିବା ସହ ଆର୍ଥିକ ଦୃଷ୍ଟି କୋଣରୁ ଲାଭବାନ୍ ହେଉଥିଲେ। ପଶ୍ଚିମରେ ସବୁ ଦେଶରେ କେଉଁଠି ନା କେଉଁଠି ତୁର୍କୀର ଲୋକ ରହିଥିଲେ। ରୁଷିଆର ପତନ ପରେ ଆମେ ସେମାନଙ୍କ ସହ ସମ୍ପର୍କ ରକ୍ଷା କରିପାରି ନ ଥିଲୁ ଓ ସେମାନେ ମଧ୍ୟ ଆମ ସହ ସେଭଳି ଭାବଗତ ସମ୍ପର୍କ ରକ୍ଷା କରିପାରି ନ ଥିଲେ।। କିର୍ଗିଜସ୍ତାନ ଏବଂ ପୂର୍ବରୁ ସୋଭିଏଟ୍ ଅଧୀନରେ ଥିବା କେନ୍ଦ୍ର ଏସୀୟ ରିପବ୍ଲିକ୍‌ଗୁଡ଼ିର ସ୍ୱାଧୀନତାକୁ ସ୍ୱୀକୃତି ଦେବାରେ ତୁର୍କୀ ଥିଲା ପ୍ରଥମ ଦେଶ। ମୁଁ ଇସ୍ତାନବୁଲ୍‌ର ଆଟାତୁର୍କ ବିମାନବନ୍ଦରରେ ଯେତେବେଳେ ପହଞ୍ଚିଲି ସେଠାରେ ତୁର୍କୀର ସାଧାରଣ ଲୋକମାନଙ୍କ ନିକଟକୁ ଯାଇ ସେମାନଙ୍କ ସହ କଥା ହେବା ଲାଗି ଚେଷ୍ଟା କଲି। ଦୁଃଖର କଥା, ଆମେ ପରସ୍ପରଙ୍କୁ ବୁଝିପାରିଲୁ ନାହିଁ। ଆମମାନଙ୍କ ଭାଷାରେ ବହୁ ସାମଞ୍ଜସ୍ୟ ଥିଲେ ମଧ୍ୟ ଉଚ୍ଚାରଣରେ ପ୍ରଭେଦ ରହିଥିଲା। ପାର୍ସି, ଆରବିକ୍ ଏବଂ ଲାଟିନ୍ ଭାଷାର ବହୁ ଶବ୍ଦ ସହ ଆଧୁନିକ ତୁର୍କସ୍ ଅଭ୍ୟସ୍ତ ହୋଇଯାଇଥିବାରୁ ମୁଁ ଭେଟିଥିବା ଲୋକମାନଙ୍କ ସହ ଠିକ୍ ଭାବେ କଥା ହୋଇପାରିଲି ନାହିଁ। ଆମମାନଙ୍କ ମଧ୍ୟରେ ଏକ ସମ୍ମିଳିତ ତଥା ଭାଗୀଦାରି ସଂସ୍କୃତି ଏବଂ ପରମ୍ପରା ରହିଛି। ହେଲେ ଇତିହାସ ତୁର୍କସ୍‌ଙ୍କୁ ଭୌଗୋଳିକ ଓ ଭାଷାଗତ ଦୃଷ୍ଟି କୋଣରୁ ଅଲଗା କରିଦେଇଛି। କେବଳ ଏତିକି ନୁହେଁ,ଆମ ସ୍ୱାଭାବିକ ଜୀବନ ଓ ପ୍ରକୃତିକୁ ମଧ୍ୟ ଭିନ୍ନ କରିଦେଇଛି। ପୂର୍ବରୁ ସୋଭିଏଟ୍ ଅଧୀନରେ ଥିବା ତୁର୍କିକ୍ ବା (ତୁର୍କସ୍ ଭାଷାଭାଷୀ ଲୋକେ ରହୁଥିବା ଦେଶ)ଦେଶଗୁଡ଼ିକ ସ୍ୱାଧୀନତା ପାଇବା ପରଠୁ ୩୦ ବର୍ଷ ମଧ୍ୟରେ ଧୀରେ ଧୀରେ ସାଂସ୍କୃତିକ ସମନ୍ୱୟ ଘଟିଆସିଛି ଓ ସେମାନଙ୍କ ପ୍ରମୁଖ କ୍ଷମତା ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଚାଲିଛି। ନଭେମ୍ବରରେ ଇସ୍ତାନବୁଲରେ ଅନୁଷ୍ଠିତ ଏକ ସମ୍ମିଳନୀ ଏହାର ଏକ ଦୃଷ୍ଟାନ୍ତ। ଏଠାରେ କୋଅପରେଶନ କାଉନ୍‌ସିଲ ଅଫ୍ ତୁର୍କସ୍ ସ୍ପିକିଙ୍ଗ ଷ୍ଟେଟ୍ସର ୭ ସଦସ୍ୟ ରାଷ୍ଟ୍ର ଆଜରବୈଜାନ, କାଜାଖସ୍ତାନ, କିର୍ଗିଜ୍‌ସ୍ତାନ, ତୁର୍କୀ , ଉଜ୍‌ବେକିସ୍ତାନ , ହଙ୍ଗେରି ଏବଂ ତୁର୍କମେନିସ୍ତାନ ଯୋଗ ଦେଇଥିଲେ ଏବଂ ସେମାନଙ୍କ ସଂଗଠନର ନୂଆ ନାମକରଣ କରି ଅର୍ଗାନାଇଜେଶନ ଅଫ୍ ତୁର୍କିକ୍ ଷ୍ଟେଟ୍ସ (ଓଟିଏସ୍)ରଖିଥିଲେ। ଓଟିଏସ୍‌ର ସୀମା ହଙ୍ଗେରିଠାରୁ କିରଜିକସ୍ତାନ ପର୍ଯ୍ୟନ୍ତ ୬,୧୪୯ କି.ମି. ବ୍ୟାପ୍ତ। ଏହି ଦେଶଗୁଡ଼ିକର ଲୋକସଂଖ୍ୟା ୧୭୦ ମିଲିୟନ (୧୭କୋଟି)ରୁ ଅଧିକ ଏବଂ ଏଗୁଡ଼ିକର ମୋଟ ଜିଡିପି ୧.୩ ଟ୍ରିଲିୟନ ଡଲାରରୁ ଊର୍ଦ୍ଧ୍ୱ। ଇସ୍ତାନବୁଲ୍‌ରେ ସମବେତ ନେତୃବର୍ଗ ଘୋଷଣା କରିଥିଲେ ଯେ, ଦୃଢ ଭିତ୍ତିଭୂମି, ନିବିଡ଼ ସମ୍ପର୍କ, ଭାଇଚାରା ଏବଂ ରାଜନୈତିକ ଏକତା ଆଧାରରେ ଗଠିତ ଏହି ମେଣ୍ଟ ବା ସଂଘ ଅର୍ଥନୈତିକ ବିକାଶରେ ସହଯୋଗ କରିବା ସହ ବାଣିଜ୍ୟ ଓ ନିବେଶକୁ ମାର୍ଗଦର୍ଶନ କରିବ। ଏହି ଦେଶଗୁଡ଼ିକ ସେମାନଙ୍କ ସାଂସ୍କୃତିକ ଏବଂ ମାନବୀୟ ସମ୍ବନ୍ଧ ମଜଭୁତ କରିବାକୁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ସଂକଳ୍ପ ନେଇଥିଲେ।

ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣିବା ସକାଶେ ଓଟିଏସ୍ ସଦସ୍ୟରାଷ୍ଟ୍ରମାନେ କେନ୍ଦ୍ରଏସିଆ ଏବଂ ଆମେନିଆ, ଆଜରବୈଜାନ, ଜର୍ଜିୟା, ଦକ୍ଷିଣ ରୁଷିଆ ଏବଂ ତୁର୍କୀ ମଧ୍ୟରେ ପରିବହନ କରିଡର୍‌ଗୁଡ଼ିକର ବିକାଶ ପ୍ରତି ଗୁରୁତ୍ୱ ଦେବେ। ଏହି କରିଡରଗୁଡ଼ିକ ଚାଇନା ଏବଂ ୟୁରୋପକୁ ସଂଯୋଗ କରିବାର ସବୁଠୁ କମ୍ ପଥ ହେବ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ସର୍ବାଧିକ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ଓଟିଏସ୍‌ର ଭୌଗୋଳିକ ସ୍ଥିତି ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇପାରିବ। ସେହିଭଳି ଆଗାମୀ ଦିନରେ ଓଟିଏସ୍ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ଦୃଢ଼ ଶକ୍ତିଭିତ୍ତିକ ସହଯୋଗ ବୃଦ୍ଧି ପାଇ ଭୂରାଜନୈତିକ ଗୁରୁତ୍ୱ ବହନ କରିବ ବୋଲି ବିଚାର କରାଯାଉଛି। ଓଟିଏସ୍‌ର ୭ ସଦସ୍ୟ ମଧ୍ୟରୁ କାଜାଖସ୍ତାନ, ଉଜ୍‌ବେକିସ୍ତାନ, ତୁର୍କମେନିସ୍ତାନ ଏବଂ ଆଜର୍‌ବୈଜାନରେ ପ୍ରଚୁର ହାଇଡ୍ରୋକାର୍ବନ ଗଚ୍ଛିତ ରହିଛି। ରୁଷିଆ ଠାରୁ ଆରମ୍ଭ କରି ୟୁରୋପ ଓ ଏସୀୟ ଦେଶଗୁଡ଼ିକୁ ଶକ୍ତି ସଂସାଧନ ଯୋଗାଇ ତୁର୍କୀ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏହା ସ୍ପଷ୍ଟ ଯେ, ତୁର୍କୀ ରାଷ୍ଟ୍ରପତି ରିସେପ ତୈୟିପ ଏର୍ଡୋଗାନ୍ ତୁର୍କୀକୁ ଆଞ୍ଚଳିକ ନେତୃତ୍ୱର ଏକ କେନ୍ଦ୍ର ଭାବେ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ଲାଗି ତୁର୍କୀ ତିନୋଟି ମଡେଲ ପାନ୍–ଇସ୍‌ଲାମିଜମ୍, ନେଓ– ଓଟୋମାନିଜମ୍ କିମ୍ବା ପାନ୍–ତୁର୍କିଜମ୍ ଉପରେ ନଜର ରଖିବ। ପାନ ଇସ୍‌ଲାମିଜମ୍‌ରେ ତୁର୍କମାନଙ୍କ ସୌଦି ଆରବ ଏବଂ ଇରାନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ନେଓ– ଓଟୋମାନିଜମ୍ ଅସମର୍ଥନୀୟ, କାରଣ ତୁର୍କୀ ପୂର୍ବରୁ ସମ୍ବନ୍ଧ ଥିବା ୟୁରୋପ ଏବଂ ଏସୀୟ ଅଞ୍ଚଳଗୁଡ଼ିକରେ ତା' ପ୍ରଭାବ ହରାଇଛି। କିନ୍ତୁ ପାନ–ତୁର୍କିଜମକୁ ଦେଖିଲେ ତୁର୍କୀର କୌଣସି ବିରୋଧୀ ନାହାନ୍ତି। ନିକଟରେ ଏକ ଦୃଷ୍ଟାନ୍ତ ଏହାକୁ ପ୍ରମାଣ କରିଛି। ନାଗୋର୍ନୋ–କରାବାଖକୁ କେନ୍ଦ୍ର କରି ଆର୍ମେନିଆ ଏବଂ ଆଜରବୈଜାନ ମଧ୍ୟରେ ୨୦୨୦ର ଯୁଦ୍ଧରେ ତୁର୍କୀ ଆଜରବୈଜାନକୁ ଦୃଢ ସମର୍ଥନ ଦେଇ ତା ସହ ସମ୍ପର୍କକୁ ମଜ୍‌ଭୁତ କରିପାରିଛି।

ତୁର୍କିକ୍ ଦେଶଗୁଡ଼ିକ ଉପରେ ତୁର୍କୀ ଆଧିପତ୍ୟ ବିସ୍ତାର କରିବାର କୌଣସି ସଂକେତ ଦେଖାଯାଉ ନାହିଁ। ଯଦିବି ଏପରି କରିବାକୁ ଚାହେଁ, ତେବେ କେନ୍ଦ୍ର ଏସୀୟ ଦେଶଗୁଡ଼ିକ ନିକଟରେ ଏହାକୁ ପ୍ରତିହତ କରିବା ଲାଗି ଯଥେଷ୍ଟ ଭୂରାଜନୈତିକ ବିକଳ୍ପ ରହିଛି। କେନ୍ଦ୍ର ଏସିଆ ଏବେ ତିନି ମହାଶକ୍ତି ରୁଷିଆ, ଚାଇାନ ଏବଂ ଆମେରିକାର ଆଜ୍ଞା ପାଳଟିଥିବା ଯୋଗୁ କେନ୍ଦ୍ର ଏସୀୟ ଦେଶଗୁଡ଼ିକ ପରସ୍ପର ବିରୋଧରେ ଯୁଦ୍ଧ କିମ୍ବା ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସକ୍ଷମ। ସବୁ ଦେଶ ସେମାନଙ୍କ ଘରୋଇ ଓ ବୈଦେଶିକ ବ୍ୟାପାରକୁ ପ୍ରାଥମିକତା ଦେଇ ଆଗକୁ ବଢ଼ିବା ଲାଗି ଭାଗୀଦାରି ପ୍ରତିଷ୍ଠା କରିଛନ୍ତି। ଏଣୁ ଏହି ଦେଶଗୁଡ଼ିକ ଗ୍ରହଣ କରୁଥିବା ନୀତିଗୁଡ଼ିକୁ ମୂଲ୍ୟାୟନ କରୁଥିବାରୁ ସେମାନେ କୂଟନୈତିକ କ୍ଷେତ୍ରରେ ରିସ୍କ ନେବାକୁ ଚାହିଁବେ ନାହିଁ। ଏହା ବଦଳରେ ସେମାନେ ଇତିହାସକୁ ଲକ୍ଷ୍ୟ କରି ରୁଷିଆ, ଆର୍ଥିକ ଦୃଷ୍ଟିରୁ ଚାଇନା ଏବଂ ପ୍ରତିରକ୍ଷା କାରଣରୁ ଆମେରିକା ସହ ସହଯୋଗ ବଜାୟ ରଖିବେ। ଏର୍ଡୋଗାନ୍ ଜଣେ ବାସ୍ତବବାଦୀ ବ୍ୟକ୍ତି। ସେ ଏହା ଭଲ ଭାବେ ବୁଝିଛନ୍ତି ଏବଂ କେବେ ବି ଅନ୍ୟ ତୁର୍କିକ୍ ଦେଶଗୁଡ଼ିକୁ ବିଶେଷ କରି ତୁର୍କୀର ନିୟନ୍ତ୍ରଣରେ ରଖିବାକୁ ଚାହିଁବେ ନାହିଁ। ସେ ଆଞ୍ଚଳିକ କ୍ଷେତ୍ରରେ ପ୍ରଭାବ ବୃଦ୍ଧି କରିବାକୁ ଅଧିକ କାମ କରୁଛନ୍ତି, ଅନନ୍ୟ ନେତୃତ୍ୱ ଆବଶ୍ୟକ କରୁନାହାନ୍ତି। ରୁଷିଆ ମଧ୍ୟ ଏହି ବାସ୍ତବତାକୁ ଗ୍ରହଣ କରିବାକୁ ଚାହୁଁଛି। ଏପରି କି ଓଟିଏସ୍‌ର ସଦସ୍ୟ ହୋଇପାରେ। ରୁଷିଆର ବୈଦେଶିକ ମନ୍ତ୍ରୀ ସର୍ଗେଲା ଭୋଭ ଓଟିଏସ୍‌ରେ ଯୋଗ ଦେବାରେ କୌଣସି ସମସ୍ୟା ନାହିଁ ବୋଲି ପୂର୍ବରୁ କହିଥିଲେ। ରୁଷିଆ ସେଭିଏଟ୍‌ରୁ ଅଲଗା ହୋଇଥିବା ତୁର୍କିକ ଦେଶଗୁଡ଼ିକ ସହ ସହଯୋଗ ଦୃଢ କରୁଛି। ଏଡାକୁ ଲକ୍ଷ୍ୟ କରି ତୁର୍କୀ ମଧ୍ୟ ରୁଷିଆ ସହ ତା'ର ଦ୍ୱିପାକ୍ଷିକ ସମ୍ପର୍କ ବଢାଇପାରେ। ଏପରି କି ତୁର୍କୀ ୟୁରୋପିଆନ ୟୁନିୟନ୍‌ରେ ଯୋଗଦେବା ବଦଳରେ ରୁଷିଆ ନେତୃତ୍ୱରେ ଗଠିତ ୟୁରାସିଆନ ଇକୋନୋମିକ ୟୁନିୟନ୍ ବା ସଂଘରେ ଯୋଗ ଦେଇପାରେ ବୋଲି କେତେକେ ଅନୁମାନ କରୁଛନ୍ତି। ଏଥିରେ କାଜାକସ୍ତାନ ଓ କିର୍‌ଜିକସ୍ତାନ ଯୋଗ ଦେଇଛନ୍ତି।

ଚାଇନା ତା' ପଟରୁ ନୀରବରେ ତୁର୍କିକ ୟୁନିୟନ ଓଟିଏସ୍ ଉପରେ ଖୁବ୍ ସତର୍କଦୃଷ୍ଟି ରଖିଛି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ତତ୍ତ୍ୱାବଧାନରେ ପ୍ରକାଶିତ ଗ୍ଲୋବାଲ ଟାଇମ୍ସ ଖବରକାଗଜରେ ନିକଟରେ ଓଟିଏସ୍ ସମ୍ପର୍କରେ ଏକ ବ୍ୟାଖ୍ୟାତ୍ମକ ବିଷୟ ପ୍ରକାଶ ପାଇଛି । ଏଥିରେ ଚାଇନା ସରକାରଙ୍କ ଭୟ ରହିଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଓଟିଏସ୍ ତୀବ୍ର ଜାତିୟତାବାଦ ବୃଦ୍ଧି କରିପାରେ ଯାହା ଜାତିଗତ ସଂଘର୍ଷ ବଢାଇବା ସହ ଆଞ୍ଚଳିକ ସ୍ଥିରତା ଏବଂ ସୁରକ୍ଷା ପ୍ରତି ବିପଦ ଆଣିପାରେ ବୋଲି ଏହି ଖବରକାଗଜ ପ୍ରକାଶ କରିଛି। ଆଉ ମଧ୍ୟ ଏହା ଉଲ୍ଲେଖ କରିଛି ଯେ, ଜିନ୍‌ଜିଆଙ୍ଗ ଉଇଘର ଅଟୋନୋମୋସ ରିଜିଅନ୍‌ରେ ଥିବା ଉଇଘର ଲୋକେ ତୁର୍କଙ୍କ ଭଳି। ଏଣୁ ତୁର୍କିକ୍ ଦେଶଗୁଡ଼ିକ ତୁର୍କବାଦ ଓ ଇସଲାମବାଦ ପ୍ରସାରକୁ ଗ୍ରହଣ କରିବାର ସମ୍ଭାବନା ଥିବାରୁ ଏହା ଉପରେ ଚାଇନା ସତର୍କଦୃଷ୍ଟି ରଖିବା ଉଚିତ।

ଜିନ୍‌ଜିଆଙ୍ଗ ଅଞ୍ଚଳରେ ତୁର୍କ ଜାତିର ଉଇଘର ସଂଖ୍ୟାଲଘୁଙ୍କ ଦୁର୍ଦ୍ଦଶା ଚାଇନା ଲାଗି ଏକ ସମ୍ବେଦନଶୀଳ ଘଟଣା ନୁହେଁ ବୋଲି ଅସ୍ୱୀକାର କରିହେବନାହିଁ। କିନ୍ତୁ ଯଦି ଓଟିଏସ୍ ଆଞ୍ଚଳିକ ଆର୍ଥିକ ସମ୍ପର୍କ ପୁନଃ ସ୍ଥାପନ କରି ତାହାକୁ ଦୃଢ କରି ଚାଇନା ରାଷ୍ଟ୍ରପତିଙ୍କ ଶି ଜିନ ପିଙ୍ଗଙ୍କ ବେଲ୍ଟ ଓ ରୋଡ ଯୋଜନାକୁ ମଜଭୁତ କରେ, ତେବେ ଚାଇନା ଜିନ୍‌ଜିଆଙ୍ଗରେ ଯାହା କରୁଛି ତା' ଦୃଷ୍ଟିକୋଣ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏଯାବତ ପାଶ୍ଚାତ୍ୟ ଦେଶଗୁଡ଼ିକ ଓଟିଏସ୍ ସମ୍ପର୍କରେ କମ୍ ମନ୍ତବ୍ୟ ଦେଇଛନ୍ତି। କିନ୍ତୁ ବୃହତ୍ କ୍ଷମତା ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବାରୁ ୟୁରାସିଆନ ମେଣ୍ଟ ଅତ୍ୟନ୍ତ ପ୍ରଭାବଶାଳୀ ହେବାରେ ଲାଗିଛି। ଏହା ଆଉ ଅଧିକ ଦିନ ନୀରବ ରହିବାର ସମ୍ଭାବନା ନାହିଁ।

**ପୂର୍ବତନ ପ୍ରଧାନମନ୍ତ୍ରୀ, କିର୍‌ଜିକସ୍ତାନ**

# ସଫ୍ଟୱେର କ୍ଷେତ୍ରର ସୁରକ୍ଷା



ଶେଖ୍ ଫରିଦ୍‌ଉଦ୍ଦିନ

ଭାରତ ସଫ୍ଟୱେର ଶିଳ୍ପକୁ ନେଇ ଆନ୍ତର୍ଜାତିକସ୍ତରରେ ଗୌରବ ଅର୍ଜନ କରିବା ସାଙ୍ଗକୁ ଦେଶ ଭିତରେ ଓ ବାହାରେ ଏହି ଉଦ୍ୟୋଗରେ ବିପୁଳ ସଂଖ୍ୟକ ବୈଷୟିକ ଯୋଗ୍ୟତାପ୍ରାପ୍ତ ଭାରତୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେଇଛି। ଏବେ ଏହି ଉଦ୍ୟୋଗ ପାଇଁ ଯେପରି ଚାଲେଞ୍ଜ ବଢ଼ିଲାଣି ସେ ଦୃଷ୍ଟିରୁ ଦେଶ ସତର୍କମୂଳକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। କାରଣ ଏହି ଉଦ୍ୟୋଗ ସମ୍ପର୍କରେ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଯେଉଁ ସୂଚନା ଦେଉଛନ୍ତି ସେଥିରେ ବିଶେଷ ଖୁସି ହେବାର କିଛି ନାହିଁ। ତା' ସାଙ୍ଗକୁ ଏ କ୍ଷେତ୍ରରେ ଥିବା ଭାରତୀୟ କମ୍ପାନୀଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ସ୍ଥିତି ମଧ୍ୟ ଉତ୍ସାହଜନକ ନୁହେଁ।

ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଏହି ଉଦ୍ୟୋଗ ଭାରତ ପାଇଁ ଯେ କେବଳ ଏକ ବ୍ରାଣ୍ଡ୍ ନେମ୍ ସୃଷ୍ଟି କରିଛି ତା' ନୁହେଁ ଏଥିରୁ ବର୍ଷକୁ ୧୫୦ ବିଲିୟନ ଡଲାର ଆୟ ହେଉଛି। ଆମେରିକାରେ ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନେ ଆମେରିକୀୟମାନଙ୍କର ଚାକିରି ନେଇଯାଉଛନ୍ତି ବୋଲି ସେଠାରେ ଧାରଣା ସୃଷ୍ଟି କରାଯାଇଛି। ଭାରତରେ ବଡ଼ ସହରଗୁଡ଼ିକରେ ସଫ୍ଟୱେରରେ ପ୍ରାୟ ୪ ନିୟୁତରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଟିସିଏସ୍, ଇନ୍‌ଫୋସିସ୍ ଆଦି ଭାରତୀୟ କମ୍ପାନୀଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ହେଉଥିବାବେଳେ ଆକ୍ସେଞ୍ଚର ପରି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ କମ୍ ଖର୍ଚ୍ଚରେ ନିଜର ବ୍ୟବସାୟ ବଢ଼ାଇବାରେ ସଫଳ ହୋଇଛନ୍ତି। ବିଶ୍ୱସ୍ତରରେ ଏହି କାରଣରୁ ସଫ୍ଟୱେରରେ ଭାରତକୁ ଗୁରୁତ୍ୱ ଦିଆଯାଉଛି। ସୂଚନାପ୍ରଯୁକ୍ତି ବିଦ୍ୟାରେ ଭାରତର ବୈଷୟିକ ଦକ୍ଷତାକୁ ଏହାର ସଫ୍ଟୱେର ଇଞ୍ଜିନିୟରମାନେ ବିଶ୍ୱସ୍ତରରେ ସ୍ଥିରୀକୃତ କରାଇ ପାରିଛନ୍ତି। କିନ୍ତୁ ଗତ କିଛି ବର୍ଷରେ ଏହି ଉଦ୍ୟୋଗ ପାଇଁ କ୍ରମଶଃ ଚାଲେଞ୍ଜ ବଢ଼ିଛି। ଦେଶର ବଡ଼ କମ୍ପାନୀଗୁଡ଼ିକର କାମରେ ଏହା ପରିଲକ୍ଷିତ ହେଲାଣି। ଏଣୁ ଆର୍ଥିକ ବଜାରକୁ ଯେଉଁମାନେ ବିଶ୍ଳେଷଣ କରୁଛନ୍ତି ଅର୍ଥାତ୍ ଷ୍ଟକ୍‌ମାର୍କେଟକୁ ଯେଉଁମାନେ ଲକ୍ଷ୍ୟ କରୁଛନ୍ତି ସେମାନେ ଦେଶର ସଫ୍ଟୱେର ଉଦ୍ୟୋଗର ମୂଲ୍ୟାଙ୍କନକୁ କମ କରି ଦର୍ଶାଉଛନ୍ତି। ସ୍ୱାଭାବିକ ଭାବେ ଭୁଲ କେଉଁଠାରେ ରହିଲା ସେ ପ୍ରଶ୍ନ ଉଠିପାରେ। ପ୍ରଥମେ କେତେକ ବୈଷୟିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଗଲା। କୁହାଗଲା ଯେ, ବୈଷୟିକ ପରିବର୍ତ୍ତନ ସହ ଭାରତର ଆଇଟି ଉଦ୍ୟୋଗ ତାଳଦେଇ ପାରୁନାହିଁ। ଏ କ୍ଷେତ୍ରରେ ଦେଖାଗଲା ଯେ, ଡିଜିଟାଲ ବା ରୋବୋର୍ଟ ପରି ଯାନ୍ତ୍ରିକ ବ୍ୟବସ୍ଥା ଏପରି ନୂଆ ଦାୟିତ୍ୱ ନେବ, ଯେଉଁଥିରେ ନିଯୁକ୍ତିର ପରିସର ସଙ୍କୁଚିତ ହୋଇଯିବ। ଅବଶ୍ୟ ଅନେକେ ଯୁକ୍ତି କରୁଛନ୍ତି ଯେ, ବୈଷୟିକ କ୍ଷେତ୍ରରେ ନୂଆ ପରିବର୍ତ୍ତନ ସବୁବେଳେ ଆସିଲେ ବି ତାହା ବେକାରି ସୃଷ୍ଟି କରେ ବୋଲି ଧାରଣା ଠିକ୍ ନୁହେଁ। ସେପରି ସମସ୍ୟା ଆସିଲେ ଯେଉଁମାନଙ୍କର ଚାକିରି ହରାଇବାର ଆଶଙ୍କା ଅଛି ସେମାନେ ନୂଆ ବୈଷୟିକ କୌଶଳରେ ତାଲିମ ନେଇ ନିଜକୁ ପରିବର୍ତ୍ତନ ସହ ଖାପ ଖୁଆଇପାରିବେ। ଏହି ଯୁକ୍ତି ଏବେ ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ପ୍ରତି ପ୍ରଯୁଜ୍ୟ। ଏଣୁ ଭାରତୀୟ ସଫ୍ଟୱେର ଉଦ୍ୟୋଗର ସଫଳତାକୁ ନେଇ ଦେଶ ଆତ୍ମସନ୍ତୋଷ ଭାବରେ ବୁଡ଼ି ରହିବା ଅନୁଚିତ। ସରଳ ଭାବେ ଦେଖିବାକୁ ଗଲେ ଏ କ୍ଷେତ୍ରରେ ଭାରତୀୟମାନଙ୍କର ନିଯୁକ୍ତି କିପରି ସୁରକ୍ଷିତ ରହିବ ଓ ଭବିଷ୍ୟତରେ କିପରି ଚାକିରି ସୃଷ୍ଟି ହୋଇପାରିବ, ସେହି ଲକ୍ଷ୍ୟରେ ଭାରତ ଓ ଏହାର ଆଇଟି କମ୍ପାନୀଗୁଡ଼ିକ କାମ କରିବା ଦରକାର। ଏବେଠାରୁ ନିଯୁକ୍ତି ସଂକୋଚନ ସ୍ପଷ୍ଟ ହୋଇଗଲାଣି।

ଏକ ଅକ୍ସଫୋର୍ଡ ଅନୁଧ୍ୟାନ ଅନୁସାରେ ଆଗାମୀ ୨୫ ବର୍ଷ ମଧ୍ୟରେ ଆମେରିକାରେ ୪୭ ପ୍ରତିଶତ, ଭାରତରେ ୬୯ ପ୍ରତିଶତ ଓ ଚାଇନାରେ ୭୭ପ୍ରତିଶତ ଚାକିରି ଲୋପ ପାଇଯିବ। ଏଯାଏ ବ୍ୟାଙ୍କିଙ୍ଗ, ବୀମା ଓ ଆର୍ଥିକ ସେବା କ୍ଷେତ୍ର ଗୁଡ଼ିକରେ ଭାରତୀୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗ ବେଶ୍ ବ୍ୟବସାୟ କରିଆସିଛି। କିନ୍ତୁ ବ୍ରିଟେନ ୟୁରୋପୀୟ ୟୁନିୟନରୁ ବାହାରିଯିବା ପରେ ଏହି ବ୍ୟବସାୟ ଚାପର ସମ୍ମୁଖୀନ ହୋଇଛି। ଇଂଲଣ୍ଡରୁ କାମ କରୁଥିବା ବିଶ୍ୱସ୍ତରୀୟ ବ୍ୟାଙ୍କ, ବୀମା ଓ ଆର୍ଥିକସେବା କମ୍ପାନୀଗୁଡ଼ିକ ଚିନ୍ତିତ ଯେ, ଆନୁଷ୍ଠାନିକ ଭାବେ ୟୁରୋପୀୟ ୟୁନିୟନରୁ ବ୍ରିଟେନ ଯିବା ପରେ ଅସ୍ଥିରତା ବଢ଼ିପାରେ। ଭାରତୀୟ ଆଇଟି ଉଦ୍ୟୋଗ ଏହି କାରଣରୁ ବିକଳ୍ପ ପାଇଁ କାମ କରିବା ଉଚିତ। ସାଇବର ନିରାପତ୍ତା, ଡିଜିଟାଲ ଅଟୋମେଶନ, କୃତ୍ରିମ ମାନସିକ ନୈପୁଣ୍ୟ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ନୂଆ କ୍ଷେତ୍ରଗୁଡ଼ିକରେ ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନେ କାମ କରିପାରିବେ। ଏହାକୁ ବ୍ୟବସାୟିକ ଚାଲେଞ୍ଜ ଭାବେ ବିବେଚନା କରି ସରକାରଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହ ସଂଶ୍ଳିଷ୍ଟ ସବୁ ପକ୍ଷ ନୂଆ ଆବଶ୍ୟକତା ସହ ଖାପ ଖୁଆଇ ପାରିଲେ ଭାରତୀୟ ସଫ୍ଟୱେର କ୍ଷେତ୍ର ପାଇଁ ଦେଖା ଦେଇଥିବା ଆଶଙ୍କାକୁ ଏଡ଼ାଇ ହେବ।

**ମୋ: ୯୪୩୭୦୦୪୮୮୮**

## ଏଇ ଭାରତରେ

ହିମାଳୟ ପାର୍ବତ୍ୟାଞ୍ଚଳରେ ଝରଣାଗୁଡ଼ିକର ପୁନରୁଦ୍ଧାର କରି ଲୋକମାନଙ୍କୁ ପାଣି ଯୋଗାଇ ଦେଉଛନ୍ତି ଭାରତୀୟ ବନସେବା ଅଧିକାରୀ(ଆଇଏଫ୍‌ଏସ୍) ଧରମ ସିଂ ମିନା। ତାଙ୍କ ନେତୃତ୍ୱରେ ଉତ୍ତରାଖଣ୍ଡ ଟେହେରି ଗଡ଼ୱାଲର ବହୁ ଝରଣାର ପୁନରୁଦ୍ଧାର ହୋଇପାରିଛି ଓ ଏବେ ସେଥିରେ ୨୩ଟି ଗାଁର ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେଉଛନ୍ତି। ପୂର୍ବରୁ ଏହି ଝରଣାଗୁଡ଼ିକର ଜଳ ପ୍ରବାହ କ୍ଷୀଣ ହୋଇଯାଇଥିଲା। ଧରମ ସିଂ ଏହାର ପ୍ରବାହକୁ ସ୍ୱାଭାବିକ କରିବା ଲାଗି ଏକ ଟିମ୍ ଗଠନ କରିଛନ୍ତି। ୨୦୧୪ରେ ଟେହେରି ଗଡ଼ୱାଲର ନରେନ୍ଦ୍ରନଗର ଫରେଷ୍ଟ ଡିଭିଜନରେ ସେ ଡିଭିଜନାଲ ଫରେଷ୍ଟ ଅଫିସର ଭାବେ ନିଯୁକ୍ତି ପାଇବା ପରେ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ୭ ବର୍ଷ ମଧ୍ୟରେ ସେ ୬୬ଟି ଝରଣାର ଉତ୍ସକୁ ବାଧାମୁକ୍ତ କରି ସେଠାକାର ଲୋକମାନଙ୍କୁ କୃଷିମନସ୍କ କରିପାରିଛନ୍ତି। ହେଭେଲ ନଦୀର ୫୦ କି.ମି. ପ୍ରବାହ ମଧ୍ୟରେ ଏହି ଝରଣାଗୁଡ଼ିକ ରହିଛି। ଲୋକମାନଙ୍କର କୃଷି ଉତ୍ପାଦନ ବୃଦ୍ଧି ପାଇଛି। ପାଣି ଅଭାବ ଦୂର ହେବା ଦ୍ୱାରା ଗ୍ରାମବାସୀ ୧୦ ଲକ୍ଷ ଗଛ ଲଗାଇ ସାରିଲେଣି ଓ ୬୪୦ ହେକ୍ଟର ଜମି ଚାଷୋପଯୋଗୀ ହୋଇପାରିଛି। ପୁନରୁଦ୍ଧାର କାର୍ଯ୍ୟରେ ଧରମ ସିଂ ଅନେକ ଏନ୍‌ଜିଓ, ଆଇଆଇଟି ରୁର୍‌କ ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହାଇଡ୍ରୋଲୋଜିର ସହାୟତା ନେଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୯୬

- ଆମେରିକାର ମହାକାଶଯାନ କଲମ୍ବିଆ ଦୀର୍ଘ ୧୮ ଦିନ ଧରି ମହାକାଶ ପର୍ଯ୍ୟବେକ୍ଷଣ କରିସାରିବା ପରେ ଫ୍ଲୋରିଡ଼ାସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରେ ଅବତରଣ କରିଛି।
- ପେଟ୍ରୋଲିୟମ୍ କ୍ଷେତ୍ରରେ ଅଧିକ ସହଯୋଗ ଲାଗି ଭାରତ ଓ ବ୍ରିଟେନ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ।
- ରାଜସ୍ଥାନର ଧୋଲେପୁର ନିକଟସ୍ଥ ଛମ୍ବଲ ନଦୀଗର୍ଭରେ ଏକ ମିନିଟ୍ରକ୍ ଖସି ପଡ଼ିବା ଫଳରେ ୨୦ ବ୍ୟକ୍ତିଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | | 5 | | 2 |
| | 8 | | 7 | | 2 | 1 | | |
| | 4 | | | | | | | |
| | | | 1 | 2 | | | | 3 |
| 2 | | | 6 | 7 | | | 1 | |
| | 6 | | 9 | | | | | 8 |
| | | | | 6 | 5 | | | |
| | 1 | 4 | 8 | | | | | |
| 9 | 5 | | | | 1 | | | 6 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 7 | 4 | 8 | 1 | 6 | 5 |
| 7 | 6 | 5 | 9 | 3 | 1 | 4 | 2 | 8 |
| 4 | 8 | 1 | 6 | 5 | 2 | 7 | 3 | 9 |
| 1 | 9 | 4 | 3 | 2 | 5 | 6 | 8 | 7 |
| 2 | 5 | 8 | 4 | 6 | 7 | 3 | 9 | 1 |
| 6 | 3 | 7 | 8 | 1 | 9 | 5 | 4 | 2 |
| 8 | 1 | 6 | 2 | 7 | 3 | 9 | 5 | 4 |
| 5 | 4 | 9 | 1 | 8 | 6 | 2 | 7 | 3 |
| 3 | 7 | 2 | 5 | 9 | 4 | 8 | 1 | 6 |

ଗତକାଲିର ଉତ୍ତର

# ବାପଧନ ! ବୁଢ଼ାକୁ 'ବୁଢ଼ା' ଡାକନି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଜଗ ସୁରେୟା(ଜନ୍ମ:୧୯୪୬) ଗୋଟିଏ ସ୍ତମ୍ଭରେ ଲେଖିଛନ୍ତି ''ବିଭିନ୍ନ ସୂତ୍ରରୁ ବାରମ୍ବାର ଆମକୁ ମନେପକାଇ ଦିଆଯାଉଛି ଯେ, ଉତ୍ତମ ସ୍ୱାସ୍ଥ୍ୟ ସେବା ବଳରେ ଆମର ବାର୍ଦ୍ଧକ୍ୟ ଆମଠାରୁ ଦୂରେଇ ଯାଉଛି। 'ଅତୀତର ଷାଠିଏ ଏବେ ପଚାଶ, ସେମିତି ପଚାଶ ହେଉଛି ଚାଳିଶ' ବୟସରେ ପରିଣତ ହୋଇଯାଉଛି। ତେଣୁ ବୃଦ୍ଧାବସ୍ଥା ପୂର୍ବାପେକ୍ଷା ବହୁ ବିଳମ୍ବରେ ଆମ ପାଖରେ ପହଞ୍ଚିବ।''

ଏହିପରିପ୍ରେକ୍ଷୀରେ ଡକ୍ଟର ରବି ସେଚ୍ଚି(ଦକ୍ଷିଣ କର୍ଣ୍ଣାଟକ ମହୀଶୂରରେ ୧୯୫୩ରେ ଜନ୍ମିତ)ଙ୍କ ମତ ପ୍ରଣିଧାନ ଯୋଗ୍ୟ। ସେ ଏକୋଇଶ ବର୍ଷରୁ ଅଧିକ କାଳ ହୃଦ୍‌ରୋଗର ସର୍ଜନ ଭାବେ ଖ୍ୟାତି ଅର୍ଜିଛନ୍ତି। ଭେଷଜ ବିଜ୍ଞାନର ଉଚ୍ଚ ଡିଗ୍ରୀଧାରୀ। ଏମ୍‌ବିବିଏସ୍, ଏମ୍‌ଏସ୍, ଏଫ୍‌ଆର୍‌ସିଏସ୍। ବେଙ୍ଗାଲୁରୁରେ ଅବସ୍ଥିତ ନାରାୟଣ ହେଲ୍‌ଥ ହସ୍ପିଟାଲ ସମୂହର ସେ ପ୍ରତିଷ୍ଠାତା। ପଦ୍ମଭୂଷଣ ଓ ଡକ୍ଟର ବିସି ରାୟ ଆୱାର୍ଡ ଦ୍ୱାରା ସମ୍ମାନିତ ଡକ୍ଟର ସେଚ୍ଚି ଜଗ ସୁରେୟାଙ୍କ ପରି ବହୁ ଲୋକ ଯେମିତି ବୟସ ବୃଦ୍ଧି ସମ୍ପର୍କରେ ମତ ପୋଷଣ କରିଛନ୍ତି, ସେ ସେଥିରେ ଏକମତ ନୁହନ୍ତି।

ସ୍ୱାସ୍ଥ୍ୟସେବା ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଡକ୍ଟର ସେଚ୍ଚି ନିଜ ଦୀର୍ଘ ଅଭିଜ୍ଞତାରୁ ଜଣାଇଛନ୍ତି ଯେ, ଜଣେ ବ୍ୟକ୍ତିଙ୍କୁ ଚାଳିଶ ବର୍ଷ ହୋଇଗଲେ ତା' ଶରୀରରେ ବହୁ ପରିବର୍ତ୍ତନ ଦେଖାଦିଏ। ପଚାଶ ବର୍ଷରେ ଉପନୀତ ହେଲେ, ଏହି ପରିବର୍ତ୍ତନ ବୃଦ୍ଧି ପାଏ। ସମୟ ସ୍ରୋତରେ ଏହି ଶାରୀରିକ ଅଧୋଗତି ଚାଲୁ ରହିଥାଏ। ଷାଠିଏ ବେଳକୁ ଆମର ଗତିବିଧି ମନ୍ଥର ହୋଇଯାଏ। ଆଉ ଦଶବର୍ଷ ପରେ କିଛି ଅଙ୍ଗ ପ୍ରତ୍ୟଙ୍ଗ ଅଧିକ ଦୁର୍ବଳ ହୋଇଯାନ୍ତି। ଅଶୀ ଉପରକୁ ଯଦି ଆମେ ବଞ୍ଚୁ, ଏହା ବୋନସ ବୋଲି ଧରିନେବା ଉଚିତ। ତେଣୁ ଆମେ କହିବା ଆଦୌ ଠିକ୍ ନୁହେଁ ଯେ, ପୁରୁଣା ଷାଠିଏ ଏବର ଚାଳିଶ, ଅତୀତର ପଚାଶ ସଂପ୍ରତି ତିରିଶ ଇତ୍ୟାଦି। ଆମର ହୃଦ୍‌ସ୍ପନ୍ଦନ ପ୍ରଭାବିତ ହୁଏ ବୟସ ଅନୁକ୍ରମରେ। ମଣିଷର ଶରୀର ଓ ମନର ଏମିତି କ୍ରମବର୍ଦ୍ଧିଷ୍ଣୁ କ୍ଷୟକୁ ଲକ୍ଷ୍ୟ କରି ଅବସର ବ୍ୟବସ୍ଥା ବିଭିନ୍ନ ସଂସ୍ଥାରେ ରଖାଯାଇଛି। ହୁଏତ ବାହାରକୁ ଆମେ ସୁସ୍ଥ ସବଳ ଦେଖାଯାଇପାରୁ; କିନ୍ତୁ ଆମ ଶରୀର ଅଭ୍ୟନ୍ତରସ୍ଥିତ ବିଭିନ୍ନ ଅବୟବର ଶକ୍ତିରେ କ୍ଷୟ ତଥା ଦୌର୍ବଲ୍ୟ ଅବ୍ୟାହତ ରହିଥାଏ।

ଦୃଷ୍ଟାନ୍ତ ଭାବେ ସେ ଦକ୍ଷିଣ ଭାରତର ସୁପରଷ୍ଟାର ପୁନିତ ରାଜକୁମାର(୧୯୭୫–୨୦୨୧)ଙ୍କ ଆକସ୍ମିକ ମୃତ୍ୟୁକୁ ଉଲ୍ଲେଖ କରିଛନ୍ତି। ୨୯ ଅକ୍ଟୋବର ୨୦୨୧ ଶୁକ୍ରବାରରେ ଜିମ୍‌କୁ ଯାଉଥିଲେ। ସେ ବ୍ୟାୟାମ କରିବା ବେଳେ ଅସ୍ୱଚ୍ଛନ୍ଦ ଅନୁଭବ କଲେ। ଅବଶ୍ୟ ସେ ରୀତିମତ ବ୍ୟାୟାମ କରିଥାନ୍ତି ଶରୀରର ଉପଯୁକ୍ତ ଆକାର ପାଇଁ। ସିନେମାର ଜଣେ ନାୟକ ଏଥିପାଇଁ ସର୍ବଦା ସଜାଗ ରହିଥାଏ। ବ୍ୟାୟାମ ସାରି ସେ କ୍ଳାନ୍ତ ଅନୁଭବ କରିବାରୁ ଡାକ୍ତରଙ୍କ ପାଖକୁ ଶରୀର ପରୀକ୍ଷା କରିବା ପାଇଁ ଗଲେ। ଡାକ୍ତରୀ ମତ ହେଲା ଯେ, ୱାର୍କଆଉଟ ସମୟରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା ; ଯଦିଓ ତାଙ୍କ ଛାତିରେ ବ୍ୟଥା ହୋଇ ନ ଥିଲା। ତାଙ୍କ ରକ୍ତଚାପ, ହୃଦ୍‌ସ୍ପନ୍ଦନ ଠିକ୍ ଥିଲା। କିନ୍ତୁ ଶରୀରରୁ ଝାଳ ବୋହୁଥିଲା। ଇସିଜିରୁ ହୃଦ୍‌ଘାତର ଲକ୍ଷଣ ଜାଣି ଯଥୋଚିତ ଚିକିତ୍ସା ଆରମ୍ଭ ହେଲା କିନ୍ତୁ ସେଠାରେ ଶୀଘ୍ର ତାଙ୍କର ଅକାଳ ମରଣ ହେଲା।

ପ୍ରକାଶଥାଉ କି ଜିମ୍‌ରେ ସେ କେତେକ ମୁଷ୍ଟିଯୁଦ୍ଧ ବ୍ୟାୟାମ କରିଥିଲେ। ତାଙ୍କ ବୟସ ବୃଦ୍ଧି ବିଷୟକୁ ସେ ସମ୍ପୂର୍ଣ୍ଣ ଅଣଦେଖା କରି ନବଯୁବକ ପରି କଠିନ ବ୍ୟାୟାମରେ ନିମଗ୍ନ ଥିଲେ। ଡକ୍ଟର ସେଚ୍ଚିଙ୍କ ଅନୁସାରେ ବୟସକୁ ବେଖାତିର କରିବା ମନୋଭାବ ଓ ଶାରୀରିକ ସାମର୍ଥ୍ୟ ମଧ୍ୟରେ ଯେଉଁ ଲକ୍ଷଣୀୟ ତାରତମ୍ୟ ଘଟେ, ଏହାର ଅବମାନନା ଯୋଗୁ ପରିଣାମ ଦେଖାଦିଏ ଯେମିତି ଅପ୍ରତ୍ୟାଶିତ ଅକାଳ ମରଣ। ଏହି ମର୍ମରେ ସେ ଚେତାଇ ଦେଇଛନ୍ତି ଯେ, ସିକ୍ସ ପ୍ୟାକ୍, ସୁନ୍ଦର ସୁଠାମ ଆକୃତି ପାଇଁ ଆମେ ବ୍ୟାକୁଳ ହେଉ, ଯୁବକ ପରି ଦେଖାଯିବା ପାଇଁ। ଆଜିକାଲି ଚାଳିଶ ବୟସ ପରେ ପରେ ଯେମିତି ହୃଦ୍‌ଘାତରେ ମୃତକଙ୍କ ସଂଖ୍ୟା ବଢ଼ି ଚାଲିଛି, ଏହା ଉଦ୍‌ବେଗଜନକ ବୋଲି ସତର୍କ ହେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଲେ। ବୟସକୁ ବେଖାତିର ନ କରିବାକୁ ସେ ସତର୍କ କରିଥିଲେ।

ଶରୀର ତତ୍ତ୍ୱର ଏହି ନିଷ୍ଠୁର ତଥ୍ୟ ସତ୍ତ୍ୱେ ଜଣେ ଛୟାଳିଶ ବର୍ଷ ବୟସ୍କ ବ୍ୟକ୍ତି ଯଦି ଛତିଶ ବା ଛବିଶ ବର୍ଷୀୟ ଯୁବକର ଉଦ୍ଦାମତାରେ ସାହସିକ କାର୍ଯ୍ୟ ସଂପାଦନ କରିବାକୁ ଆଗଭର ହୁଏ, ସେ ପୁନିତ କୁମାରଙ୍କ ଦୁର୍ଭାଗ୍ୟକୁ ନିମନ୍ତ୍ରଣ ହୁଏତ କରିବ। ଯୁବକଙ୍କ ପାଇଁ ଯାହା ପ୍ରଶଂସନୀୟ ସାହସିକ ପଦକ୍ଷେପ, ବୟସ୍କଙ୍କ ପାଇଁ ତାହା ଅବଶ୍ୟ ଦୁଃସାହସିକ। ତେବେ ଭେଷଜ ବିଜ୍ଞାନର ଉକ୍ତ ପ୍ରତିକୂଳ ଆଶଙ୍କା ସତ୍ତ୍ୱେ ଆମେ ଏଥିପ୍ରତି ବେପରୁଆ।

୧୯୯୨ରେ ବ୍ରିଟେନର ରିଚାର୍ଡ ଇନଗ୍ରାମ ଓଲ୍ଡି ନାମକ ଏକ ମାସିକ ପତ୍ରିକା ଲଣ୍ଡନରୁ ଆରମ୍ଭ କଲେ। ଆଜିକାଲି ସର୍ବସାଧାରଣ ଯେମିତି ସେବା ଓ ସେଲିବ୍ରିଟିମାନଙ୍କ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି, ଏହି ପତ୍ରିକାଟି ହେଉଛି ତା'ର ବିକଳ୍ପ। ମୁଖ୍ୟତଃ ବୟୋଜ୍ୟେଷ୍ଠ ବ୍ୟକ୍ତି–ସମ୍ବଳିତ ଏହି ପତ୍ରିକାଟିର ଜାନୁୟାରୀ–ଜୁନ୍ ୨୦୨୦ରେ ପ୍ରସାରିତ ସଂଖ୍ୟା ଥିଲା ୪୭, ୧୦୭। ପତ୍ରିକା ତରଫରୁ ପ୍ରତିବର୍ଷ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ଦି ଓଲ୍ଡି ଅଫ ଦି ୟିଅର(ଟିଓଟିୱାଇ) ଭାବେ ସମ୍ମାନିତ କରାଯାଏ। ୨୦୧୧ରେ ପ୍ରିନ୍ସ ଫିଲିପ, ୨୦୧୭ରେ ପ୍ରଧାନମନ୍ତ୍ରୀ ଡେଭିଡ୍ କମରୁନଙ୍କ ମା'ଙ୍କୁ ଏହି ଉପାଧି ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଅତୀତରେ ଅନେକ ଓସ୍କାର–ବିଜୟୀ, ଅଭିନେତା, ନୋବେଲ ବିଜୟୀ ଇତ୍ୟାଦି ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ସମ୍ମାନିତ ହୋଇଛନ୍ତି। ୨୦୨୧ ପାଇଁ ବ୍ରିଟେନର ୯୫ବର୍ଷ ବୟସ୍କା ରାଣୀ ଏଲିଜାବେଥଙ୍କୁ ଏହି ଉପାଧି ଯଚା ଯାଇଥିଲା। କିନ୍ତୁ ସେ ଏହି ପ୍ରସ୍ତାବକୁ ବିନମ୍ରତା ସହ ପ୍ରତ୍ୟାଖ୍ୟାନ କରିଥିଲେ, ଯଦିଓ ତାଙ୍କର ମା' ଏଲିଜାବେଥ ଆଙ୍ଗେଲା ଲିଅନ(୧୯୦୦–୨୦୦୨) ଏହା ସାଦରେ ଗ୍ରହଣ କରିଥିଲେ।

ତେବେ ୨୦୨୧ରେ ସଂପ୍ରତି ରାଣୀ ଥିବା କୁଇନ ଏଲିଜାବେଥ(ଲଣ୍ଡନରେ ୧୯୨୬ରେ ଜନ୍ମିତ) ୯୫ବର୍ଷରେ ପହଞ୍ଚିଥିବା ସତ୍ତ୍ୱେ ଏହା ଅସ୍ୱୀକାର କରିବା ବେଳେ ଯାହା କହିଛନ୍ତି ପୁରସ୍କାର–ମଣ୍ଡଳୀର ଚେୟାରମ୍ୟାନ ଗ୍ଲାଇସ ବ୍ରାଣ୍ଡେଥ ତାହା ପ୍ରକାଶ କରିଛନ୍ତି। ଏହାର ସାରାଂଶ ହେଉଛି, ଜଣେ କେତେ ଦୂର ବୁଢ଼ା(ଢ଼ୀ), ଏହା ତା'ର ବୟସ ନୁହେଁ, ତା'ର ଅନୁଭବ ଓ ମାନସିକତା ଉପରେ ନିର୍ଭର କରେ। ସେ ନିଜଠାରେ ବୃଦ୍ଧତ୍ୱ ଦେଖି ପାରୁ ନ ଥିବାରୁ ଉପାଧିଟି ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ଦିଆଯାଉ। (ୱାନ୍ ଡଜନଟ ଫିଲ ଓଲ୍ଡ, ସେସ୍ ୯୫–ଲିୟର ଓଲ୍ଡ କୁଇନ ଏଲିଜାବେଥ, ରୟଟରସ, ୧୯ ଅକ୍ଟୋବର ୨୦୨୧)।

ଡାକ୍ତରମାନେ ବୃଦ୍ଧକାଳ ସମ୍ପର୍କରେ ଯାହା କୁହନ୍ତୁ ନା କାହିଁକି, ଆମେ ବୁଢ଼ା(ଢ଼ୀ) ନା ନାହିଁ, ତାହା ଆମେ ନିଜେ ନିଷ୍ପତ୍ତି ନେବୁ। ଏହି ମାମଲାରେ ଡାକ୍ତରମାନେ ଦୂରରେ ରହନ୍ତୁ ଏହା ହେଉଛି ଅଧିକାଂଶ ବ୍ୟକ୍ତିଙ୍କ ମତ। ସତେ ଯେମିତି ବୁଢ଼ା ଶବ୍ଦରେ ଟାହିଟାପରା ଅନ୍ତର୍ନିହିତ। ତେଣୁ ବୁଢ଼ାକୁ ବୁଢ଼ା ବୋଲି ଡାକନି। ସେମିତି ବୁଢ଼ୀ ପାଇଁ ମଧ୍ୟ। କାରଣ ବୁଢ଼ା ହେଉଛି ଏକ ବ୍ୟଙ୍ଗ–ସୂଚକ ଶବ୍ଦ। ଏହା ଅପମାନଜନକ। ମୋଟାମୋଟି ଭାବେ ଏମନ୍ତ ବିଚାରବହୁଳ ଭାବେ ଆମ ସମାଜରେ ସଂପ୍ରତି ପ୍ରଚଳିତ ହୋଇଥିବାରୁ ଏହି ମାମଲାରେ ଆମେ ଖବରଦାର ହୋଇଯିବା ଉତ୍ତମ ; ନିରାପଦ ମଧ୍ୟ।

**ମୋ: ୯୦୭୮୭୪୩୮୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ଦେଉଳକୁ ମୁଖଶାଳା ବଳେଇଯିବ

ମହାଶୟ,

ବର୍ତ୍ତମାନ ଲାଞ୍ଚ ଆଉ ଆୟ ବହିର୍ଭୂତ ସମ୍ପତ୍ତିର କୁଆଡ଼େ ଯାଞ୍ଚ ଚାଲିଛି। ଏ ବ୍ୟାଧି ତ ବେଳ କୁ ବେଳ ଦେହରେ ଯାଦୁ ମାଡ଼ିବା ପରି ମାଡ଼ି ଚାଲୁଛି। କ୍ରାଇମ୍‌ବ୍ରାଞ୍ଚ ସମ୍ପତ୍ତି ଠାବ କରୁଛି, ତଦନ୍ତ କରୁଛି ସତ, କିନ୍ତୁ ଏ ଅସଦ୍ ମାର୍ଗରେ ଗଚ୍ଛିତ କରିଥିବା ବ୍ୟକ୍ତି କେତେ ଦଣ୍ଡ ପାଉଛନ୍ତି ବା ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି ହୋଇ କେତେ ରାଜକୋଷକୁ ଆସୁଛି ତାହା ସର୍ବସମକ୍ଷରେ ଜଣାଇବା ଉଚିତ। ନଚେତ୍ ଏ ବାବଦରେ ତଦନ୍ତରେ ସବୁ ଯାଇ ପୁଣି ରାଜକୋଷ ବି ଚାଲିଯିବ। ଦେଉଳକୁ ମୁଖଶାଳା ବଳେଇ ଯିବନି ତ। ଏ ଲାଞ୍ଚ ଆଉ ଉପୁରି ସତରେ କ'ଣ ବନ୍ଦ ହେବ ? କି ବଢ଼ିବ ?

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମକୁ ଭୁଲେ ଯେବେ ଜୀବନ ସାଧନାରେ
ପରାଣ ଜଳଇ ଯେ ବିଷମ ବେଦନାରେ,
ସକଳ ହତଶିରୀ
ମରମ ପୋଡେ ଚିରି
ଜୀବନ ସାଧନାରେ
ବିଷମ ବେଦନାରେ।

–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# DISTRICT OFFICE, JHARSUGUDA

## Land acquisition Officer and Competent Authority NH-49, Jharsuguda

### PUBLIC NOTICE

ଜାତୀୟ ରାଜପଥ ଆଇନ୍ ୧୯୫୬ (Act 48 of 1956) ର ଧାରା-୩ (କ) ଉପଧାରା-୩ (୧) ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ-୪୯ ପ୍ରକଳ୍ପ ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଝାରସୁଗୁଡ଼ା, କିରିମିରା ଓ କୋଲାବିରା ତହସିଲ (ଝାରସୁଗୁଡ଼ା ବାଇପାସ୍)ର ସଂପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ ଆଇନ୍) ର ଧାରା ୩ (କ)ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ **S.O. 4816(E)** ତା ୨୨.୧୧.୨୦୨୧ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶି (୨୧) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀଙ୍କ ଜାତୀୟ ରାଜପଥ ନଂ ୪୯ ପ୍ରକଳ୍ପ, ଝାରସୁଗୁଡ଼ା କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନ୍‌ର ଧାରା - ୩ (ଗ) ଉପଧାରା (୧) ଅନୁସାରେ ଆପତ୍ତି ଦାଏର କରିପାରିବେ । ଏ ସଂପର୍କରେ ଧାରା-୩ (ଗ)ର ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦବିବରଣୀ ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂଅର୍ଜନ ପ୍ରକୋଷ୍ଠ ଜାତୀୟ ରାଜପଥ ନଂ ୪୯ ପ୍ରକଳ୍ପ, ଝାରସୁଗୁଡ଼ା କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି ।

ସ୍ୱା : ଭୂଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ ୪୯ ପ୍ରକଳ୍ପ, ଝାରସୁଗୁଡ଼ା

**MINISTRY OF ROAD TRANSPORT AND HIGHWAYS**

**NOTIFICATION**

**New Delhi, the 22nd November, 2021**

**S.O. 4816(E).**-In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening / two lane with paved shoulder/four laning etc.,), maintenance, management and operation of NH49 in the stretch of land from K.m. 0 to K.m.30.97 (Jharsuguda Bypass) in the district of JHARSUGUDA in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Land Acquisition Officer, Jharsuguda in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

**Brief Description of the land to be acquired with or without structures falling NH49 in the stretch of land from K.m. 0 to K.m.30.97(Jharsuguda Bypass) in the district of JHARSUGUDA in the state of ODISHA.**

**State: ODISHA District: JHARSUGUDA**

| Sl. No. | Survey/Plot Number | Type of land | Nature of Land | Area (in Local Unit) | Area (in Hectare) |
|---|---|---|---|---|---|
| **TALUK : JHARSUGUDA** | | | | | |
| **VILLAGE : BUDHIPADAR** | | | | | |
| 1 | 112 | Government | Mala Sadharana | 0.1130000(Acre ) | 0.0457305 |
| 2 | 113 | Government | Bahal Sadharana | 0.0690000(Acre ) | 0.0279239 |
| 3 | 58 | Government | Kata | 0.1230000(Acre ) | 0.0497774 |
| 4 | 68 | Government | Patita | 0.0600000(Acre ) | 0.0242817 |
| 5 | 69 | Government | Rasta | 0.1140000(Acre ) | 0.0461352 |
| 6 | 72 | Private | Patita | 0.1000000(Acre ) | 0.0404695 |
| 7 | 72/1538 | Private | Patita | 0.1000000(Acre ) | 0.0404695 |
| 8 | 73/949 | Private | Ata Sadharana | 0.0060000(Acre ) | 0.0024282 |
| 9 | 74 | Private | Berna Sadharana | 0.0550000(Acre ) | 0.0222582 |
| 10 | 78 | Private | Mala Sadharana | 0.3000000(Acre ) | 0.1214083 |
| 11 | 79 | Private | Mala Sadharana | 0.1200000(Acre ) | 0.0485633 |
| 12 | 80 | Private | Patita | 0.0100000(Acre ) | 0.0040469 |
| 13 | 80/1388 | Private | Patita | 0.3200000(Acre ) | 0.1295022 |
| 14 | 80/1400 | Private | Patita | 0.0600000(Acre ) | 0.0242817 |
| 15 | 80/1404 | Private | Gharabari | 0.3000000(Acre ) | 0.1214083 |
| 16 | 80/1408 | Private | Patita | 0.2900000(Acre ) | 0.1173614 |
| 17 | 80/1410 | Private | Gharabari | 0.1200000(Acre ) | 0.0485633 |
| 18 | 82 | Private | Mala Sadharana | 0.0400000(Acre ) | 0.0161878 |
| 19 | 82/1387 | Private | Mala Sadharana | 0.0400000(Acre ) | 0.0161878 |
| 20 | 82/1413 | Private | Mala Sadharana | 0.0400000(Acre ) | 0.0161878 |
| 21 | 82/1438 | Private | Mala Sadharana | 0.0400000(Acre ) | 0.0161878 |
| 22 | 83 | Private | Mala Sadharana | 0.0500000(Acre ) | 0.0202347 |
| 23 | 84 | Private | Mala Sadharana | 0.0900000(Acre ) | 0.0364225 |
| 24 | 84/1385 | Private | Mala Sadharana | 0.0500000(Acre ) | 0.0202347 |
| 25 | 84/1440 | Private | Mala Sadharana | 0.4190000(Acre ) | 0.1695670 |
| 26 | 84/1483 | Private | Mala Sadharana | 0.0400000(Acre ) | 0.0161878 |
| **VILLAGE: HANSHAMURAKANTAPALLI** | | | | | |
| 1 | 1092 | Government | Rasta | 0.0840000(Acre ) | 0.0339943 |
| 2 | 1230 | Government | Dharsa | 0.1720000(Acre ) | 0.0696075 |
| 3 | 1231/6204 | Private | Mala Sadharana | 0.6140000(Acre ) | 0.2484824 |
| 4 | 1236 | Private | Mala Sadharana | 0.0160000(Acre ) | 0.0064751 |
| 37 | 2118 | Private | Mala Sadharana | 0.1990000(Acre) | 0.0805342 |
| 38 | 2119 | Private | Mala Sadharana | 0.1080000(Acre) | 0.0437070 |
| 39 | 2240 | Private | Berna Sadharana | 0.0020000(Acre) | 0.0008094 |
| 40 | 2242 | Private | Bahal Sadharana | 0.2410000(Acre) | 0.0975314 |
| 41 | 2245 | Private | Mala Sadharana | 0.4270000(Acre) | 0.1728045 |
| 42 | 2246 | Private | Bahal Sadharana | 0.1290000(Acre) | 0.0522056 |
| 43 | 2247 | Private | Patita | 0.1400000(Acre) | 0.0566572 |
| 44 | 2248 | Private | Bahal Sadharana | 0.0110000(Acre) | 0.0044516 |
| 45 | 2250 | Government | Munda Adi | 0.0450000(Acre) | 0.0182112 |
| 46 | 2251 | Government | Munda | 1.4130000(Acre) | 0.5718333 |
| 47 | 2253 | Government | Mala Sadharana | 0.0480000(Acre) | 0.0194253 |
| 48 | 2253/2503 | Government | Kata | 0.0640000(Acre) | 0.0259004 |
| 49 | 2254 | Private | Mala Sadharana | 0.0680000(Acre) | 0.0275192 |
| 50 | 2255 | Private | Mala Sadharana | 0.0930000(Acre) | 0.0376366 |
| 51 | 2267 | Private | Berna Sadharana | 0.0030000(Acre) | 0.0012141 |
| 52 | 2269 | Private | Mala Sadharana | 0.0980000(Acre) | 0.0396601 |
| 53 | 2273 | Private | Ata Sadharana | 0.1980000(Acre) | 0.0801295 |
| 54 | 2274 | Private | Ata Sadharana | 0.1210000(Acre) | 0.0489680 |
| 55 | 2275 | Private | Ata Sadharana | 0.0240000(Acre) | 0.0097127 |
| 56 | 2276 | Private | Ata Sadharana | 0.0030000(Acre) | 0.0012141 |
| 57 | 2277 | Private | Ata Sadharana | 0.2500000(Acre) | 0.1011736 |
| 58 | 2278 | Private | Ata Sadharana | 0.3200000(Acre) | 0.1295022 |
| 59 | 2279 | Private | Ata Sadharana | 0.5600000(Acre) | 0.2266289 |
| 60 | 2280 | Private | Mala Sadharana | 0.2090000(Acre) | 0.0845811 |
| 61 | 2281 | Private | Mala Sadharana | 0.0420000(Acre) | 0.0169972 |
| 62 | 2283 | Private | Mala Sadharana | 0.0190000(Acre) | 0.0076892 |
| 63 | 2284 | Private | Mala Sadharana | 0.0460000(Acre) | 0.0186159 |
| 64 | 2285 | Private | Mala Sadharana | 0.0500000(Acre) | 0.0202347 |
| 65 | 2286 | Private | Mala Sadharana | 0.0340000(Acre) | 0.0137596 |
| 66 | 2287 | Private | Mala Sadharana | 0.0580000(Acre) | 0.0234723 |
| 67 | 2288 | Private | Mala Sadharana | 0.0600000(Acre) | 0.0242817 |
| 68 | 2289 | Private | Mala Sadharana | 0.0530000(Acre) | 0.0214488 |
| 69 | 2290 | Private | Mala Sadharana | 0.0710000(Acre) | 0.0287333 |
| 70 | 2291 | Private | Ata Sadharana | 0.0300000(Acre) | 0.0121408 |
| 71 | 2292 | Private | Mala Sadharana | 0.1300000(Acre) | 0.0526103 |
| 72 | 2293 | Private | Ata Sadharana | 0.2000000(Acre) | 0.0809389 |

# ରୋହିତ ଦିନିକିଆ ଅଧିନାୟକ


ରୋହିତ ଶର୍ମା

**ନୂଆଦିଲ୍ଲୀ, ୮।୧୨(ପି.ଟି.)**

ଜାତୀୟ ଚୟନ କମିଟି ବିରାଟ କୋହଲିଙ୍କୁ ଦିନିକିଆ ଅଧିନାୟକ ପଦରୁ ହଟେଇ ଦେଇଛନ୍ତି। ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ ଭାରତୀୟ ଦିନିକିଆ କ୍ରିକେଟ ଦଳର ଅଧିନାୟକ କରାଯାଇଛି। ୨୦୨୩ ଦିନିକିଆ ବିଶ୍ୱକପ ପର୍ଯ୍ୟନ୍ତ ରୋହିତଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ କୋହଲି ଟି୨୦ ଅଧିନାୟକ ପଦରୁ ଓହରି ଯିବାରୁ ରୋହିତଙ୍କୁ ଏହି ଦାୟିତ୍ୱ ଦିଆ ଯାଇଥିଲା। ତେବେ କୋହଲି ଟିମ୍ ଇଣ୍ଡିଆ ଟେଷ୍ଟ ଦଳର ଅଧିନାୟକ ରହିବେ। ଅନ୍ୟ ଏକ ଘଟଣାକ୍ରମରେ ଅଜିଙ୍କ୍ୟ ରାହାନେଙ୍କୁ ଟେଷ୍ଟ ଦଳର ଉପଅଧିନାୟକ ପଦରୁ ଅବ୍ୟାହତି ଦିଆ ଯାଇଛି। ତାଙ୍କ ସ୍ଥାନରେ ରୋହିତ ଶର୍ମାଙ୍କୁ କୋହଲିଙ୍କ ଡେପୁଟି କରାଯାଇଛି। ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟା ଯୋଗୁ ତାରକା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା, ସ୍ପିନର ଅକ୍ଷର ପଟେଲ ଓ ଓପନର ଶୁବମନ ଗିଲ୍ ଏହି ଦଳରୁ ବାଦ୍ ପଡ଼ିଛନ୍ତି। ହନୁମା ବିହାରୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଖରାପ ଫର୍ମ ସତ୍ତ୍ୱେ ଇଶାନ୍ତ ଶର୍ମା ନିଜ ସ୍ଥାନ ବଜାୟ ରଖିଛନ୍ତି। ଭାରତ-ଦକ୍ଷିଣ ଆଫ୍ରିକା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଡିସେମ୍ବର ୨୬ରୁ ଆରମ୍ଭ ହେବ।

ନିକଟ ଅତୀତରେ ଅଜିଙ୍କ୍ୟ ରାହାନେ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ସେଥିପାଇଁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ତାଙ୍କ ଘରୋଇ ସହର ମୁମ୍ବାଇରେ ହୋଇଥିଲେ ମଧ୍ୟ ଆହତ ସମସ୍ୟା ଦେଖାଇ ତାଙ୍କୁ ଦଳରୁ ବାହାରେ ରଖା ଯାଇଥିଲା। ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ' ଟେଷ୍ଟରେ ଶତକକୁ ଛାଡ଼ିଦେଲେ ଗତ ୨ ବର୍ଷ ଧରି ସେ ଆଉ କୌଣସି ମ୍ୟାଚରେ ଭଲ ଖେଳିପାରି ନାହାନ୍ତି। ୨୦୨୧ରେ ସେ ୧୨ଟି ଟେଷ୍ଟ ଖେଳିଥିଲେ ହେଁ ତାଙ୍କ ଆଭରେଜ ୨୦ ତରକୁ ରହିଛି। ନୂଆ କୋଚ୍ ରାହୁଲ ଦ୍ରାଭିଡ ଆସ୍ଥା ରଖିଥିବାରୁ ରାହାନେ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ମାତ୍ର ଦକ୍ଷିଣ ଆଫ୍ରିକା ଗସ୍ତରେ ଭଲ ପ୍ରଦର୍ଶନ ନ କଲେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଯିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଚେତେଶ୍ୱର ପୂଜାରା ଓ ବିରାଟ କୋହଲି ମଧ୍ୟ ଦୀର୍ଘଦିନଧରି ବଡ଼ ସ୍କୋର କରିପାରି ନାହାନ୍ତି। ତେଣୁ ଏହି କାରଣରୁ ଜଣେ ଖେଳାଳିଙ୍କୁ ବାଦ୍ ଦେବାକୁ ଜାତୀୟ ଚୟନ କମିଟି ଉଚିତ ମନେ କରିନାହାନ୍ତି। କୋହଲିଙ୍କ କଥା ଭିନ୍ନ, ମାତ୍ର ରାହାନେ ଓ ପୂଜାରାଙ୍କ ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ ଶେଷ ସୁଯୋଗ ବୋଲି

## ଟେଷ୍ଟ ଉପ-ଅଧିନାୟକ ପଦରୁ ହଟିଲେ ରାହାନେ

ଜଣେ ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏପରିକି ରାହାନେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ଖେଳିବା ସମ୍ଭାବନା କମ୍ ବୋଲି ମଧ୍ୟ ସେ କହିଛନ୍ତି। ଅନ୍ୟପକ୍ଷରେ ରୋହିତଙ୍କୁ ଟେଷ୍ଟ ଉପ-ଅଧିନାୟକ କରାଯିବା ଅର୍ଥ ଭବିଷ୍ୟତରେ ସେ ସମସ୍ତ ୩ଟି ଫର୍ମାଟରେ ଅଧିନାୟକ ଦାୟିତ୍ୱ ସମ୍ଭାଳିବା ସୂଚନା ମିଳୁଛି।

ଦକ୍ଷିଣ ଆଫ୍ରିକା ଗସ୍ତରେ ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତି ଅନୁଭୂତ ହେବ। ବ୍ୟାଟିଂ ଦକ୍ଷତା ଯୋଗୁ ଜାଡେଜା ୭ ନମ୍ବର ସ୍ଥାନରେ ଥିଲେ ଦଳରେ ସନ୍ତୁଳନ ବଜାୟ ରହିଥାଏ। ବିଶେଷ କରି ବିଦେଶ ମାଟିରେ ତାଙ୍କ ବ୍ୟାଟିଂ ଦଳପାଇଁ ବିଶେଷ ଉପଯୋଗୀ ହୋଇଥାଏ। ତାଙ୍କ ସ୍ଥାନରେ ଅକ୍ଷର ପଟେଲ ଥିଲେ ଚଳିଥାନ୍ତା, ମାତ୍ର ସେ ମଧ୍ୟ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଛନ୍ତି। ଏ କ୍ଷେତ୍ରରେ ରବିଚନ୍ଦ୍ରନ ଅଶ୍ୱିନ ଓ ଜୟନ୍ତ ଯାଦବଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଏବେ ଭାରତୀୟ 'ଏ' ଦଳ ସହ ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଉତ୍ତର ପ୍ରଦେଶ ବାମହାତୀ ସ୍ପିନର ଓ ବ୍ୟାଟର ସୌରଭ କୁମାରଙ୍କୁ ଷ୍ଟାଣ୍ଡବାଇରେ ରଖା ଯାଇଛି। ସେଠାରେ ସେ ଭଲ ପ୍ରଦର୍ଶନ କରୁଥିବାରୁ ଆଗାମୀ ସିରିଜରେ ଯଦି ସେ ମୁଖ୍ୟ ଦଳରେ ସାମିଲ ହୁଅନ୍ତି ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

**ଭାରତୀୟ ଟେଷ୍ଟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ଶ୍ରେୟାସ ଆୟାର, ହନୁମା ବିହାରି, ରିଷଭ ପନ୍ତ (ଉଇକେଟ କିପର), ଋଦ୍ଧିମାନ ଶାହା (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ଜୟନ୍ତ ଯାଦବ, ଇଶାନ୍ତ ଶର୍ମା, ମହମ୍ମଦ ସାମି, ଉମେଶ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ।

**ଷ୍ଟାଣ୍ଡବାଇ ଖେଳାଳି:** ନବଦୀପ ସଇନୀ, ସୌରଭ କୁମାର, ଦୀପକ ଚହର, ଆର୍ଜାନ ନାଗ୍ୱାସ୍ୱାଲା।

# ରାଜ୍ୟସ୍ତରୀୟ କ୍ୟାରମ ୨୧ରୁ



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୮।୧୨ (କ୍ରୀଡ଼ା ପ୍ରତିନିଧି):** ମା' ଭୁବନେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚଳିତ ମାସ ୧୧ ଓ ୧୨ ତାରିଖ ଦୁଇଦିନଧରି ସହିଦନଗର ଦୁର୍ଗାପୂଜା କମିଟି ସହଯୋଗରେ ଦୁର୍ଗାମଣ୍ଡପରେ ରାଜ୍ୟସ୍ତରୀୟ କ୍ୟାରମ ଅନୁଷ୍ଠିତ ହେବ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ପ୍ରତିଯୋଗିତା ହେବ। ଉଭୟ ବିଭାଗରେ ୬୪ ଜଣ ଲେଖାଏ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ଟ୍ରଫି ସହିତ ବିଜେତା ମାନଙ୍କୁ ଅର୍ଥରାଶି ମଧ୍ୟ ପ୍ରଦାନ କରାଯିବ। ଟୁର୍ନାମେଣ୍ଟରେ ସୁନ୍ଦରଗଡ଼, ପୁରୀ, ବାଙ୍କୀ, ଖୋର୍ଦ୍ଧା, କଟକ, ଜଟଣୀ ଓ ଭୁବନେଶ୍ୱରର କ୍ଲବ ଗୁଡ଼ିକ ଭାଗ ନେବେ ବୋଲି ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସହିଦ ନଗର ଦୁର୍ଗାପୂଜା କମିଟି ସମ୍ପାଦକ ନାରାୟଣ ମହାପାତ୍ର ପ୍ରକାଶ କରିଛନ୍ତି। କମିଟିର ଉପଦେଷ୍ଟା ବିଭୁଦତ୍ତ ଦାସ, କୈଳାସ ଚନ୍ଦ୍ର ମିଶ୍ର, ଅଚ୍ୟୁତ ପ୍ରସାଦ ବେହେରା, ଗୋପାଳ କୃଷ୍ଣ ମହାନ୍ତି, ସତୀଶ ରଞ୍ଜନ ସାମନ୍ତରାୟ, ସଞ୍ଜୟ କୁମାର ଦାସ, ସୁନିଲ ପଟ୍ଟନାୟକ, କାଳିନାରାୟଣ ପଟ୍ଟନାୟକ, ଆଶିଷ ମହାନ୍ତି, ଯୁଗଳ କିଶୋର ସ୍ୱାଇଁ, ସରୋଜ ପାତ୍ର, ମଳୟ ରଞ୍ଜନ ମହାପାତ୍ର, ଶ୍ରୀନିବାସ ରାଓ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଉମାନାଥ ମିଶ୍ର, ସମ୍ପାଦକ ଚନ୍ଦନ ରାଏ ପଟ୍ଟନାୟକ ଏହି ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

# ଆସାମ ବିପକ୍ଷରେ ଓଡ଼ିଶା ଅଗ୍ରଣୀ

**ଭୁବନେଶ୍ୱର,୮।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ପୁନେର ଡେକାନ ଜିମ୍ ଖାନା କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ଆସାମ ମଧ୍ୟରେ ଚାଲିଥିବା ୧୯ ବର୍ଷରୁ କମ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁରୁଷ କୁଚ୍ ବିହାର ଟ୍ରଫି ବୁଧବାର ତୃତୀୟ ଦିବସରେ ପହଞ୍ଚିଛି। ଓଡ଼ିଶା ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି।

ଓଡ଼ିଶା ପ୍ରଥମ ଇନିଂସରେ ୧୯୮ ରନ କରିଥିଲା। ଜବାବରେ ଆସାମ ପ୍ରଥମ ଇନିଂସରେ ୧୭୮ ରନକରି ଅଲ ଆଉଟ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ଓଡ଼ିଶା ୨୦ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଓଡ଼ିଶା ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୫ ଓଭରରେ ୭ ଉଇକେଟ ହରାଇ ୨୨୫ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ମୋଟ ଉପରେ ୨୪୫ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସୁଶୀଲ ବାରିକ ୧୫ ରନ କରି ଅପରାଜିତ ରହିଛନ୍ତି। ଦଳ ତରଫରୁ ସାଇଦୀପ ମହାପାତ୍ର ୬୫, ସମ୍ବିତ ବରାଳ ୫୫, ଆଶୀର୍ବାଦ ସ୍ୱାଇଁ ୨୭ ରନ ସଂଗ୍ରହ କରି ଆଉଟ ହୋଇଛନ୍ତି। ଆସାମ ତରଫରୁ ଅନୁରାଗ ଫୁକନ ସର୍ବାଧିକ ୩ଟି ଉଇକେଟ ନେଇଛନ୍ତି।

# ଭଲିବଲ୍ ରେଫରି ପରୀକ୍ଷା

**ଭୁବନେଶ୍ୱର, ୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ ଭଲିବଲ୍ ରେଫରି କ୍ଲିନିକ୍ ଓ ପରୀକ୍ଷା ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବ। ସେହିପରି ଭୁବନେଶ୍ୱରସ୍ଥିତ କିଟ୍ ୟୁନିଭର୍ସିଟି ପରିସରରେ ୪୭ତମ ଜାତୀୟ ଜୁନିୟର ଚାମ୍ପିୟନଶିପ୍ ୨୦୨୧ ଲାଗି ରାଜ୍ୟ ଭଲିବଲ୍ ଦଳ (ବାଳକ ଓ ବାଳିକା) ସିଲେକ୍ସନ ଟ୍ରାଏଲ୍ ଡିସେମ୍ବର ୧୨ରେ ହେବ। ଭାରତୀୟ ଭଲିବଲ ଲିଗ୍ (ଆଇଭିଏଲ୍) ଆସନ୍ତାବର୍ଷ ଜାନୁୟାରୀ-ଫେବ୍ରୁୟାରୀରେ ହେବ। ଗତ ଅକ୍ଟୋବର ୩ରେ ଓଡ଼ିଶା ଭଲିବଲ୍ ଆସୋସିଏଶନ (ଓଭିଏ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଆଯାଇଥିବା ନିଷ୍ପତ୍ତି କ୍ରମେ ରେଫରି କ୍ଲିନିକ୍‌ରେ ଥିଓରି ଓ ପ୍ରାକ୍ଟିକାଲ କ୍ଲାସ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲା/ୟୁନିଟ୍‌ରୁ ୧୨୦ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଡିସେମ୍ବର ୧୨ରେ ରାଜ୍ୟ ଜୁନିୟର ଭଲିବଲ ଦଳ (ବାଳକ ଓ ବାଳିକା) ପାଇଁ ସିଲେକ୍ସନ ଟ୍ରାଏଲରୁ ମନୋନୀତ ଖେଳାଳି ଡିସେମ୍ବର ୧୩ରୁ ୨୨ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ହେବ। ରାଜ୍ୟ ଜୁନିୟର ଦଳ ଡିସେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ଅନ୍ତର୍ଗତ ବର୍ଦ୍ଧମାନର ଶ୍ରୀଅରବିନ୍ଦ ଷ୍ଟାଡିୟମରେ ହେବାକୁଥିବା ୪୭ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଭାଗ ନେବ। ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ରାଜ୍ୟ ଭଲିବଲ୍ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

# ଶୁଭ୍ରାଂଶୁଙ୍କ ଶତକ: ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର,୮।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଦେଶର ସର୍ବବୃହତ ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି (ଏଲିଟ୍ ଏ)ରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ୬୩ ରନରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ବୁଧବାର ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ

## ବିଜୟ ହଜାରେ ଟ୍ରଫି

ବିକେସିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୨୭୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨୦ଟି ବଲର ସମ୍ମୁଖୀନ ହୋଇ ୧୧୬ ରନର ଶତକୀୟ


ଶୁଭ୍ରାଂଶୁ ସେନାପତି

ଇନିଂସ ଖେଳିଥିଲେ। ସେହିପରି ସନ୍ଦୀପ ପଟ୍ଟନାୟକ ୫୭, ଗୋବିନ୍ଦ ପୋଦ୍ଦାର ୪୬ ଓ ରାଜେଶ ଧୂପର ୧୭ ବଲରୁ ଦ୍ରୁତ ୨୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆନ୍ଧ୍ର ତରଫରୁ ଏମ. ହାରିଶଙ୍କର ରେଡ୍ଡୀ ୨ ଓ ମନୀଷ ଗୋଲମାରୁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ଆନ୍ଧ୍ର ୪୬.୩ ଓଭରରେ ୨୧୫ ରନକରି ଅଲଆଉଟ ହୋଇଥିଲା। ଆନ୍ଧ୍ରର ରିକି ଭୁଇ ୭୪, ମନୀଷ ଗୋଲମାରୁ ୪୮, ହରିଶଙ୍କର ରେଡ୍ଡୀ ୨୦, ଅମ୍ବାତି ରାୟୁଡୁ ୧୨, ଅଧିନାୟକ ଶ୍ରୀକର ଭରତ ୧୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ଜୟନ୍ତ ବେହେରା ସର୍ବାଧିକ ୪, ଦେବବ୍ରତ ପ୍ରଧାନ ୨ ଓ ରାଜେଶ ମହାନ୍ତି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆନ୍ଧ୍ର ପକ୍ଷରୁ ରିକି ଭୁଇ, ଶ୍ରୀକର ଭରତଙ୍କ ସମେତ ଅମ୍ବାତି ରାୟୁଡୁଙ୍କ ଭଳି ତାରକା ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ବିଜୟ ସହ ଓଡ଼ିଶା ୪ ପଏଣ୍ଟ ହାସଲ କରିଛି। ଗୁରୁବାର ଓଡ଼ିଶା ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ।

# ଡ୍ରେସେଲ, ଲେଡେକି ଆଥଲେଟ୍ସ ଅଫ୍ ଇୟର

**ମାୟାମି, ୮।୧୨(ଏପି):** କାଏଲେବ୍ ଡ୍ରେସେଲ ଓ କାଟି ଲେଡେକି ପୁରୁଷ ଓ ମହିଳା ବିଭାଗରେ ଯୁକ୍ତରାଷ୍ଟ୍ର ଆମେରିକାର ବାର୍ଷିକ ଗୋଲ୍ଡେନ୍ ଗଗଲ୍ସ ପୁରସ୍କାର ଲାଭ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଡ୍ରେସେଲ ୫୦ମିଟର ଫ୍ରି-ଷ୍ଟାଇଲ୍,୧୦୦ମିଟର ଫ୍ରି ଓ ୧୦୦ ମିଟର ବଟର ଫ୍ଲାଏରେ ସ୍ୱର୍ଣ୍ଣ ଜିତିଥିଲେ। ସେ ଆହୁରି ମଧ୍ୟ ପୁରୁଷ ୪X ୧୦୦ ଫ୍ରି ଓ ୪X ୧୦୦ ମିଡ୍‌ଲେ ରିଲେ ରେସ୍ ଜିତିଥିବା ଦଳର ସଦସ୍ୟ ଥିଲେ। ଲେଡେକି ଟୋକିଓରେ ଦୁଇ ସ୍ୱର୍ଣ୍ଣ ଓ ଦୁଇ ରୌପ୍ୟ ପଦକ ଲାଭ କରିଛନ୍ତି। ଅଲିମ୍ପିକ ଇତିହାସରେ ମହିଳା ବିଭାଗରେ ବ୍ୟକ୍ତିଗତ ଭାବେ ଏହା ବଡ଼ ସଫଳତା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୧୨+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୯/୨୦୨୧ (୧୨+୮=୨୦ ପୃଷ୍ଠା)

Bhubaneswar, Thursday, December 9/2021




**ଓଲଫ୍ ସ୍କୋଲ୍ଜ ନୂଆ ଚାନ୍ସେଲର**

ସୋସିଆଲ୍ ଡେମୋକ୍ରାଟ୍ସ ପାର୍ଟି ନେତା ଓଲଫ୍ ସ୍କୋଲ୍ଜ ଜର୍ମାନୀର ନୂଆ ଚାନ୍ସେଲର ନିର୍ବାଚିତ ହୋଇଛନ୍ତି। ଏଥିସହ ଆଞ୍ଜେଲା ମର୍କେଲଙ୍କ ୧୬ ବର୍ଷର ଶାସନ ଶେଷ ହୋଇଛି। ୦୩

୦୮ **ଡାକାରରେ ଭାଗ ନେବେ ହାରିଥ୍**

ଡାକାର ୨୦୨୨ରେ ଟିଭିଏସ୍ ରେସିଂ ଟିମ୍‌ର ହାରିଥ୍ ନୋହା ଭାରତରୁ ପ୍ରତିନିଧିତ୍ୱ କରିବେ।



# ୮,୧୬୮ ପିଲା ଅଧାରୁ ପାଠ ଛାଡ଼ିଛନ୍ତି

**ଭୁବନେଶ୍ୱର, ୮।୧୨(ବ୍ୟୁରୋ)**

**୨୦୧୯-୨୦ ଶିକ୍ଷା ବର୍ଷ**
- ନୂଆପଡ଼ାରୁ ସର୍ବାଧିକ ୮୯୬
- ସରକାରୀ ସ୍କୁଲର ୭୧% ପିଲା ସ୍ମାର୍ଟ ଫୋନ୍‌ରୁ ବଞ୍ଚିତ ଥିଲେ

୨୦୧୯-୨୦ ଶିକ୍ଷା ବର୍ଷରେ ୮,୧୬୮ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଏଥିମଧ୍ୟରୁ ନୂଆପଡ଼ାରୁ ସର୍ବାଧିକ ୮୯୬, ଗଞ୍ଜାମ ୫୮୩, ମୟୂରଭଞ୍ଜ ୫୪୨, ସୁନ୍ଦରଗଡ଼ ୫୨୬, ଖୋର୍ଦ୍ଧା ୬୦୩, କେନ୍ଦୁଝର ୬୮୧, କଳାହାଣ୍ଡି ୫୨୮ ପିଲା ରହିଛନ୍ତି। ସେହିଭଳି ରାୟଗଡ଼ା ୪୬୦, ଯାଜପୁର ୪୪୯, କୋରାପୁଟ ୪୨୮, ବାଲେଶ୍ୱର ୨୭୮, କଟକ ୨୪୧, କେନ୍ଦ୍ରାପଡ଼ା ୨୧୨, ନବରଙ୍ଗପୁର ୧୯୫, ବଲାଙ୍ଗୀର ୧୭୧, ବରଗଡ଼ ୧୬୯, ପୁରୀ ୧୬୫, କନ୍ଧମାଳ ୧୬୪, ଅନୁଗୋଳ ୧୨୪, ସମ୍ବଲପୁର ୧୨୨, ଗଜପତି ୧୧୨, ମାଲକାନଗିରି ୧୦୮, ନୟାଗଡ଼ ୯୦, ଭଦ୍ରକ ୭୪, ଜଗତ୍‌ସିଂହପୁର ୬୦, ଢେଙ୍କାନାଳ ୪୮, ଝାରସୁଗୁଡ଼ା ୪୬, ସୋନପୁର ୪୪ଜଣ ଦେବଗଡ଼ ୨୮ ଓ ବୌଦ୍ଧ ୨୧ଜଣ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଏମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ ଉତ୍ତର ରଖିଛନ୍ତି।

କରୋନା ପରବର୍ତ୍ତୀ ସମୟରେ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଖୋଲିବାକୁ ସରକାର ଅନୁମତି ଦେଇଛନ୍ତି କି? ଏବେ ପୂର୍ବପରି ପିଲାମାନେ ସ୍କୁଲକୁ ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା କଥା ସତ କି? ସମଗ୍ର ରାଜ୍ୟରେ ପାଠପଢ଼ା ଛାଡ଼ିଥିବା ପିଲାଙ୍କ ସଂଖ୍ୟା କେତେ? ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ କାହାକୁ ଦାୟିତ୍ୱ ଦିଆଯାଇଛି ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରଶ୍ନ କରିଥିଲେ। ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, କରୋନା ପରବର୍ତ୍ତୀ ସମୟରେ ଷଷ୍ଠ-ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ପୂର୍ବପରି ପିଲାମାନେ ସ୍କୁଲକୁ ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ନେଇ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ତେବେ ୨୦୧୯-୨୦ରେ ୮,୧୬୮ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ସେହିପରି ସ୍ମାର୍ଟଫୋନ ଉପଲବ୍ଧତା ନେଇ ବିଧାୟିକା କୁସୁମ ଟେଟେ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କୁ ପ୍ରଶ୍ନ କରିଥିବାବେଳେ ଏହାର ଉତ୍ତରରେ ସେ କହିଛନ୍ତି, ୨୦୨୦ ସେପ୍ଟେମ୍ବରରେ ଏନେଇ ସର୍ଭେ ହୋଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ସର୍ଭେ କରାଯାଇଥିବାବେଳେ ରାଜ୍ୟରେ ୨୮.୮୭% ପିଲାଙ୍କ ପାଖରେ ସ୍ମାର୍ଟଫୋନ ଥିବା ଜଣାପଡ଼ିଥିଲା। ଅର୍ଥାତ୍ ୭୧% ପିଲା ସ୍ମାର୍ଟ ଫୋନ ବ୍ୟବହାର କରୁ ନ ଥିଲେ।

# ଫଟୋ ଦେଖାଇ ମୁହାଁମୁହିଁ







ଭାଜପା ଓ ବିଜେଡି ବିଧାୟକମାନେ ପରସ୍ପର ବିରୋଧରେ ମମିତା ହତ୍ୟାକାଣ୍ଡ ଅଭିଯୁକ୍ତଙ୍କ ସହ ସମ୍ପର୍କର ଫଟୋ ଦେଖାଇ ବିଧାନସଭା ପରିସରରେ ବୁଧବାର ବିକ୍ଷୋଭ କରୁଛନ୍ତି।

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

## ପ୍ରସଙ୍ଗ ଗୋଟିଏ, ଅଚଳ ୭ ଦିନ

ମମିତା ମେହେର ହତ୍ୟା ପ୍ରସଙ୍ଗକୁ ନେଇ ବିଧାନସଭା ଗତ ୭ ଦିନ ଧରି ଅଚଳ ରହିଛି। ପୂର୍ବରୁ ବିରୋଧୀ ଦଳ ବିଧାନସଭାରେ ହଟ୍ଟଗୋଳ କରୁଥିଲେ। ଗତ ଦୁଇଦିନ ହେବ ବିରୋଧୀଙ୍କୁ କାଉଣ୍ଟର କରିବାକୁ ଶାସକ ଦଳର ସଦସ୍ୟମାନେ ମଧ୍ୟ ହଟ୍ଟଗୋଳ ମଇଦାନକୁ ଓହ୍ଲାଇଛନ୍ତି। ଶାସକ ଦଳ କେନ୍ଦ୍ର ଅବହେଳା ଏବଂ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବିକରି ହୋହଲ୍ଲା କରୁଛନ୍ତି। ବିଧାନସଭାରେ ଏକପ୍ରକାର ହାଇଡ୍ରାମା ଦେଖିବାକୁ ମିଳିଛି। ଭାଜପା ଓ କଂଗ୍ରେସ କେତେବେଳେ କଳାଗାମୁଛା ପକାଇ ତ ଆଉ କେତେବେଳେ ଘଣ୍ଟ ବଜାଇ, ଗଙ୍ଗାଜଳ ସିଞ୍ଚନ କରି ବିରୋଧୀ ଦଳ ଅଭିନବ ଢଙ୍ଗରେ ପ୍ରତିବାଦ କରି ଆସୁଛନ୍ତି। ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି, ସର୍ବଦଳୀୟ ବୈଠକ ପରେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରୁନାହିଁ। ବିରୋଧୀଙ୍କ ଗୋଟିଏ ଜିଦ୍ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉ, ଘଟଣାର ତଦନ୍ତ ସିବିଆଇକୁ ଦିଆଯାଉ। କେବଳ ଗୋଟିଏ ପ୍ରସଙ୍ଗରେ ବିରୋଧୀ ଅଟକି ଥିବାବେଳେ ଚାଷୀ, ବେକାରି, ଆଇନଶୃଙ୍ଖଳା ଭଳି ଅନ୍ୟାନ୍ୟ ବହୁ ସମସ୍ୟା ହଜିଯାଇଛି।

ବୁଧବାର ୧୦ଟା ୩୦ ମିନିଟରେ ବାଚସ୍ପତି ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ନିଜ ସିଟ୍‌ରେ ବସିବା ଆଗରୁ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଧସେଇ ପଶି ଆସି ହଟ୍ଟଗୋଳ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଦେଖି ଶାସକ ଦଳର ସଦସ୍ୟମାନେ ମଧ୍ୟ ହୋହଲ୍ଲା କରିଥିଲେ। ମମିତା ମାମଲାରେ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଓକିଲଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ ହୋଇଥିଲେ। ଭାଜପା ସଦସ୍ୟମାନେ ଗୋବିନ୍ଦଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଥିବାର ଏକ ଫଟୋ ଗୃହରେ ଦେଖାଇଥିଲେ। ବିଜେଡି ସଦସ୍ୟମାନେ ମଧ୍ୟ ଗୋବିନ୍ଦଙ୍କ ଓକିଲଙ୍କ ସହ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତ ଥିବା ଫଟୋ ପ୍ଲାକାର୍ଡ ଦେଖାଇଥିଲେ। ଫଳରେ ଗୃହରେ ଅଚଳାବସ୍ଥା ଦେଖାଦେଇଥିଲା।

ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ୧୦ଟା ୩୧ରୁ ୧୧ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ପରିସ୍ଥିତିରେ କୌଣସି ସୁଧାର ହୋଇ ନ ଥିଲା। ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ଉପରକୁ ପ୍ଲାକାର୍ଡ ଓ କଳାଗାମୁଛା ଫିଙ୍ଗିଥିଲେ। କଂଗ୍ରେସ ବି ପ୍ଲାକାର୍ଡ ଦେଖାଇ ଜୋରଦାର ପ୍ରତିବାଦ କରିଥିଲା। ଏଥିଯୋଗୁ ଆଉ ୩୦ ମିନିଟ ପାଇଁ ବାଚସ୍ପତି ଗୃହକୁ ମୁଲତବୀ କରିଥିଲେ। ଏହାପରେ ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ଅସମାପ୍ତ ଥିବାରୁ ପୁଣି ୧୨ଟା ୩ରୁ ଅଧଘଣ୍ଟା ଗୃହକୁ ମୁଲତବୀ କରାଯାଇଥିଲା। ସର୍ବଦଳୀୟ ବୈଠକ ସତ୍ତ୍ୱେ ବିଧାନସଭାରେ ଅଚଳାବସ୍ଥା ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୧୨ଟା ୩୩ରୁ ଅପରାହ୍ନ ୪ଟା ☞ପୃଷ୍ଠା-୬

## ଇଭି ବିକ୍ରିରେ ୟୁପି, ଦିଲ୍ଲୀ, କର୍ଣାଟକ ଅଗ୍ରଣୀ ରାଜ୍ୟ

ନୂଆଦିଲ୍ଲୀ,୮।୧୨

ବୈଦ୍ୟୁତିକ ଯାନ (ଇଭି) ବିକ୍ରି କ୍ଷେତ୍ରରେ ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ କର୍ଣାଟକ ଦେଶରେ ଅଗ୍ରଣୀ ରାଜ୍ୟ। ଏହି ୩ ରାଜ୍ୟ ଇଭି ପଞ୍ଜୀକରଣ କ୍ଷେତ୍ରରେ ଯଥାକ୍ରମେ ପ୍ରଥମ ତିନି ସ୍ଥାନରେ ରହିଥିବା ବୁଧବାର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ରାଜ୍ୟ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି। ଗଡ଼କରୀ କହିଛନ୍ତି, ଭାରତରେ ୮,୭୦,୧୪୧ ବୈଦ୍ୟୁତିକ ଯାନ ପଞ୍ଜୀକୃତ ହୋଇଛି। ସେଥିମଧ୍ୟରେ ଉତ୍ତରପ୍ରଦେଶରେ ସର୍ବାଧିକ ୨,୫୫,୭୦୦, ଦିଲ୍ଲୀରେ ୧,୨୫,୩୪୭ ଏବଂ କର୍ଣାଟକରେ ୭୨,୫୪୪ ପଞ୍ଜୀକରଣ ହୋଇଛି। ଏ କ୍ଷେତ୍ରରେ ଚତୁର୍ଥ ଏବଂ ପଞ୍ଚମ ସ୍ଥାନରେ ରହିଛି ବିହାର (୫୮,୦୧୪) ଏବଂ ମହାରାଷ୍ଟ୍ର (୫୨,୫୦୬)। ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଉଦ୍ଦେଶ୍ୟରେ ଦେଶରେ ବୈଦ୍ୟୁତିକ ଏବଂ ହାଇବ୍ରିଡ୍ ଯାନକୁ ପ୍ରୋତ୍ସାହିତ କରିବା ପାଇଁ ଭାରି ଶିଳ୍ପ ମନ୍ତ୍ରଣାଳୟ ୨୦୧୫ରେ 'ଫାଷ୍ଟର ଆଡପ୍ସନ ଆଣ୍ଡ ମାନୁଫାକଚରିଂ ଅଫ୍ ହାଇବ୍ରିଡ୍ ଆଣ୍ଡ ଇଲେକ୍ଟ୍ରିକ ଭେହିକିଲ ଇନ୍ ଇଣ୍ଡିଆ' (ଫେମ୍ ଇଣ୍ଡିଆ) ଯୋଜନା ପ୍ରସ୍ତୁତ କରିଛି। ୨୦୧୯ ଏପ୍ରିଲ ୧ରୁ ଫେମ୍ ଇଣ୍ଡିଆ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ୫ ବର୍ଷ ପାଇଁ କାର୍ଯ୍ୟକାରୀ ହୋଇଥିବାବେଳେ ୧୦,୦୦୦ କୋଟି ଟଙ୍କାର ସହାୟତା ନିମନ୍ତେ ବ୍ୟବସ୍ଥା ହୋଇଥିବା ଗଡ଼କରୀ କହିଛନ୍ତି। ସେହିପରି ବୈଦ୍ୟୁତିକ ଯାନ ଉପରେ ଜିଏସ୍‌ଟି ୧୨%ରୁ ୫% ଏବଂ ଇଭି ଚାର୍ଜିଂ ଷ୍ଟେଶନ ଉପରେ ଜିଏସ୍‌ଟି ୧୮%ରୁ ୫%କୁ ☞ପୃଷ୍ଠା-୬

## ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ସଫଳ ପରୀକ୍ଷଣ



ବୁଧବାର- 'ବ୍ରହ୍ମୋସ' ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଏୟାର ଭର୍ସନ୍।

**ବାଲେଶ୍ୱର ଅଫିସ, ୮।୧୨**

ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)ରୁ 'ବ୍ରହ୍ମୋସ' ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଏୟାରଭର୍ସନ୍‌ର ପରୀକ୍ଷଣ ସଫଳ ହୋଇଛି। ବୁଧବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍ ସମୟରେ ସୁଖୋଇ-୩୦ ଏମ୍‌କେ-୧ ଯୁଦ୍ଧବିମାନରୁ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ବିମାନରୁ ସମସ୍ତ ମିଶନ ଉଦ୍ଦେଶ୍ୟ ପୂରଣ ଲାଗି ପୂର୍ବ-ଯୋଜନାବଦ୍ଧ ଟ୍ରାଜେକ୍ଟୋରି ଅନୁସରଣ କରାଯାଇଥିଲା। ଏହି ମିଶାଇଲ ପରୀକ୍ଷଣ ସଫଳ ହୋଇଥିବା ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ କୁହାଯାଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ସହିତ ପରୀକ୍ଷଣରେ ସମ୍ପୃକ୍ତ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

'ବ୍ରହ୍ମୋସ' ବିକାଶରେ ଏହି ସଂସ୍କରଣ ଏକ ପ୍ରମୁଖ ମାଇଲଖୁଣ୍ଟ। ଦେଶରେ ଏୟାର ଭର୍ସନ 'ବ୍ରହ୍ମୋସ' କ୍ଷେପଣାସ୍ତ୍ରର କ୍ରମିକ ଉତ୍ପାଦନ ବ୍ୟବସ୍ଥା ଲାଗି ବାଟ ଫିଟିଛି। ଏଥିରେ ବ୍ୟବହୃତ ଅଧିକାଂଶ ଯନ୍ତ୍ରାଂଶ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ। ଏଥିରେ ଅନ୍ତର୍ଭୁକ୍ତ ହୋଇଛି ଧାତବ ଏବଂ ଅଣ-ଧାତବ ଏୟାରଫ୍ରେମ୍ ବିଭାଗଗୁଡିକ ରାମଜେଟ୍ ଇନ୍ଧନ ଟ୍ୟାଙ୍କ ବ୍ୟବସ୍ଥା। ପରୀକ୍ଷଣ ସମୟରେ ଏହାର ଗଠନମୂଳକ ଅଖଣ୍ଡତା ଏବଂ କାର୍ଯ୍ୟଦକ୍ଷତାର ପ୍ରମାଣିତ ହୋଇଛି। ଚଳିତବର୍ଷ ଜୁଲାଇରେ 'ବ୍ରହ୍ମୋସ' ଏୟାରଭର୍ସନର ଶେଷ ପରୀକ୍ଷା କରାଯାଇଥିଲା। ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ବିକାଶ ଭାରତ (ଡିଆର୍‌ଡିଓ) ଏବଂ ରୁଷିଆ (ଏନ୍‌ପିଓଏମ୍ )ର ମିଳିତ ଉଦ୍ୟମରେ କରାଯାଇଛି। 'ବ୍ରହ୍ମୋସ' ପୂର୍ବରୁ ସଶସ୍ତ୍ର ବାହିନୀରେ ଅନ୍ତର୍ଭୁକ୍ତ ହୋଇସାରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭୦୦କି.ମି.ରୁ ୧୦୦୦ କି.ମି.। ଏହା ୨୦୦ କି.ଗ୍ରା.ରୁ ୧୦୦୦ କି.ଗ୍ରା. ବିଶିଷ୍ଟ ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ। ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳ ହେବା ପରେ ଭାରତୀୟ ବାୟୁସେନାର ଶକ୍ତି ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପ୍ରସାରଣକୁ କେନ୍ଦ୍ରର ମଞ୍ଜୁରୀ

**ଭୁବନେଶ୍ୱର,୮।୧୨(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ ଆବାସଯୋଜନା-ଗ୍ରାମୀଣ(ପିଏମ୍‌ଏୱାଇ-ଜି)ର ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ମଞ୍ଜୁରୀ ସମ୍ପର୍କରେ ବୁଧବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ସୂଚନା ଦେବା ସହ ଏହା ଓଡିଶା ସମେତ ଦେଶର ସବୁ ଗ୍ରାମାଞ୍ଚଳରେ ସମସ୍ତଙ୍କ ପାଇଁ ପକ୍କା ଘର ଲକ୍ଷ୍ୟକୁ ପୂରଣ କରିବ ବୋଲି କହିଛନ୍ତି। ପିଏମ୍ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣ ଦ୍ୱାରା କେନ୍ଦ୍ର ସରକାରଙ୍କ ମୌଳିକ ସୁବିଧା ସହ ୨ କୋଟି ୯୫ ଲକ୍ଷ ପକ୍କା ଘର ନିର୍ମାଣର ଲକ୍ଷ୍ୟକୁ ହାସଲ କରାଯାଇପାରିବ। ବଳକା ୧୫୫.୭୫ ଲକ୍ଷ ଘର ନିର୍ମାଣ ପାଇଁ ମଧ୍ୟ ସହାୟତା ଦିଆଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ପ୍ରଧାନ କହିଛନ୍ତି।

## ବଳକା ଉଷୁନା ଚାଉଳ ଉଠାଇବାକୁ ଦାବି

**କେନ୍ଦ୍ର ମନ୍ତ୍ରୀଙ୍କୁ ବିଜେଡି ସଂସଦୀୟ ଦଳର ସ୍ମାରକପତ୍ର**



କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ସାକ୍ଷାତ କରୁଛନ୍ତି ବିଜେଡି ସଂସଦୀୟ ଦଳ।

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶାରୁ ବଳକା ଉଷୁନା ଚାଉଳ ସଂଗ୍ରହ କରିବାକୁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଛନ୍ତି। ଏ ନେଇ ବିଜେଡି ସଂସଦୀୟ ଦଳ ବୁଧବାର କେନ୍ଦ୍ର ଖାଦ୍ୟମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଜେଡି ସଂସଦୀୟ ଦଳ ପକ୍ଷରୁ ପ୍ରଦାନ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୨୧-୨୨ ବର୍ଷ ପାଇଁ ରାଜ୍ୟରେ ୫୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅମଳ ହେବାର ଆଶା କରାଯାଉଛି। ଏଥିରୁ ବିଭିନ୍ନ ଯୋଜନା ବାବଦରେ ୨୦ଲକ୍ଷ ମେଟ୍ରିକ ଟନ୍ ଉଷୁନା ଓ ୪ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ବଣ୍ଟନ ସରିଲା ପରେ ଆଉ ୨୪ଲକ୍ଷ ମେଟ୍ରିକ ଟନ୍ ଉଷୁନା ଚାଉଳ ବଳକା ହେବ। ଯଦି କେନ୍ଦ୍ର ସରକାର ଏହି ଉଷୁନା ଚାଉଳ ଓଡ଼ିଶାରୁ ସଂଗ୍ରହ କରିବେ ନାହିଁ, ତାହାହେଲେ ରାଜ୍ୟର ପ୍ରାୟ ୧୦ ଲକ୍ଷ ଚାଷୀ ପରିବାର ପ୍ରଭାବିତ ହେବେ। ପୂର୍ବରୁ ଏହି ପ୍ରସଙ୍ଗରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତ। ତେଣୁ ଉଷୁନା ଚାଉଳ ସଂଗ୍ରହ କରା ନ ଯିବା ନେଇ ଜାରି ଆଦେଶକୁ ପରିବର୍ତ୍ତନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଏହି ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସଭା ପ୍ରଶ୍ନକାଳରେ ବିଜେଡି ରାଜ୍ୟ ସଭା ସଭ୍ୟ ସସ୍ମିତ ପାତ୍ର କେନ୍ଦ୍ର ଖାଦ୍ୟମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଏଫ୍‌ସିଆଇ ଓଡ଼ିଶାରୁ କାହିଁକି ଉଷୁନା ଚାଉଳ ଉଠାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏଥିପାଇଁ ମନ୍ତ୍ରୀ ଏଫ୍‌ସିଆଇକୁ ନିର୍ଦ୍ଦେଶ ଦେବା ପାଇଁ ସେ ଦାବି କରିଥିଲେ। ଏହା କରା ନ ଗଲେ କୋଭିଡ୍ ମହାମାରୀ ସମୟରେ ଚାଷୀମାନେ ଗୁରୁତର ପ୍ରଭାବିତ ହେବେ ବୋଲି ସେ କହିଥିଲେ। ଏହି ପ୍ରସଙ୍ଗରେ ସହଯୋଗ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ରାଜି ହୋଇଥିଲେ। ଏହା ସତ୍ତ୍ୱେ ଏଫ୍‌ସିଆଇ ଉଷୁନା ଚାଉଳ ସଂଗ୍ରହ କରିବ ନାହିଁ ବୋଲି ନିଷ୍ପତ୍ତି କରିଛି। ଯାହା ଓଡ଼ିଶା ତଥା ଚାଷୀମାନଙ୍କ ଉପରେ ପ୍ରଭାବ ପକାଇବ। ଅନ୍ୟପକ୍ଷରେ ଏ ପ୍ରସଙ୍ଗରେ ଉପଯୁକ୍ତ ବିଚାର କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି।



ଆରପିଏଫ୍ ଥାନାରେ ଜବତ ଟଙ୍କାକୁ ଯାଞ୍ଚ କରାଯାଉଛି।

## ଷ୍ଟେଶନରୁ ଜବତ ହେଲା ୨୪.୫ ଲକ୍ଷ

**କଟକ ଅଫିସ,୮।୧୨**

କଟକ ରେଳଷ୍ଟେଶନରେ ବୁଧବାର ଜଣେ ଯାତ୍ରୀଙ୍କ ୪ଟି ଟ୍ରଲି ବ୍ୟାଗ୍‌ରୁ ୨୪ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଛି। ବେଆଇନ ଭାବେ ରାଜଧାନୀ ଏକ୍ସପ୍ରେସ୍‌ରେ ଦିଲ୍ଲୀ ନିଆଯାଉଥିବା ଏହି ଟଙ୍କାକୁ କଟକ ସରକାରୀ ରେଲ୍‌ୱେ ପୋଲିସ(ଜିଆର୍‌ପି) ଜବତ କରିଛି। ତେବେ ଏହି ଟଙ୍କା ନେଇ ଯାଉଥିବା ସମ୍ପୃକ୍ତ ଯାତ୍ରୀ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ଅଟକ ରଖିଛି। ତାଙ୍କ ଘର ଯାଜପୁର ଅଞ୍ଚଳରେ ବୋଲି ଜିଆରପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ମିଳିଥିବା ☞ପୃଷ୍ଠା-୬

## 'ଚାଷୀ ଅସନ୍ତୋଷରୁ ବର୍ତ୍ତିବା ପାଇଁ ଅପପ୍ରୟାସ'

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ରାଜ୍ୟରେ ଚାଷୀକୁଳର ଅସନ୍ତୋଷ ବୃଦ୍ଧି ପାଇଚାଲିଛି। ରାଜ୍ୟବାସୀଙ୍କ ଭାବନାକୁ ଅଣଦେଖା କରିବା ସହିତ ନିଜ ଦୋଷକୁ ଲୁଚାଇବା ପାଇଁ ଶାସକ ବିଜେଡି ତରଫରୁ ଭିନ୍ନ ଭିନ୍ନ ଅପପ୍ରୟାସ କରାଯାଉଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଧାନ, ପନିପରିବା ଆଦି ଶସ୍ୟ ନଷ୍ଟ ହେବା କାରଣରୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛି। ରାଜ୍ୟ ସରକାର କ୍ଷତିପୂରଣ ଦେବା ପାଇଁ କୌଣସି ଘୋଷଣା କରୁନାହାନ୍ତି କି ପଦକ୍ଷେପ ଗ୍ରହଣ କରିନାହାନ୍ତି। ନଭେମ୍ବର ୧ରୁ ରାଜ୍ୟରେ ସମସ୍ତ ଧାନମଣ୍ଡି ଖୋଲାଯିବା ବ୍ୟବସ୍ଥା ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୮୦ ପ୍ରତିଶତ ଧାନମଣ୍ଡି ଖୋଲି ନାହିଁ। ଟୋକନ ଅବଧି ପୂରିବାକୁ ବସିଲାଣି। ମଣ୍ଡି ନ ଖୋଲିବାରୁ ମିଲର୍ସମାନେ ଚାଷୀମାନଙ୍କୁ ଶୋଷଣ କରି ଧାନ କୁଇଣ୍ଟାଲ ପ୍ରତି ୧୦୦୦ରୁ ୧୨୦୦ ଟଙ୍କାରେ କିଣୁଛନ୍ତି। ଅରୁଆ, ଉଷୁନା କଥା କହି ଚାଷୀଙ୍କଠାରୁ ୧୦-୧୨ କେଜି କଟନୀ ଛଟନୀ କରାଯାଉଛି। ବସ୍ତା, ସୁତୁଲି, ପରିବହନ ପାଇଁ କେନ୍ଦ୍ର ସରକାର ପ୍ରଦାନ କରୁଥିବା ଅର୍ଥକୁ ଲୁଟ୍ କରାଯାଉଛି। ଗତ ୧୦ ବର୍ଷରେ ୨୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ କରାଯାଇଛି। ଚାଷୀ ଅସନ୍ତୋଷରୁ ବର୍ତ୍ତିବା ☞ପୃଷ୍ଠା-୬

# ଚାଇନା ସହ ଆଲୋଚନା ଚାହୁଁନି କେନ୍ଦ୍ର

**ନୂଆଦିଲ୍ଲୀ, ୮।୧୨**

ଚାଇନା ସହ ସୀମା ବିବାଦ କ୍ରମଶଃ ଜଟିଳ ହେଉଥିବାବେଳେ କେନ୍ଦ୍ର ସରକାର ଏନେଇ ପାର୍ଲାମେଣ୍ଟରେ ଆଲେଚାନା କରିବାକୁ ଚାହୁଁ ନ ଥିବା କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ବୁଧବାର କହିଛନ୍ତି। ଏଥିସହିତ ସରକାରଙ୍କ କୋଭିଡ୍ ଟିକାକରଣ ନୀତିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ସଂସଦୀୟ ଦଳ ବୈଠକରେ ଉଦ୍‌ବୋଧନ ଦେଇ ସୋନିଆ କହିଥିଲେ, କୃଷକମାନଙ୍କ ସହ ଛିଡ଼ା ହେବା ପାଇଁ ତାଙ୍କ

## ବଢୁଛି ସୀମା ବିବାଦ

ଦଳ ପ୍ରତିଶ୍ରୁତିବଦ୍ଧ। ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି, ଚାଷକାର୍ଯ୍ୟରେ ଖର୍ଚ୍ଚ ସହ ଚାଷୀଙ୍କୁ ସେମାନଙ୍କ ପରିଶ୍ରମର ମୂଲ୍ୟ ମିଳିବା ଏବଂ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବିକୁ କଂଗ୍ରେସ ସମର୍ଥନ ଜାରି


ସୋନିଆ ଗାନ୍ଧୀ

ରଖିବ। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ଆକାଶଛୁଆଁ ହୋଇଥିବା ବେଳେ ନରେନ୍ଦ୍ର ମୋଦି ସରକାର ଏଥିପ୍ରତି ସମ୍ବେଦନଶୀଳ ନ ହେବା ଏବଂ ସମସ୍ୟାର ଗୁରୁତ୍ୱକୁ ଅଣଦେଖା କରିବାର କାରଣ ବୁଝିପାରୁନାହିଁ ବୋଲି ସୋନିଆ କହିଥିଲେ। ପେଟ୍ରୋଲ, ଡିଜେଲରେ ସରକାର ଯେଉଁ ଦର ହ୍ରାସ କରିଛନ୍ତି ତାହା ଯଥେଷ୍ଟ ନୁହେଁ। କେନ୍ଦ୍ର ଭାଟ୍ ହ୍ରାସ କରିବା ଦାୟିତ୍ୱ ଆର୍ଥିକ ଦୁର୍ବଳ ରାଜ୍ୟଗୁଡ଼ିକ ଉପରେ ଛାଡ଼ିଦେଉଛି ବୋଲି କଂଗ୍ରେସ ଅଧକ୍ଷା କହିଥିଲେ।


ରାଜ୍ୟ ସଭାରୁ ନିଲମ୍ବିତ ୧୨ ସଦସ୍ୟଙ୍କୁ ସମର୍ଥନ କରି ସମାଜବାଦୀ ପାର୍ଟି ଅଧକ୍ଷ ଅଖିଲେଶ ଯାଦବ ବୁଧବାର ପାର୍ଲାମେଣ୍ଟ ଭବନ ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। (ଫଟୋ- ଚମନ ଗୌତମ)

# ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଅ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

## ୧୫ରେ ରାଜଭବନ ସମ୍ମୁଖରେ କଂଗ୍ରେସର ଧାରଣା ଚେତାବନୀ

‘ଜୱାଦ’ଜନିତ ଅଦିନିଆ ବର୍ଷାରେ ଓଡ଼ିଶାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। କେବଳ ଧାନ ଚାଷୀ ନୁହନ୍ତି, ପରିବା ଚାଷୀ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଭଳି ବିପ୍ୱାତ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି।

ବୁଧବାର ରାଜ୍ୟ କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଓ ମୁଖପାତ୍ର ଅମିୟ ପାଣ୍ଡବ ଉପସ୍ଥିତ ରହି ଅବିଳମ୍ବେ ଚାଷୀଙ୍କ କୃଷି ଋଣ ଛାଡ଼ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଦ୍ମାକର କହିଛନ୍ତି, ଚାଷୀଙ୍କ ଦୁଃଖ ସମୟରେ ବିଧାନସଭାରେ ଗୃହମୁଖ୍ୟ ଉପସ୍ଥିତ ନ ରହିବା, ଏନେଇ ଆଲୋଚନା ନ ହେବା ଓ ବାଚସ୍ପତି ହାତ ଟେକିଦେବା


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

ଶୋଭନୀୟ ନୁହେଁ। ସେହିପରି ଅମିୟ କହିଛନ୍ତି, କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ରିଲିଫ ବ୍ୟବସ୍ଥାରେ ଚାଷୀକୁଳ ଠିକ୍ ଭାବେ ଉପକୃତ ହୋଇପାରୁ ନାହାନ୍ତି। ଏଣୁ ପ୍ରଚଳିତ ରିଲିଫ କୋଡ୍‌ର ସଂଶୋଧନ କରାଗଲେ କୃଷକଙ୍କ ସ୍ୱାର୍ଥରକ୍ଷା ହୋଇପାରିବ। ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଇନ୍‌ପୁଟକୁ ୩ଗୁଣା ବୃଦ୍ଧି କରାଯାଉ। ସରକାରଙ୍କ ତରଫରୁ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଯେଉଁ କୃଷି ଇନ୍‌ପୁଟ ସହାୟତାର ପ୍ରଚଳିତ ବ୍ୟବସ୍ଥା ରହିଛି, ତାହାକୁ ତୁରନ୍ତ ପରିବର୍ତ୍ତନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂଶୋଧିତ ବୃଦ୍ଧି ସହାୟତା ପ୍ରଦାନ କରାଯିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ଦାବିଗୁଡ଼ିକୁ ପୂରଣ ନକଲେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଆସନ୍ତା ୧୫ ତାରିଖ ବୁଧବାର ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପାଣ୍ଡବ ଚେତାବନୀ ଦେଇଛନ୍ତି। ପ୍ରକାଶଯୋଗ୍ୟ, ‘ଜୱାଦ’ କ୍ଷତିଗ୍ରସ୍ତ କୃଷକଙ୍କୁ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ମଙ୍ଗଳବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ।

# ୧୩ରେ ‘ଦିବ୍ୟ କାଶୀ–ଭବ୍ୟ କାଶୀ’

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକ ପ୍ରାଚୀନ ଧାର୍ମିକ ସହର କାଶୀ ବିଶ୍ୱନାଥ ଧାମର ସୌନ୍ଦର୍ଯ୍ୟକରଣ ଓ ସାମଗ୍ରିକ ବିକାଶ କାର୍ଯ୍ୟ ‘ଦିବ୍ୟ କାଶୀ–ଭବ୍ୟ କାଶୀ’କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୩ ତାରିଖରେ ଲୋକାର୍ପଣ କରିବେ। ସାରା ଦେଶରୁ ଧର୍ମାଚାର୍ଯ୍ୟ, ସାଧୁସନ୍ଥ, ଜ୍ଞାନିଗୁଣି, ପ୍ରବୁଦ୍ଧଜନ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ତଥା ଉତ୍ତରପ୍ରଦେଶ ସରକାରଙ୍କ ମନ୍ତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ବୁଧବାର ରାଜ୍ୟ ଭାଜପା କାର୍ଯ୍ୟାଳରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସଂଯୋଜକ ନୟନ

## ସମସ୍ତ ଜ୍ୟୋତିର୍ଲିଙ୍ଗ ନିକଟରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ : ଭାଜପା

କିଶୋର ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉକ୍ତଦିନ ଦେଶର ସମସ୍ତ ଜ୍ୟୋତିର୍ଲିଙ୍ଗଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହେବ। ଦେଶର ପ୍ରାୟ ୫୧ ହଜାର ସ୍ଥାନରେ ବଡ ପରଦା ଲଗାଯାଇ ‘ଦିବ୍ୟ କାଶୀ–ଭବ୍ୟ କାଶୀ’ କାର୍ଯ୍ୟକ୍ରମ ସିଧା ପ୍ରସାରଣ ହେବ। ଓଡିଶାରେ ମଧ୍ୟ ସମସ୍ତ ମଣ୍ଡଳର ଶିବାଳୟଗୁଡିକରେ ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚାଲିଛି। ୯ ତାରିଖରେ ପ୍ରଭାତ ପରିକ୍ରମା ୧୦,୧୧ ଓ ୧୨ରେ ମଠ, ମନ୍ଦିର, ଆଶ୍ରମ, ଧାର୍ମିକ ସ୍ଥଳରେ ସ୍ୱଚ୍ଛତା ଅଭିଯାନ କରାଯିବ। କାଶୀରେ ମଧ ସ୍ୱଚ୍ଛତା ଅଭିଯାନ ୫ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜଗତ ପ୍ରକାଶ ନଡ୍ଡା ପାର୍ଟି ସ୍ତରରେ ଅନେକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହା ୧୩ ତାରିଖରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖରେ ଭାଜପା ଶାସିତ ପ୍ରଦେଶର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ ଆୟୋଜନ କରାଯିବ ବୋଲି ମହାନ୍ତି ସୂଚନା ଦେଇ କହିଛନ୍ତି। ଖବରଦାତା ସମ୍ମିଳନୀରେ ‘ଦିବ୍ୟ କାଶୀ–ଭବ୍ୟ କାଶୀ’ ସଂଯୋଜକ ଶାରଦା ପ୍ରସାଦ ଶତପଥୀ ଓ ଗଣମାଧମ ସଂଯୋଜକ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭର୍ତ୍ତୃହରିଙ୍କ ମନ୍ତବ୍ୟ ବିଜେଡିର ନୁହେଁ: ଦେବାଶିଷ

**କଟକ ଅଫିସ, ୮।୧୨**

କଟକ ଲୋକ ସଭା ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ବୁଧବାର କଟକ ବାରବାଟୀର ପୂର୍ବତନ ବିଧାୟକ ତଥା କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଟାର୍ଗେଟ କରିଛନ୍ତି। ୟୁନିଫର୍ମ ସିଭିଲ କୋଡ୍ ସମ୍ପର୍କରେ କଟକ ଲୋକ ସଭା ସଦସ୍ୟ ଭର୍ତ୍ତୃହରି ମହତାବ ମଙ୍ଗଳବାର ସଂସଦରେ ରଖିଥିବା ମନ୍ତବ୍ୟ ତାଙ୍କର ବ୍ୟକ୍ତିଗତ। ଏହା ବିଜେଡିର ମତ ନୁହେଁ ବୋଲି ଦେବାଶିଷ କହିଛନ୍ତି। ଆଜି ପର୍ଯ୍ୟନ୍ତ ବିଜେଡି ସଭାପତି ନବୀନ ପଟ୍ଟନାୟକ ୟୁନିଫର୍ମ ସିଭିଲ୍ କୋଡ୍ ଉପରେ କୌଣସି ମତ ରଖିନାହାନ୍ତି। ଭାରତର ସମ୍ବିଧାନ ଯେଉଁ ଧର୍ମ ନିରପେକ୍ଷ ଆଧାରରେ ଚାଲିଛି ତାକୁ ବିଜେଡି ସମର୍ଥନ କରି ଆସିଛି। ବିଜେଡି ଏମ୍‌ପି ମହତାବ ରଖିଥିବା ବକ୍ତବ୍ୟ ଭାଜପାର ନିର୍ବାଚନ ପୂର୍ବରୁ ଘୋଷଣାପତ୍ରରେ ଥିଲା। ବିଜେଡି ଏଥିରେ ସହମତ ନୁହେଁ ବୋଲି ଦେବାଶିଷ କହିଛନ୍ତି ।

# କଂଗ୍ରେସ ଜାରି କଲା ମହିଳା ଇସ୍ତାହାର

**ଲକ୍ଷ୍ନୌ, ୮।୧୨**

ଉତ୍ତର ପ୍ରଦେଶ ନିର୍ବାଚନ ପୂର୍ବରୁ କଂଗ୍ରେସ ପକ୍ଷରୁ ମହିଳାଙ୍କ ପାଇଁ ଘୋଷଣାପତ୍ର ଜାରି କରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଏହାକୁ ଉନ୍ମୋଚନ କରିଛନ୍ତି। ଏହି ସ୍ୱତନ୍ତ୍ର ଇସ୍ତାହାରରେ ସ୍ମାର୍ଟଫୋନ୍, ସ୍କୁଟି, ମେଡିକାଲ ସୁବିଧା ଓ ସୁରକ୍ଷା ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ବିଧାନସଭା ନିର୍ବାଚନରେ ୪୦% ମହିଳାଙ୍କୁ ଟିକେଟ ଦିଆଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୦,୦୦୦ ଟଙ୍କା ଦରମା ଦେବ ବୋଲି ପ୍ରିୟଙ୍କା କହିଛନ୍ତି। ଭାଜପା, ବହୁଜନ ସମାଜ ପାର୍ଟି ଓ ସମାଜବାଦୀ ପାର୍ଟି ୩୦ ବର୍ଷ ଧରି ଉତ୍ତରପ୍ରଦେଶକୁ ଶାସନ କରିଛନ୍ତି। ଏହି ତିନି ଦଳ ଅମଳରେ ରାଜ୍ୟର କିଛି ବିକାଶ ହୋଇନାହିଁ। ତିନି ଦଳ ବିରୋଧରେ କଂଗ୍ରେସ ପାର୍ଟି ଏକ ଚାର୍ଜଶିଟ୍ ଜାରି କରିବାକୁ ଯାଉଛି ବୋଲି ଲକ୍ଷ୍ନୌସ୍ଥିତ ୟୁପିସିସି ମୁଖ୍ୟାଳୟରେ ପ୍ରିୟଙ୍କା କହିଛନ୍ତି।

## ଲୋକ ସଭା ଖବର

# ଏସ୍‌ଡିଆର୍‌ଏଫ୍ ଅନୁଦାନ ଢାଞ୍ଚାରେ ପରିବର୍ତ୍ତନ ଆଣ: ଚନ୍ଦ୍ରଶେଖର

**ନୂଆଦିଲ୍ଲୀ,୮।୧୨**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆଯାଉ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ର ଆନୁପାତିକ ଅନୁଦାନ ଢାଞ୍ଚାରେ ପରିବର୍ତ୍ତନ ଅଣାଯାଉ ବୋଲି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ବିଜେଡି ସଦସ୍ୟ ଚନ୍ଦ୍ରଶେଖର ବୁଧବାର ଲୋକ ସଭାର ଶୂନ୍ୟକାଳରେ କହିଥିଲେ, ଡିଜାଷ୍ଟର ରିସ୍କ ଇଣ୍ଡେକ୍ସ ଅନୁସାରେ ଓଡ଼ିଶାର ସ୍କୋର ୧୦୦ରୁ ୯୦, ଯାହାକି ବିପର୍ଯ୍ୟୟ ଓ ପ୍ରାକୃତିକ ବିପତ୍ତି ପରିଚାଳନା କ୍ଷେତ୍ରରେ ସର୍ବାଧିକ। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ଏସ୍‌ଡିଆର୍‌ଏଫ୍‌କୁ କେନ୍ଦ୍ର ସରକାର ୯୦% ଓ ରାଜ୍ୟ ସରକାର ୧୦% ଅର୍ଥ ଯୋଗାଇଦେବା କଥା। କିନ୍ତୁ କେନ୍ଦ୍ର ସରକାର ଏହି ଶେୟାରିଂ



ହାରକୁ ସଂଶୋଧିତ କରି ୭୫:୨୫ କରିଛନ୍ତି। ଓଡ଼ିଶା ପ୍ରତି ସବୁବେଳେ ଅଧିକ ବିପଦ ରହୁଥିବାରୁ ଏଥିରେ ପରିବର୍ତ୍ତନ ଅଣାଯାଉ। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଭଳି ଏସ୍‌ଡିଆର୍‌ଏଫ୍‌କୁ କେନ୍ଦ୍ର ୯୦ ପ୍ରତିଶତ ଅନୁଦାନ ଯୋଗାଇଦେଉ। ରାଜ୍ୟ ସରକାର ଅବଶିଷ୍ଟ ୧୦% ଅର୍ଥ ପ୍ରଦାନ କରିବେ ବୋଲି ଚନ୍ଦ୍ରଶେଖର କହିଥିଲେ।

# କୋଷ୍ଟ୍ କେନାଲ ପୁନରୁଦ୍ଧାର ଦାବି କଲେ ମଞ୍ଜୁଲତା

**ନୂଆଦିଲ୍ଲୀ,୮।୧୨**

ବିଜେଡି ଏମ୍‌ପି ମଞ୍ଜୁଲତା ମଣ୍ଡଳ ବୁଧବାର ଭଦ୍ରକ କୋଷ୍ଟ୍ କେନାଲ ପୁନରୁଦ୍ଧାର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଲୋକ ସଭାର ଶୂନ୍ୟକାଳରେ ମଞ୍ଜୁଲତା



କହିଥିଲେ, ଭୋଗରାଇର ମନକୁଣ୍ଡଠାରୁ ଭଦ୍ରକର ଚାରବାଟିଆ-ବାସୁଦେବପୁର-ଚାନ୍ଦବାଲି ପର୍ଯ୍ୟନ୍ତ ୧୨୬ କି.ମି.ର ଏକ କୋଷ୍ଟ୍ କେନାଲ ରହିଛି। ପୂର୍ବରୁ ଏହାକୁ ଅବିଭକ୍ତ ବାଲେଶ୍ୱର ଜିଲାର ଜୀବନରେଖା ମନେକରାଯାଉଥିଲା। ଉକ୍ତ କେନାଲର ଅଧିକାଂଶ ଭାଗ ଭଦ୍ରକ ସଂସଦୀୟ ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ବ୍ରିଟିଶ ଅମଳରେ ନିର୍ମିତ ଏହି କେନାଲକୁ ପୂର୍ବରୁ ଜଳସେଚନ ଓ ଜଳପଥରେ ବାଣିଜ୍ୟ ପାଇଁ ବ୍ୟବହାର କରାଯାଉଥିଲା। ଏହାର କୂଳରେ ଅନେକ ଶିଳ୍ପ ଗଢ଼ିଉଠିଥିଲା। ତେବେ ସ୍ୱାଧୀନତା ପରବର୍ତ୍ତୀ କାଳରେ କେନାଲ ପୋତି ହୋଇଯାଇଥିବାରୁ ଏହା ଦେଇ ବାଣିଜ୍ୟ କାରବାର ବନ୍ଦ ହୋଇଗଲା। ଏହାକୁ କାର୍ଯ୍ୟକ୍ଷମ କରାଗଲେ କୃଷକମାନେ ଉପକୃତ ହେବେ। ଏଥିସହ ନଦୀ ସଂଯୋଗୀକରଣରେ ମଧ ଏହା ସହାୟକ ହେବ। ଫଳରେ ଉପକୂଳର କେତେକ ଅଞ୍ଚଳରେ ମରୁଡ଼ି ସ୍ଥିତି ଏଡ଼ାଯାଇପାରିବ। ତେଣୁ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ବିଶେଷଜ୍ଞମାନଙ୍କୁ ଡକାଇ ଉକ୍ତ କେନାଲର ତୁରନ୍ତ ପୁନରୁଦ୍ଧାର କରୁ ବୋଲି ମଞ୍ଜୁଲତା ଅନୁରୋଧ କରିଛନ୍ତି।

## ବିଧାନସଭା ସମାଚାର

# ମାପ ଓଜନରେ ବ୍ୟାପକ ଠକେଇ

**ଭୁବନେଶ୍ୱର,୮।୧୨(ବ୍ୟୁରୋ)**

## ୨ ବର୍ଷରେ ୨.୮୩ କୋଟି ଜରିମାନା ଆଦାୟ

ଗତ ୨ ବର୍ଷରେ ମାପ ଓ ଓଜନ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ୨ କୋଟି ୮୩ ଲକ୍ଷ ୬୮ ହଜାର ୩୬୫ ଟଙ୍କା ଆଦାୟ ହୋଇଛି । ୨୦୧୯-୨୦ରେ ୧ କୋଟି ୩୧ ଲକ୍ଷ ୯୪ ହଜାର ୬୧୫ ଟଙ୍କାର ଜରିମାନା ଆଦାୟ ହୋଇଛି । ଉକ୍ତ ବର୍ଷ ୫୭୦୧ ମାମଲା ମଧ୍ୟ ରୁଜୁ ହୋଇଛି । ସେହିପରି ୨୦୨୦-୨୧ରେ ୪୨୯୦ ମାମଲା ରୁଜୁ ହୋଇଥିବା ବେଳେ ୧ କୋଟି ୧୧ ଲକ୍ଷ ୨୮ ହଜାର ୩୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ୨୦୨୧ ଅକ୍ଟୋବର ସୁଦ୍ଧା ୧୯୦୪ ମାମଲା ହୋଇଥିବା ବେଳେ ୪୦ ଲକ୍ଷ ୪୫ ହଜାର ୨୦ ଟଙ୍କା ଜରିମାନା ଆଦାୟ ହୋଇଛି ।

ସେହିପରି ମାପ ଏବଂ ଓଜନରେ ଠକିଥିବା ୧୭୪ ସୁନା ଦୋକାନୀଙ୍କ ବିରୋଧରେ ମାମଲା ରୁଜୁ ହୋଇ ୩ ଲକ୍ଷ ୮୪ ହଜାର ୮୮୦ ଟଙ୍କା ଆଦାୟ ହୋଇଥିବା ବେଳେ ୮୦ଟି ପେଟ୍ରୋଲ ପମ୍ପ ବିରୋଧରେ ମାମଲା ରୁଜୁ କରାଯାଇ ୭ ଲକ୍ଷ ୨୫ ହଜାର ୫୦୦ ଟଙ୍କା, ୧୯୬ ମସଲା ଦୋକାନ ବିରୋଧରେ ମାମଲା ରୁଜୁ କରାଯାଇ ୧,୬୬,୦୫୦ ଟଙ୍କା ଜରିମାନା ଆଦାୟ ହୋଇଛି । ସେହିପରି ୧୧୩ ପନିପରିବା ଦୋକାନୀ, ୧୪ ସିମେଣ୍ଟ ଗୋଦାମ ଓଜନରେ ଠକିଛନ୍ତି । ବିଜେଡି ସଭ୍ୟ ଚକ୍ରମଣି କହଁରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ।

# ଋଣରେ ବୁଡ଼ିଲାଣି ଯୋଗାଣ ନିଗମ

ଧାନ କିଣି ଋଣରେ ବୁଡ଼ିଗଲାଣି ରାଜ୍ୟ ସରକାରଙ୍କ ଯୋଗାଣ ନିଗମ। କେନ୍ଦ୍ର ସରକାରଙ୍କ ସବ୍‌ସିଡି ପାଇବାରେ ବିଳମ୍ବ କାରଣରୁ ବିଭିନ୍ନ ସମୟରେ ନାବାର୍ଡ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନାଇଟେଡ କମର୍ସିଆଲ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ରାଜ୍ୟ ସମବାୟ ବ୍ୟାଙ୍କରୁ ଯୋଗାଣ ନିଗମ ଋଣ କରିଥାଏ। ଏ ପର୍ଯ୍ୟନ୍ତ ନିଗମର ଋଣ ଭାର ୧୩,୧୬୦.୭୩ କୋଟି ଟଙ୍କାରେ ପହଞ୍ଚିଲାଣି। ଏହି ଋଣର ସୁଧ ପ୍ରାୟ ୫,୨୧୩.୮୨ କୋଟି ଟଙ୍କା ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି,୨୦୨୧ ନଭେମ୍ବର ଶେଷ ସୁଦ୍ଧା ନିଗମ କେନ୍ଦ୍ର ସରକାରଙ୍କଠାରୁ ମୋଟ ସବ୍‌ସିଡି ବାବଦରେ ୯୯୪୪.୬୨ କୋଟି ଟଙ୍କା ପାଇବାର ଅଛି। ବକେୟା ଅନୁଦାନ ପାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ନିରନ୍ତର ଚାପ ପକାଉଛନ୍ତି।

# କାଳିଆ ଯୋଜନା ୩ କିସ୍ତିରେ ମିଳିଛି ୧୨,୫୦୦

ରାଜ୍ୟ ସରକାର କାଳିଆ ଯୋଜନାରେ ସମସ୍ତ ଯୋଗ୍ୟ ଭୂମିହୀନ ଚାଷୀ ପରିବାରଙ୍କୁ ସମୁଦାୟ ୩ଟି କିସ୍ତିରେ ୧୨,୫୦୦ ଟଙ୍କା ପ୍ରଦାନ କରିଛନ୍ତି। ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରବି ୨୦୧୮-୧୯ ଏବଂ ୨୦୧୯ରେ ୫୦୦୦ ଟଙ୍କା ଲେଖାଏ ଏବଂ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ବର୍ଷକୁ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯେଉଁ ଚାଷୀମାନେ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି ସେମାନେ କାଳିଆ ପୋର୍ଟାଲ(kalia.odisha.gov.in)ରେ ଉପଲବ୍ଧ ଥିବା ଅନ୍‌ଲାଇନ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ଦସ୍ତାବିଜ ସହ ଆବେଦନ କରି ଏହି ଯୋଜନାରେ ସାମିଲ ହୋଇପାରିବେ। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।



# ୬.୭୮ ଲକ୍ଷ ଚାଷୀ ଫସଲ ଋଣ ପରିଶୋଧ କରିନାହାନ୍ତି

ରାଜ୍ୟର ୩୦ ଜିଲାରେ ୨୦୨୧ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୬,୭୮,୪୩୦ ଜଣ ଚାଷୀ ଋଣ ପରିଶୋଧ କରିନାହାନ୍ତି। ବକେୟା ଫସଲ ଋଣ ପରିଶୋଧ କରି ଚାଷୀମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ନୂତନ ଫସଲ ଋଣ ନେବା ସହ ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରି ସରକାରଙ୍କ ଫସଲ ଋଣ ସୁଧ ରିହାତି ଯୋଜନାରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଏବଂ ୫୦୦୦୦ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୨ ପ୍ରତିଶତ ହାରରେ ସୁବିଧା ନେବା ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।



ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର ଦାବିରେ ବୁଧବାର ସର୍ବଭାରତୀୟ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ଅଲ୍ ଇଣ୍ଡିଆ ସେଭା ଏଜୁକେଶନ କମିଟି ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ଦାବିପତ୍ର ପ୍ରଦାନ ପୂର୍ବରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

**ସିରମ୍ ଇନ୍‌ଷ୍ଟିଚ୍ୟୁଟ ଇଡି ସୁରେଶ ଯାଦବଙ୍କ ପରଲୋକ**

କୋଭିଶିଲ୍ଡ ଟିକାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ସୁରେଶ ଯାଦବଙ୍କର ବୁଧବାର ପୁଣେଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସିରମ୍‌ର ବିଭିନ୍ନ ଟିକା ପାଇଁ ଡବ୍ଲ୍ୟୁଏଚ୍‌ଓ ସ୍ୱୀକୃତି ହାସଲ କରାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା।

# ଓଲଫ୍ ସ୍କୋଲ୍‌ଜ ନୂଆ ଚାନ୍‌ସେଲର

**ବର୍ଲିନ, ୮।୧୨**



ଜର୍ମାନୀ ପାର୍ଲାମେଣ୍ଟ ବୁଧବାର ଓଲଫ୍ ସ୍କୋଲ୍‌ଜଙ୍କୁ ନୂଆ ଚାନ୍‌ସେଲର ନିର୍ବାଚିତ କରିଛି। ଏଥିସହିତ ଜର୍ମାନୀରେ ଆଞ୍ଜେଲା ମର୍କେଲଙ୍କ ଶାସନ ଶେଷ ହୋଇଛି। ୨୦୦୫ ନଭେମ୍ବର ୨୨ରେ ମର୍କେଲ ଜର୍ମାନୀର ପ୍ରଥମ ମହିଳା ଚାନ୍‌ସେଲର ହେବା ପରେ ୧୬ ବର୍ଷ ଧରି ଦେଶକୁ ଶାସନ କରିଆସୁଥିଲେ। ସ୍କୋଲ୍‌ଜଙ୍କ ନେତୃତ୍ୱାଧୀନ ସରକାର ଜର୍ମାନୀର ଆଧୁନିକୀକରଣ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଭଳି ବଡ଼ ଆଶା ନେଇ କ୍ଷମତାକୁ ଆସିଛି। ତେବେ କରୋନା ସଂକ୍ରମଣ ବଢ଼ୁଥିବାରୁ ସରକାରଙ୍କୁ ପ୍ରଥମରୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୭୩୬ ଆସନ ବିଶିଷ୍ଟ ଜର୍ମାନୀ

### ଜର୍ମାନୀରେ ମର୍କେଲ ଯୁଗ ଶେଷ

ପାର୍ଲାମେଣ୍ଟର ନିମ୍ନ ସଦନରେ ସ୍କୋଲ୍‌ଜଙ୍କ ନେତୃତ୍ୱାଧୀନ ୩ ଦଳୀୟ ମେଣ୍ଟ ପାଖରେ ୪୧୬ ଆସନ ରହିଛି। ଚାନ୍‌ସେଲର ନିର୍ବାଚନରେ ସ୍କୋଲ୍‌ଜଙ୍କ ସପକ୍ଷରେ ୩୯୫ ଓ ବିରୋଧରେ ୩୦୩ ଭୋଟ ପଡ଼ିଥିଲା। ରାଷ୍ଟ୍ରପତି ତାଙ୍କୁ ଆନୁଷ୍ଠାନିକ ଭାବେ ଚାନ୍‌ସେଲର ଘୋଷଣା କରିବା ସହ ବାଚସ୍ପତି ତାଙ୍କୁ ଶପଥ ପାଠ କରାଇଛନ୍ତି। ପାର୍ଲାମେଣ୍ଟର ସଦସ୍ୟ ନ ଥିବା ମର୍କେଲ ଭୋଟ ସମୟରେ ଦର୍ଶକ ଗ୍ୟାଲେରିରେ ଉପସ୍ଥିତ ଥିଲେ। ଅଧିବେଶନ ଆରମ୍ଭରେ ସଦସ୍ୟମାନେ ଛିଡ଼ାହୋଇ ତାଙ୍କୁ ଅଭିବାଦନ ଜଣାଇଥିଲେ।

ହମବର୍ଗର ପୂର୍ବତନ ମେୟର ୬୩ ବର୍ଷୀୟ ସ୍କୋଲ୍‌ଜ ୨୦୧୮ରୁ ଦେଶର ଭାଇସ୍ ଚାନ୍‌ସେଲର ସହ ଅର୍ଥମନ୍ତ୍ରୀ ରହିଥିଲେ। ତାଙ୍କ ଦଳ ସୋସିଆଲ୍ ଡେମୋକ୍ରାଟ୍ସ ସହ ପରିବେଶ ସପକ୍ଷବାଦୀ ଗ୍ରୀନ୍ ପାର୍ଟି ଏବଂ ଫ୍ରି ଡେମୋକ୍ରାଟ୍ସ ଦଳକୁ ନେଇ ମେଣ୍ଟ କରାଇବାରେ ସେ ସଫଳ ହୋଇଛନ୍ତି। ଏହି ମେଣ୍ଟ ଦେଶକୁ ନୂଆ ଶକ୍ତି ଆଣିଦେବା ଲାଗି ଆଶା ରଖିଛି। ସ୍କୋଲ୍‌ଜଙ୍କ ନେତୃତ୍ୱରେ ୧୭ ଜଣିଆ ମନ୍ତ୍ରିମଣ୍ଡଳ ଗଢ଼ାଯାଇଛି। ଏଥିରେ ୯ ପୁରୁଷ ଓ ୮ ମହିଳା ମନ୍ତ୍ରୀ ଅଛନ୍ତି।

# କଂଗ୍ରେସ ପ୍ରତିନିଧି ଦଳକୁ ମୋନ୍ ଜିଲା ଗସ୍ତ ଅନୁମତି ମିଳିଲାନି

**ନୂଆଦିଲ୍ଲୀ, ୮।୧୨(ପି.ଟି.)**

ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିରେ ୧୪ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ସେଠାରେ ଉତ୍ତେଜନା ଜାରି ରହିଛି। ମୃତକମାନଙ୍କ ପରିବାରକୁ ଭେଟିବା ଲାଗି କଂଗ୍ରେସ ନେତାମାନଙ୍କର ଏକ ପ୍ରତିନିଧି ଦଳ ଉକ୍ତ ଜିଲା ଗସ୍ତରେ ବାହାରିଥିବାବେଳେ ସେମାନଙ୍କୁ ଘଟଣାସ୍ଥଳକୁ ଯିବା ଲାଗି ଅନୁମତି ମିଳିନାହିଁ। ଏହାର ପ୍ରତିବାଦରେ କଂଗ୍ରେସ ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ, ଦଳର ନାଗାଲାଣ୍ଡ ପ୍ରଭାରୀ ଆଲୋକ କୁମାର ଏବଂ ଏମ୍‌ପି ଗୌରବ ଗୋଗୋଇ ଆସାମର ଜୋରହାଟଠାରେ ବିକ୍ଷୋଭ

### ନାଗାଲାଣ୍ଡ ଗୁଳିକାଣ୍ଡ

ପ୍ରଦର୍ଶନ କରିଛନ୍ତି। ଉକ୍ତ ଟିମ୍ ମୃତକଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିବା ସହ ଦଳର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ରିପୋର୍ଟ ପ୍ରଦାନ କରିଥାନ୍ତେ। ଲୋକଙ୍କ ସହ ଶୋକ ପାଳନରେ ସାମିଲ ହେବା ପାଇଁ କେନ୍ଦ୍ର ସରକାର ଭୟଭୀତ। ତେବେ ଆମକୁ କେହି ଅଟକାଇପାରିବେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ନେତାମାନଙ୍କୁ ଅଟକ ରଖିବା ନରେନ୍ଦ୍ର ମୋଦି ସରକାରଙ୍କ ଫାସିବାଦୀ ମାନସିକତାର ପ୍ରତିଫଳନ ବୋଲି ଦଳର ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା କହିଛନ୍ତି।

## ସଂକ୍ଷେପରେ

### ମହାକାଶ ଗଲେ ଜାପାନ ବ୍ୟବସାୟୀ



ୟୁସାକୁ ମାଏଜାଓ୍ୱା

**ମସ୍କୋ, ୮।୧୨:** ଜାପାନର ଫ୍ୟାଶନ ବ୍ୟବସାୟୀ ୟୁସାକୁ ମାଏଜାଓ୍ୱା ଓ ତାଙ୍କ ପ୍ରଡ୍ୟୁସର ୟୋଜୋ ହିରାନୋ ବୁଧବାର ରୁଷିଆର ସୋୟୁଜ୍ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ଯାଇଛନ୍ତି। ତାଙ୍କ ସହ ରୁଷିଆ ମହାକାଶଚାରୀ ଆଲେକ୍‌ଜାଣ୍ଡାର ମିସୁରକିନ୍ ଅଛନ୍ତି। କାଜାଖସ୍ତାନସ୍ଥିତ ରୁଷିଆର ବୈକୋନୁର ଉତ୍‌କ୍ଷେପଣ କେନ୍ଦ୍ରରୁ ସୋୟୁଜ୍ ଏମ୍‌ଏସ୍-୨୦ ମହାକାଶ କେନ୍ଦ୍ର ଅଭିମୁଖେ ଯାତ୍ରା କରିଥିଲା। ମାଏଜାଓ୍ୱା ଏବଂ ହିରାନୋ ଆଇଏସ୍‌ଏସ୍‌ରେ ୧୨ ଦିନ ରହିବେ। ୨୦୦୯ ପରେ ନିଜେ ଅର୍ଥ ବିନିଯୋଗ କରି ପର୍ଯ୍ୟଟକ ଭାବେ ମହାକାଶକୁ ଯିବାରେ ଏମାନେ ପ୍ରଥମ। ଏହି ମହାକାଶ ଯାତ୍ରା ପାଇଁ କେତେ ଅର୍ଥ ବ୍ୟୟ ହୋଇଛି, ତାହା ସ୍ପଷ୍ଟ କରାଯାଇ ନାହିଁ। ମହାକଶରୁ ପୃଥିବୀକୁ ଦେଖିବା ଏବଂ ଓଜନହୀନତାର ଅନୁଭୂତି ପାଇଁ ମାଏଜାଓ୍ୱା ଏହି ଅଭିଯାନରେ ସାମିଲ ହୋଇଥିବା କହିଛନ୍ତି।

### ଶ୍ରମିକଙ୍କୁ ଅଟକାଇ ନ ଥିଲା ସେନା

**ନୂଆଦିଲ୍ଲୀ, ୮।୧୨:** ନାଗାଲାଣ୍ଡର ମୋନ୍ ଜିଲାରେ କୋଇଲା ଖଣି ଶ୍ରମିକମାନଙ୍କ ଗାଡ଼ିକୁ ସେନା ଅଟକାଇ ନ ଥିଲା। ଗାଡ଼ି ଉପରକୁ ହଠାତ୍ ଚାରିପଟୁ ଗୁଳିବର୍ଷା ହୋଇଥିଲା ବୋଲି ଯବାନଙ୍କ ଆକ୍ରମଣରୁ ବର୍ତ୍ତିଯାଇଥିବା ଜଣେ ଖଣି ଶ୍ରମିକ କହିଛନ୍ତି। ଗୁଳିକାଣ୍ଡ ଘଟଣା ସମ୍ପର୍କରେ ଲୋକ ସଭାକୁ ସୂଚନା ଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଶ୍ରମିକମାନଙ୍କ ଗାଡ଼ିକୁ ଅଟକିବା ପାଇଁ ସେନା ପକ୍ଷରୁ ସୂଚନା ଦିଆଯାଇଥିଲା। ସେମାନେ ନ ଅଟକି ଖସି ପଳାଇଯିବାକୁ ଉଦ୍ୟମ କରିବାରୁ ଉଗ୍ରପନ୍ଥୀ ଭାବି ଯବାନମାନେ ଗୁଳି ଚଳାଇଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ। ତେବେ ଶନିବାର ଶ୍ରମିକମାନଙ୍କ ସହ ଉକ୍ତ ଗାଡ଼ିରେ ଥିବା ଶେଇଓ୍ୱାଙ୍ଗ କହିଛନ୍ତି, ସେନା ସେମାନଙ୍କ ଗାଡ଼ିକୁ ଅଟକାଇ ନ ଥିଲା। ବରଂ ଚାରିପଟୁ ହଠାତ୍ ଗୁଳିମାଡ଼ ଆରମ୍ଭ ହୋଇଯାଇଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସମେତ ଅନ୍ୟ ଜଣେ ଶ୍ରମିକ ଆହତ ହୋଇଥିଲେ ବୋଲି ଶେଇଓ୍ୱାଙ୍ଗ୍ କହିଛନ୍ତି।

### ଆଜି ତେଜସ୍ୱୀଙ୍କ ନିର୍ବନ୍ଧ



**ପାଟନା, ୮।୧୨:** ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ସାନପୁଅ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଖୁବ୍ ଶୀଘ୍ର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଗୁରୁବାର ନୂଆଦିଲ୍ଲୀରେ ତାଙ୍କର ନିର୍ବନ୍ଧ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଖବର ପ୍ରକାଶ ପାଇବା ପରେ ବିହାରରେ ଆର୍‌ଜେଡି ନେତା ଓ କର୍ମୀ ମହଲରେ ଉତ୍ସବ ଆରମ୍ଭ ହୋଇଯାଇଛି। ନିର୍ବନ୍ଧ ପାଇଁ ଲାଲୁଙ୍କ ପରିବାର ଓ ନିକଟ ସମ୍ପର୍କୀୟମାନେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତେବେ ତେଜସ୍ୱୀଙ୍କ ଭାବୀ ପତ୍ନୀଙ୍କ ପରିଚୟ ଜଣାପଡ଼ିନାହିଁ।



ମୁମ୍ବାଇର ନାଭାଲ ଡକ୍‌ୟାର୍ଡଠାରେ ୨୨ତମ ମିଶାଇଲ୍ ଭେସେଲ୍ ସ୍କ୍ୱାଡ୍ରନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ‘ ପ୍ରେସିଡେଣ୍ଟ ଷ୍ଟାଣ୍ଡାର୍ଡ’ ପ୍ରଦାନ କରିବା ଅବସରରେ।

# ମହାମାରୀ ବେଳେ ମ୍ୟାଲେରିଆ ସଂକ୍ରମଣ ୧୪ ନିୟୁତ ବଢ଼ିଛି

**ନୂଆଦିଲ୍ଲୀ, ୮।୧୨**

୨୦୧୯ ତୁଳନାରେ ୨୦୨୦ରେ ବିଶ୍ୱବ୍ୟାପୀ ମ୍ୟାଲେରିଆରେ ଅଧିକ ୧୪ ନିୟୁତ ଲୋକ ଆକ୍ରାନ୍ତ ହେବା ସହ ଅଧିକ ୬୯,୦୦୦ ଜୀବନ ଯାଇଛି। ତେବେ ଏହି ସମୟ ମଧ୍ୟରେ ଭାରତରେ ମ୍ୟାଲେରିଆ ସଂକ୍ରମଣ ହ୍ରାସ ପାଇଥିବା ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ କୁହାଯାଇଛି। ଏହା ସତ୍ତ୍ୱେ ଦକ୍ଷିଣ-ପୂର୍ବ ଏସିଆ ଦେଶ ମଧ୍ୟରେ ଭାରତରେ ମ୍ୟାଲେରିଆ ସଂକ୍ରମଣ ୮୦ ପ୍ରତିଶତରୁ ଅଧିକ ରହିଛି। କରୋନା ଯୋଗୁ ମ୍ୟାଲେରିଆ ନିୟନ୍ତ୍ରଣ ପଦକ୍ଷେପ କୋହଳ ହୋଇଛି। ଫଳରେ ମ୍ୟାଲେରିଆ ପରୀକ୍ଷା ହ୍ରାସ ପାଇଛି। ୨୦୨୦ରେ ୩୧ଟି ଦେଶ କୀଟନାଶକଯୁକ୍ତ ମଶାରିଅଭିଯାନ ଯୋଜନା କରିଥିଲେ। ସେଥିରୁ ମାତ୍ର ୧୮ଟି ଦେଶ ବର୍ଷ ଶେଷ ସୁଦ୍ଧା ଏହି ଅଭିଯାନ ଶେଷ କରିଛନ୍ତି। ଭାରତରେ ଧାର୍ଯ୍ୟ ଲକ୍ଷ୍ୟର ୫୦ ପ୍ରତିଶତ କୀଟନାଶକଯୁକ୍ତ ମଶାରୀ ବଣ୍ଟନ ହୋଇଛି।

# ଦାବି ପୂରଣ ଲାଗି ଆଶାବାଦୀ: କୃଷକ ନେତା

**ନୂଆଦିଲ୍ଲୀ, ୮।୧୨(ପି.ଟି.)**

କୃଷକମାନଙ୍କର ବକେୟା ଦାବି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସ୍‌କେଏମ୍) ଗଠନ କରିଥିବା କମିଟି ଦାବି ପୂରଣ ନେଇ ଆଶାବାଦୀ ଥିବା କହିଛି। କମିଟିକୁ ସରକାରଙ୍କ ପକ୍ଷରୁ ସାନି ଚିଠା ପ୍ରସ୍ତାବ ମିଳିଛି। ଏହା ଉପରେ ଆଲୋଚନା ପାଇଁ ବୁଧବାର ଦିଲ୍ଲୀରେ କମିଟିର ବୈଠକ ବସିଥିଲା ବୋଲି କୃଷକ ନେତା ଯୁଦ୍ଧବୀର ସିଂ କହିଛନ୍ତି। ପୂର୍ବରୁ ଆମେ

### ସରକାରଙ୍କଠାରୁ ସାନି ପ୍ରସ୍ତାବ ପାଇଛୁ

ସରକାରଙ୍କୁ କେତେକ ପ୍ରଶ୍ନ ପଚାରିଥିଲୁ। ସରକାରଙ୍କଠାରୁ ସଂଶୋଧିତ ଚିଠା ପ୍ରସ୍ତାବ ମିଳିବା ପରେ ଏହା ଉପରେ ବିଚାରବିମର୍ଶ କରାଯାଉଛି।ଏହାକୁ ଏସ୍‌କେଏମ୍ ଅନୁମୋଦନ କଲେ ସେ ଦିଗରେ କମିଟି ଆଗେଇବ ନଚେତ ପୁନର୍ବାର ଆଲୋଚନା କରାଯିବ ବୋଲି ଯୁଦ୍ଧବୀର କହିଛନ୍ତି।

# ୪୫ ବିଏମ୍‌ଡବ୍ଲ୍ୟୁ ଜଳିଗଲା

**ନଭି ମୁମ୍ବାଇ, ୮।୧୨**

ମହାରାଷ୍ଟ୍ରର ନଭି ମୁମ୍ବାଇସ୍ଥିତ ତୁର୍ଭେ ଏମ୍‌ଆଇଡିଇସି ଅଞ୍ଚଳରେ ଥିବା ଏକ ଲକ୍ସୁରି କାର୍ କମ୍ପାନୀ ଗୋଦାମରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪୫ଟି ବିଏମ୍‌ଡବ୍ଲ୍ୟୁ କାର୍ ସମ୍ପୂର୍ଣ୍ଣ ଜଳିଯାଇଛି। ୧୦ଟି ଅଗ୍ନିଶମ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲିଭାଇବାକୁ ୬ ଘଣ୍ଟା ଲାଗିଯାଇଥିଲା।

# କୋଭିଡ୍ ହସ୍ପିଟାଲରେ ଓମିକ୍ରନ୍ ରୋଗୀଙ୍କ ଚିକିତ୍ସା କର

**ନୂଆଦିଲ୍ଲୀ, ୮।୧୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ୫୭ ଦେଶକୁ ବ୍ୟାପିଲାଣି। ଭାରତରେ ମଧ୍ୟ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ନୂଆ ଭାରିଆଣ୍ଟ ସଂକ୍ରମିତ ରୋଗୀଙ୍କୁ କୋଭିଡ୍ ଚିକିତ୍ସା ପାଇଁ ପ୍ରସ୍ତୁତ କରାଯାଇଥିବା ହସ୍ପିଟାଲରେ ଅନ୍ୟମାନଙ୍କଠାରୁ ଅଲଗା ରଖି ଚିକିତ୍ସା କରାଇବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟଗୁଡ଼ିକୁ ଚିଠି ଲେଖି ଜଣାଇଛନ୍ତି। ଉକ୍ତ ହସ୍ପିଟାଲରେ ନୂଆ ଭାରିଆଣ୍ଟ ସଂକ୍ରମଣ ଯେପରି ଅନ୍ୟ ରୋଗୀ କିମ୍ବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନ ବ୍ୟାପେ ସେଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ନିୟମିତ ବ୍ୟବଧାନରେ ସ୍ଥିତି ସମୀକ୍ଷା କରିବା

### ରାଜ୍ୟଗୁଡ଼ିକୁ ଜଣାଇଲା କେନ୍ଦ୍ର

ପାଇଁ କହିଛନ୍ତି। କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଥିବା ବିଦେଶୀ ଯାତ୍ରୀ ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି। ପଜିଟିଭ୍ ମାମଲା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କ ମିଶନ ମୋଡ୍‌ରେ ଚିହ୍ନଟ କରି ସେମାନଙ୍କ ପରୀକ୍ଷା କରାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କୁ ତୁରନ୍ତ କ୍ୱାରାଣ୍ଟାଇନରେ ରଖିବା ସହ ଗାଇଡ୍‌ଲାଇନ ଅନୁଯାୟୀ ପରୀକ୍ଷା କରାଇବାକୁ ଭୂଷଣ ପରାମର୍ଶ ଦେଇଛନ୍ତି। ବିଦେଶୀ ଯାତ୍ରୀଙ୍କ ଉପରେ ଜିଲା ସର୍ଭିଲାନ୍ସ ଟିମ୍ ନଜର ରଖିବା ଆବଶ୍ୟକ। ଯାତ୍ରୀ ଓମିକ୍ରନ୍ ସଂକ୍ରମିତ ଦେଶରୁ ଆସିଥିଲେ ଅଷ୍ଟମ ଦିନରେ ସେମାନଙ୍କର ପରୀକ୍ଷା କରାଇନେବାକୁ କୁହାଯାଇଛି।

# ୩ ଛାତ୍ରୀଙ୍କୁ ଗଣବଳାତ୍କାର

**ଅଲଓ୍ୱର, ୮।୧୨:** ରାଜସ୍ଥାନର ଅଲଓ୍ୱର ଜିଲାରେ ଥିବା ଏକ ସରକାରୀ ସ୍କୁଲ୍‌ର ୩ ଜଣ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବା ଅଭିଯୋଗରେ ପ୍ରିନ୍ସପାଲଙ୍କ ସମେତ ସମସ୍ତ କର୍ମଚାରୀଙ୍କ ବିରୋଧରେ ବୁଧବାର ୩ଟି ମାମଲା ରୁଜୁ ହୋଇଛି। ପୀଡ଼ିତା ପିଲାଙ୍କ ଅଭିଭାବକମାନେ ମଙ୍ଗଳବାର ରାତିରେ ଏତଲା ଦାଏର କରିଥିଲେ। ଗଣବଳାତ୍କାର ଓ ଅସଦାଚରଣରେ ସମସ୍ତ କର୍ମଚାରୀ ସମ୍ପୃକ୍ତ ଥିବା ଏଥିରେ ଦର୍ଶାଯାଇଛି ବୋଲି ଭିଓ୍ୱାଦି ଏସ୍‌ପି ରାମମୂର୍ତ୍ତି ଜୋଷୀ କହିଛନ୍ତି। ଗତବର୍ଷ ଅନ୍ୟ ଏକ ଅସଦାଚରଣ ମାମଲାରେ ଉକ୍ତ ସ୍କୁଲ୍‌ର ଜଣେ ଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସମ୍ପୃକ୍ତ ଶିକ୍ଷକ ଗିରଫ ହୋଇ ଜେଲ୍ ଯାଇଥିବାବେଳେ ତାଙ୍କ ବିରୋଧରେ

### ୧୫ ସ୍କୁଲ କର୍ମଚାରୀଙ୍କ ବିରୋଧରେ ମାମଲା

ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ବୁଧବାର ଦାଏର ମାମଲାରେ ଅଭିଯୁକ୍ତ ଥିବା କେତେଜଣ କର୍ମଚାରୀ ପୂର୍ବ ମାମଲାରେ ସାକ୍ଷୀ ଥିଲେ। ତେଣୁ ସାକ୍ଷୀଙ୍କୁ ହଇରାଣ କରିବା ଲାଗି ଏଭଳି ଅଭିଯୋଗ ଅଣାଯାଇଛି କି ନାହିଁ ତାହା ଉପରେ ତଦନ୍ତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅଭିଯୁକ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିରେଧରେ ଆଇପିସିର ବିଭିନ୍ନ ଧାରା ସମେତ ଶିଶୁ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ)ରେ ମାମଲା ରୁଜୁ ହୋଇଛି।

# ସହାୟକ ପ୍ରଜନନ ପ୍ରଯୁକ୍ତି ବିଲ୍ ଗୃହୀତ

**ନୂଆଦିଲ୍ଲୀ, ୮।୧୨(ପି.ଟି.)**

ସହାୟକ ପ୍ରଜନନ ପ୍ରଯୁକ୍ତି କ୍ଲିନିକ୍‌ଗୁଡ଼ିକୁ ନିୟନ୍ତ୍ରଣ ତଥା ସଞ୍ଚାଳନ କରିବା ଲାଗି ଅଣାଯାଇଥିବା ବିଲ୍ ବୁଧବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନୋଲୋଜି (ରେଗୁଲେଶନ) ବିଲ୍, ୨୦୨୧ ଡିସେମ୍ବର ୧ରେ ଲୋକ ସଭାର ଅନୁମୋଦନ ଲାଭ କରିଥିବାବେଳେ ବୁଧବାର ରାଜ୍ୟ ସଭାରେ ଧ୍ୱନିମତରେ ଗୃହୀତ ହୋଇଯାଇଛି। ଏହା ବ୍ୟତୀତ



### ସରୋଗେସି ବିଲ୍‌କୁ ରାଜ୍ୟ ସଭାର ମଞ୍ଜୁରୀ

ରାଜ୍ୟ ସଭାରେ ସରୋଗେସି (ରେଗୁଲେଶନ) ବିଲ୍, ୨୦୨୦ ମଧ୍ୟ ପାରିତ ହୋଇଛି। ଏହି ପ୍ରସ୍ତାବିତ ବିଲ୍ ପୂର୍ବରୁ ଲୋକ ସଭାରେ ପାରିତ ହୋଇଥିବାବେଳେ ରାଜ୍ୟ ସଭା ଏହାକୁ ସିଲେକ୍ଟ କମିଟିକୁ ପଠାଇଥିଲା। ରାଜ୍ୟ ସଭାର ଅନୁମୋଦନ ପରେ ଏହା ପୁଣିଥରେ ଲୋକ ସଭାକୁ ଫେରିଯିବ। ଉଭୟ ବିଲ୍ ଉପରେ ଆଲୋଚନା କରି ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଥିଲେ, ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ୍ ସରୋଗେସି ବିଲ୍‌ରେ ରହିଛି। ଲିଙ୍ଗ ଚୟନ, ସରୋଗେସି ମାଆମାନଙ୍କୁ ଶୋଷଣରୁ ରୋକିବା ଉଦ୍ଦେଶ୍ୟରେ ଉଭୟ ବିଲ୍ ଅଣାଯାଇଥିବା ସେ କହିଥିଲେ। ଉକ୍ତ ପ୍ରସ୍ତାବିତ ଆଇନର ଉଲ୍ଲଂଘନ ପାଇଁ ଜେଲ୍ ଓ ଜରିମାନା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ସରୋଗେସି ବିଲ୍ ଅନୁଯାୟୀ ଜାତୀୟ ସ୍ତରରେ ସରୋଗେସି ବୋର୍ଡ ଏବଂ ପ୍ରତି ରାଜ୍ୟରେ ଅନୁରୂପ ବୋର୍ଡ ରହିବ। ସରୋଗେସୀ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ଲାଗି ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ନିଯୁକ୍ତ କରାଯିବ। ସେହିପରି ସହାୟକ ପ୍ରଜନନ ପ୍ରଯୁକ୍ତି ବ୍ୟାଙ୍କ ଓ ଏହାର ଅପବ୍ୟବହାର ରୋକିବା ଲାଗି ଆସିଷ୍ଟେଡ୍ ରିପ୍ରଡକ୍ଟିଭ୍ ଟେକ୍‌ନୋଲୋଜି (ରେଗୁଲେଶନ) ବିଲ୍, ୨୦୨୧ରେ ବ୍ୟବସ୍ଥା ରହିଛି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୩୯୨୪୧/ଭୁ.ଉ.କ.,ଭୁବନେଶ୍ୱର ତା୨୬।୧୧।୨୦୨୧ରିଖ
Misc. AL-III-30/21

ସୂଚନା

No. CAD-2235: ଏତଦ୍ୱାରା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ସମସ୍ତ ଆବଣ୍ଟନଗ୍ରାହୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଆବଣ୍ଟିତ ଜମି/ଗୃହ/ଫ୍ଲାଟ/ଦୋକାନ ଗୃହ/ଦୋକାନ ଓ ଆବାସ ଗୃହଗୁଡ଼ିକର ଦଲିଲ୍‌ଗୁଡ଼ିକୁ ଜାନୁୟାରୀ ୩୧।୦୧।୨୦୨୨ ସୁଦ୍ଧା ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି। ଯେଉଁ ଆବଣ୍ଟନଗ୍ରାହୀମାନେ ସେମାନଙ୍କର ଦଲିଲ୍ (Lease-Deed) ସମ୍ପାଦନ ନିମନ୍ତେ କର୍ତ୍ତୃପକ୍ଷଙ୍କୁ ଆବେଦନ କରିନାହାନ୍ତି, ସେମାନେ ତା୧୫।୧୨।୨୦୨୧ରିଖ ସୁଦ୍ଧା ଆବେଦନ କରିବା ନିମନ୍ତେ ଉକ୍ତ ନୋଟିସ୍ ମାଧ୍ୟମରେ ଅନୁରୋଧ କରାଯାଉଅଛି। ଆବେଦନ ନିମନ୍ତେ ଆବଶ୍ୟକ ପଡୁଥିବା ସମସ୍ତ କାଗଜାତର ଏକ ଚିଠା କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟ୍ (www.bda.gov.in)ରେ ଉପଲବ୍ଧ ଅଟେ। ଯଦି କୌଣସି ଆବଣ୍ଟନଗ୍ରାହୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବେଦନ ନ କରନ୍ତି, ତେବେ ପରବର୍ତ୍ତୀ ସମୟରେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଉକ୍ତ ନୋଟିସ୍ ଇଚ୍ଛାଧୀନ କୋଟା/ଟ୍ୟାକ୍ସଫୋର୍ସ/ଅଡିଟ୍ ରିପୋର୍ଟ ଅନ୍ତର୍ଭୁକ୍ତ/ତୃତୀୟପକ୍ଷ ଅନ୍ତରଣ ଆଧାରରେ ପ୍ରାପ୍ତ ହୋଇଥିବା ଓ ଅନ୍ୟାନ୍ୟ ଆଇନଗତ ସମସ୍ୟା ଥିବା ଆବଣ୍ଟନଗ୍ରାହୀମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ।

ସ୍ୱା./– ସଚିବ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0120/2122

**ଭଦ୍ରକ ୟୁନାଇଟେଡ୍ ଦଳ ସେମିଫାଇନାଲରେ**

ବାରଙ୍ଗ,(ଡି.ଏନ୍.ଏ.): ୟୁନାଇଟେଡ ସ୍ପୋର୍ଟସ୍ ଆନୁକୂଲ୍ୟରେ ଗଣ୍ଡରପୁର ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ କପ ଟୁର୍ନାମେଣ୍ଟର ବୁଧବାର ଥିଲା ତୃତୀୟ ଦିବସ। ଏହି ଦିବସରେ ଖେଳକୁ ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳ ବିଭାଗର ହୋଇଥିଲା ଏଥିରେ ଭଦ୍ରକ ୟୁନାଇଟେଡ ଦଳ ଧାନବାଦ ଫୁଟବଲ ଏକାଡେମୀକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସକାଳ ୯ଟା।
- ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିନ, ସ୍କାଉଟ୍ସର ମୁଖ୍ୟ କାର୍ଯ୍ୟାଳୟ ପରିସର, ୟୁନିଟ-୩, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରଙ୍ଗବତୀ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ପାହାଡ଼ ଭିତରେ ପ୍ରାଚୀନ ଗୁମ୍ଫା ଠାବ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଓଡ଼ିଶାରେ ଏବେ ବି ବହୁ ଐତିହାସିକ କୀର୍ତ୍ତିରାଜ ଲୁକ୍କାୟିତ ହୋଇ ରହିଛି। ସେଗୁଡ଼ିକୁ ଖୋଜିବା ସହ ଲୋକଲୋଚନ ତଥା ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଅନେକ ସଂସ୍ଥା ତଥା ଅନୁଷ୍ଠାନ ପ୍ରୟାସ ଜାରି ରଖିଛନ୍ତି। ତେବେ ଏଭଳି ଏକ ପ୍ରାଚୀନ ତଥା ଐତିହାସିକ ଗୁମ୍ଫାର ସନ୍ଧାନ କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ ଗୟଳବାଙ୍କ ଗ୍ରାମ ନିକଟ ପାହାଡ଼ରୁ ମିଳିଛି। ଏହି ଗୁମ୍ଫାରେ ଅନେକ କଳାକୃତି, ପଥରରେ ଖୋଦିତ ହୋଇଥିବା କିଛି ଚିତ୍ର ଓ ବିଭିନ୍ନ ସାଙ୍କେତିକ ଭାଷା ରହିଛି। ଏହାକି ପ୍ରାୟ ୨୦୦୦ ବର୍ଷ ପୂର୍ବରୁ ହୋଇଥିବାର ଅନୁମାନ କରାଯାଉଥିବା ନେଇ ସନ୍ଧାନ କରିଥିବା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର ହେରିଟେଜ(ଇନ୍‌ଟାକ୍) ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଇନ୍‌ଟାକର ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ ଓ ଶୁଭାଶିଷ ଦାଶଙ୍କୁ ନେଇ ଗଠିତ ୩ଜଣିଆ ଟିମ୍ ଗୁମ୍ଫାଟିର ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଏହି ଗୁମ୍ଫାଟିକୁ ସ୍ଥାନୀୟ ଅଧିବାସୀ 'ପାଣ୍ଡବ ବଖରା ୨' ବୋଲି କୁହନ୍ତି।

ଉକ୍ତ ସଂସ୍ଥା ପକ୍ଷରୁ ଚାଲିଥିବା 'ମହାନଦୀ ଭେଲି ହେରିଟେଜ ସାଇଟ୍ ଡକ୍ୟୁମେଣ୍ଟେଶନ' ପ୍ରକଳ୍ପର ସର୍ବେକ୍ଷଣ ସମୟରେ ଏହି ଗୁମ୍ଫା, ଚିତ୍ର ଲୋକଲୋଚନକୁ ଆସିଛି। ଗୟଳବାଙ୍କଠାରୁ ଅନତିଦୂର ପାଥପୁର ଗ୍ରାମରେ ଅନୁରୂପ 'ପାଣ୍ଡବ ବଖରା ୧' ନାମରେ ଅନ୍ୟ ଗୋଟିଏ ଶିଳାଚିତ୍ର ପରିପୂର୍ଣ୍ଣ ଗୁମ୍ଫା ରହିଛି। ଏହି ପାହାଡ଼ର ପାଦଦେଶରେ ଏକ ଜଳାଶୟ ଥିବାବେଳେ ଅଳ୍ପ ଦୂରରେ ମହାନଦୀ ପ୍ରବାହିତ ହେଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏହି ୨ ପାହାଡ଼ର ଗୁମ୍ଫାଗୁଡ଼ିକ ମଧ୍ୟରେ ମହାଭାରତ ଯୁଗରେ ପାଣ୍ଡବମାନେ ଅଜ୍ଞାତବାସ ବିତାଇଥିଲେ। ଏ ସମ୍ପର୍କରେ ଇନ୍‌ଟାକ୍ ପ୍ରକଳ୍ପ ସହାୟକ ଦୀପକ ନାୟକଙ୍କ କହିବା ଅନୁଯାୟୀ, ହୁଏତ ଅନେକ ବର୍ଷ ପୂର୍ବେ ଏସ୍ଥାନରେ ଏକ ସଭ୍ୟତା ଗଢ଼ି ଉଠିଥିଲା ଓ ଗୁମ୍ଫାଟିକୁ ସେହି ଆଦିମ ଅଧିବାସୀମାନେ ଧାର୍ମିକ ଉପାସନାର ସ୍ଥାନ ଭାବେ ବ୍ୟବହାର କରୁଥିଲେ। ସେ ସମୟରେ ଲିପିତତ୍ତ୍ୱ ବା ମୂର୍ତ୍ତିକଳାର ବ୍ୟବହାର ଆରମ୍ଭ ହୋଇ ନ ଥିବାରୁ ଅଧିବାସୀମାନେ ନିଜ ସାମାଜିକ ଚାଲିଚଳଣର ସୂଚନା ଦେବାକୁ ଏପ୍ରକାର ସାଙ୍କେତିକ ଚିତ୍ର ଆଙ୍କିଥିବାର ଅନୁମାନ କରାଯାଉଛି। ଗୁମ୍ଫାଟିରେ ଦେଖାଯାଉଥିବା ଅନେକ ଚିତ୍ର ମଧ୍ୟରୁ ମହୁଫେଣା, ମାଛ, ଫୁଲ, ତ୍ରିଭୁଜ ଓ ଚତୁର୍ଭୁଜ ପରି ଜ୍ୟାମିତିକ ସଂକେତ ଉଲ୍ଲେଖଯୋଗ୍ୟ। ଗୁମ୍ଫାଟି ଭୂପୃଷ୍ଠଠାରୁ ପ୍ରାୟ ୫୦୦ ଫୁଟ ଉପରେ ଅବସ୍ଥିତ। ଅତ୍ୟନ୍ତ ଦୁର୍ଗମ, ବଣଲତା ପରିପୂର୍ଣ୍ଣ ରାସ୍ତାଦେଇ ଗୁମ୍ଫାଟିକୁ ଯିବାକୁ ହୁଏ। ସେହିଭଳି ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର କହିଛନ୍ତି, ଏ ପ୍ରକାର ଶିଳାଚିତ୍ର ମଧ୍ୟପ୍ରଦେଶର ପ୍ରସିଦ୍ଧ ଭୀମବେଟକା ଓ ରାଜ୍ୟର ବିକ୍ରମଖୋଲ, ଉଷାକୋଠି ପରି ସ୍ଥାନରେ ଦେଖିବାକୁ ମିଳେ। ପରିତାପର ବିଷୟ ରାଜଧାନୀ ଭୁବନେଶ୍ୱରର ଏତେ ନିକଟରେ ଏପରି ବିରଳ ପୁରାତନ ଐତିହ୍ୟ ଥାଇ ସୁଦ୍ଧା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ନେଇନାହିଁ। ଗୁମ୍ଫାର ପୁରାତନ ଚିତ୍ର ସବୁ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟହେବାକୁ ବସିଲାଣି। ତୁରନ୍ତ ଏହାକୁ ସଂରକ୍ଷିତ ଐତିହ୍ୟ ସ୍ଥଳୀର ମାନ୍ୟତା ଦେବାକୁ ଧୀର ଗୁରୁତ୍ୱାରୋପ କରିଛନ୍ତି।



ଇନ୍‌ଟାକ୍ ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ ଓ ଅନ୍ୟମାନେ ଗୁମ୍ଫାର ମାପଚୁପ କରୁଛନ୍ତି।



- ୨୦୦୦ ବର୍ଷ ପୂର୍ବର ସାଙ୍କେତିକ ଭାଷା, ଚିତ୍ର ରହିଛି
- ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଉ

## ହରଡ଼ରେ ଖେସାରି ମିଶାଇ ବିକ୍ରି, ଦୁଇ ମାଲିକଙ୍କ ନାଁରେ ଏତଲା

କଟକ ଅଫିସ,୮।୧୨

କଟକ ମାଲଗୋଦାମ ଅଞ୍ଚଳରେ ଥିବା ୨ଟି ଡାଲି ଗୋଦାମରେ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି। ୩୦ ବସ୍ତା ଖେସାରି ଡାଲି ଓ ୧୦ ବସ୍ତା ମିଶ୍ରିତ ଡାଲି ଜବତ କରାଯିବା ସହ ଗୋଦାମକୁ ସିଲ୍ କରାଯାଇଛି। ଏ ନେଇ ଗୋଦାମ ମାଲିକ ସିଦ୍ଧାନ୍ତ ପଣ୍ଡା ଓ ଦିଲ୍ଲୀପ ସାହୁ ନାଁରେ ପୋଲିସ ୨ଟି ମାମଲା(ନଂ.୨୫୮,୨୫୯/୨୧) ରୁଜୁ କରିବା ସହ ସେମାନଙ୍କୁ ପଚରାଉଚରା କରୁଥିବା ଥାନା ଅଧିକାରୀ ତୃପ୍ତୀରଞ୍ଜନ ନାୟକ କହିଛନ୍ତି। ସୂଚନା ଅନୁଯାୟୀ, ଉପରୋକ୍ତ ୨ ଗୋଦାମରେ ହରଡରେ ଖେସାରୀ ଡାଲି ମିଶ୍ରଣ କରାଯାଇ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ଜଣେ ପୋଲିସ କର୍ମଚାରୀ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ବୁଧବାର ସେ ଡାଲି ଆଣିବା ସମୟରେ ପୋଲିସ ଓ ସିଏମ୍‌ସି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିସହ ସେଠାରୁ ଅପମିଶ୍ରିତ ଡାଲି ଜବତ ହୋଇଥିଲା ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଏହି ଚଢ଼ାଉରେ ଏସିପି ଅମରେନ୍ଦ୍ର ପଣ୍ଡା, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତିଷ୍ଠା ଦାସ ମହାପାତ୍ର ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଯୌନ ନିର୍ଯାତନା ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୮।୧୨(ବ୍ୟୁରୋ): ଘରୋଇ ପରିଚାରିକାଙ୍କୁ ଯୌନ ନିର୍ଯାତନା ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରୋଟାରି କ୍ଲବ ସଭାକକ୍ଷରେ ସିସିଡବ୍ଲୁଡି ଓ ଆକ୍ସନ୍ ଏଡ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ମନ୍ମଥ କୁମାର ଭଞ୍ଜଦେଓ ଯୋଗଦେଇ ନିର୍ଯାତନାର ପ୍ରକାରଭେଦ, ଆଇନ୍‌ର ଧାରା ଓ ଦଣ୍ଡବିଧାନ ଉପରେ ଘରୋଇ ପରିଚାରିକାଙ୍କୁ ବିଭିନ୍ନ ଖେଳ ଓ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ପ୍ରଶିକ୍ଷିତ କରାଇଥିଲେ। ଅତିଥି ଭାବେ ଆକ୍ସନ୍ ଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଶୁଭେନ୍ଦୁ କୁମାର ରାୟ, ସିସିଡବ୍ଲୁଡି ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟରତ ସମସ୍ତ ମହିଳା ଓ ପୁରୁଷ ସରକାରୀ ଆଇନ ଓ ବିଧି ବ୍ୟବସ୍ଥା ସମ୍ପର୍କରେ ଜାଣିବା ନିହାତି ଦରକାର। ଯୌନ ନିର୍ଯାତନା, ଶୋଷଣ, ଅପବ୍ୟବହାରକୁ ଦୂର କରିବା ଓ ଉପଯୁକ୍ତ ପରିବେଶ ଗଢ଼ିବା ଅତ୍ୟନ୍ତ ଜରୁରୀ ବୋଲି ସେମାନେ କହିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ କାର୍ଯ୍ୟ କରୁଥିବା ଘରୋଇ ପରିଚାରିକାମାନେ ଅଂଶଗ୍ରହଣ କରିଥିଲେ।

### ଦେବାଶିଷ ମହାପାତ୍ରଙ୍କ 'ବ୍ୟାକରଣ' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୮।୧୨(ବ୍ୟୁରୋ): ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ରଙ୍କ 'ବ୍ୟାକରଣ' ପୁସ୍ତକ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏନେଇ ରାଜଭବନ ପରିସରରେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ପୁସ୍ତକକୁ ଲୋକାର୍ପଣ କରି ରାଜ୍ୟପାଳ କହିଛନ୍ତି, ଭାଷା ଓ ବ୍ୟାକାରଣର ସମ୍ପର୍କ ଅତୁଟ। ଭାଷା ମଣିଷର ଏକ ସ୍ୱତନ୍ତ୍ର ସମ୍ପଦ। ଏହା ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ଓ ଭାବ ଆଦାନପ୍ରଦାନରେ ସହାୟତା କରେ। ଭାଷା ପାଇଁ ବ୍ୟାକରଣର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ସହଜ ଓ ସରଳ ଭାଷାରେ ବ୍ୟାକରଣ ବହି ଲେଖିବା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲେଖକଙ୍କ ମା' ଗିରିବାଳା ମହାପାତ୍ର, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ଉପସ୍ଥିତ ଥିଲେ। ମହାପାତ୍ରଙ୍କ ଏହା ପଞ୍ଚମ ପୁସ୍ତକ।

### ସଚେତନ ଦ୍ୱାରା ଶିଶୁ ଯୌନ ଶୋଷଣ ରୋକିହେବ

ବାଲିଅନ୍ତା,୮।୧୨(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ପିକକ୍ ପକ୍ଷରୁ ଶିଶୁ ସୁରକ୍ଷା ଉପରେ ଏକ କର୍ମଶାଳା ହୋଇଥିଲେ। ଏଥିରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ ପଣ୍ଡା, ଥାନାଧିକାରୀ ଯୁବରାଜ ସ୍ୱାଇଁ ଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଯୌନ ଶୋଷଣ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକକୁ ରୋକିବାକୁ ସମସ୍ତଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି। ଶିଶୁଙ୍କ ଉପରେ ହେଉଥିବା ଶୋଷଣ ଘରର ନିଜ ଲୋକ ତଥା ସମ୍ପର୍କୀୟଙ୍କ ଦ୍ୱାରା ଅଧିକ ହେଉଛି। କିନ୍ତୁ ଏହାକୁ ପ୍ରାୟ ଚାପି ଦିଆଯାଉଛି। ଅଭିଯୋଗ ହେଉ ନ ଥିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ସମସ୍ୟା ଦେଖାଦେଉଛି। ଝିଅଙ୍କ ଭଳି ପୁଅ ମଧ ଯୌନ ଶୋଷଣର ଶିକାର ହେଉଛନ୍ତି। ଏହାକୁ ରୋକିବା ପାଇଁ ପୋଲିସ ଓ ମିଡିଆର ବଡ଼ ଭୂମିକା ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କର୍ମଶାଳାକୁ ପିକକ ପରିଚାଳନା ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପରିଚାଳନା କରିଥିଲେ। ସଂଯୋଜିକା ଉପମା ମହାନ୍ତି ଧନ୍ୟବାଦ ଦେଇଥିଲେ।



## ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ଡ୍ୟାନ୍ସ ଫେଷ୍ଟିଭାଲ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ 'ଡ୍ୟାନ୍ସ ଫେଷ୍ଟିଭାଲ୍'। ଏହି ମହୋତ୍ସବରେ ୧୪ ଜିଲାରୁ ସ୍କାଉଟ୍ ଓ ଗାଇଡ୍‌ମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଛନ୍ତି। ପିଲାମାନେ ଦୀର୍ଘ ସମୟ ଧରି ଅନ୍‌ଲାଇନରେ ପାଠ ସହିତ ଅନ୍‌ଲାଇନ୍ ସ୍କାଉଟ ଓ ଗାଇଡରେ ଭାଗ ନେବା ଏବଂ ଖୋଲା ଆକାଶ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବା ଦେଖି ଏହି ଉତ୍ସବର ବ୍ୟବସ୍ଥା କରାଯାଇଥିଲା। ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଓ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ସଚିବ ଧନଞ୍ଜୟ ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଚିତ୍ତରଞ୍ଜନ ସାହାଣୀ ଯୋଗଦେଇଥିଲେ।


**GOVERNMENT COLLEGE OF ENGINEERING, KEONJHAR**
At: Jamunalia, P.O.- Old Town, Dist.- Keonjhar, PIN - 758002 (Odisha)
Web: www.gcekjr.ac.in, Mail ID: principal@gcekjr.ac.in
No. 1189 Date: 08.12.2021

**SPOT ADMISSION OF B.TECH 1st YEAR FOR THE SESSION 2021-22**

No. KK-169: The Spot Admission for few seats of B.Tech 1st year for the Academic Session 2021-22 in **Government College of Engineering, Keonjhar** will be conducted through online process from **11.12.2021 to 15.12.2021**. For detail information, the candidates are advised to visit our college website **www.gcekjr.ac.in**.

Sd./- Principal
Government College of Engineering, Keonjhar
OIPR-14088/11/0009/2122



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
CAD:-2228

**E-procurement Notice**

**Bid document No.: OMC/E-PROC/CMC/55/2021 dated 09.12.2021**

| | | |
|---|---|---|
| 1. | Name of the work | Configuration and Implementation of Human Resource Management System (HRMS) Software along with Annual Licensing Cost & Support for 5 (five) years. |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0150/2122 Head (C&P)


## ୧୦ରୁ ଡେରାସରେ ବଣଭୋଜି

ବାରଙ୍ଗ,୮।୧୨ (ଡି.ଏନ୍.ଏ.)

**ବଡ଼ ପିଣ୍ଡି ପାଇଁ ୫୦୦, ସାନ ପାଇଁ ୩୦୦**

ରାଜଧାନୀ ଉପକଣ୍ଠ ବଣଭୋଜି ପର୍ଯ୍ୟଟକମାନଙ୍କ ପାଇଁ ବେଶ ଆକର୍ଷିତ ଥିବା ଡେରାସରେ ବଣଭୋଜି ପାଇଁ ଅନୁମତି ମିଳିଛି। ଆସନ୍ତା ୧୦ତାରିଖରୁ ଡେରାସରେ ବଣଭୋଜିର ମଜା ଉଠାଇବେ ପର୍ଯ୍ୟଟକ। ଏଥିପାଇଁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ୧୨୫୧୪/୨୦୨୧ ମେମୋ ନଂ.ରେ ଏକ ନିର୍ଦ୍ଦେନାମା ଚନ୍ଦକା ଡିଏଫ୍‌ଓଙ୍କ ପାଖକୁ ଆସିଛି। ଏହି ଆଧାରରେ ଆସନ୍ତା ୧୦ତାରିଖରେ ଡେରାସ ଫାଟକ ପାର୍ଶ୍ୱରେ ରହିଥିବା ବଣଭୋଜି ସ୍ଥଳରେ ରହିଥିବା ୧୮ଟି ପିଣ୍ଡିରେ ପର୍ଯ୍ୟଟକମାନେ ବଣଭୋଜି କରିପାରିବେ। ବଡ଼ପିଣ୍ଡି ପାଇଁ ୫୦୦ ଓ ସାନପିଣ୍ଡି ପାଇଁ ୩୦୦ ଟଙ୍କା ଦେବାକୁ ପଡ଼ିବ। ସମସ୍ତ ପର୍ଯ୍ୟଟକ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନକରି ବଣଭୋଜି କରିପାରିବେ। ଏଥିପାଇଁ ପର୍ଯ୍ୟଟକମାନେ ଅଫ୍‌ଲାଇନରେ ବଣଭୋଜି ପାଇଁ ଟିକେଟ କାଟିପାରିବେ। କିନ୍ତୁ ଏହାସହ ପ୍ରାକୃତିକ ମନୋରମଭରା ଜଙ୍ଗଲର ଦୃଶ୍ୟ ସହ ବିଶାଳ ଜଙ୍ଗଲ ମଝିରେ ଜଳଭଣ୍ଡାର ଡେରାସ ଡ୍ୟାମରୁ ବୁଲିବାର ମଜା ଉଠାଇବେ। ସେହିଭଳି ଭାବେ ଏଠାରେ ଥିବା ୮ଟି କଟେଜଗୁଡ଼ିକୁ ଅନ୍‌ଲାଇନରେ ବୁକିଂ କରିବାକୁ ପଡ଼ିବ। ବଡ଼ କଟେଜ୍‌ଗୁଡ଼ିକୁ ସାଢେ ୩ହଜାର ଓ ସାନ କଟେଜକୁ ଅଢେଇ ହଜାର ଟଙ୍କା ରଖାଯାଇଛି। ୨ବର୍ଷ ହେବ ବନ୍ଦ ରହିଥିବା ବଣଭୋଜିକୁ ଏବେ ଅନୁମତି ମିଳିଥିବାରୁ ପର୍ଯ୍ୟଟକମାନେ ବେଶ ଏହାର ମଜା ଉଠାଇପାରିବେ ବୋଲି ଆଶା ରଖିଛି ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷ।

## ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୮।୧୨(ଡି.ଏନ୍.ଏ.)

ମେଣ୍ଢାଶାଳ କୁକୁଡାମୁଣ୍ଡସ୍ଥିତ ଓପିଟିସିଏଲର ବିଦ୍ୟୁତଗ୍ରୀଡ୍ ପରିସରରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ମେଣ୍ଢାଶାଳ ଫାଣ୍ଡି ପୋଲିସ ଜବତ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା କୋଦମାଲତା ଗ୍ରାମର ବାପୁନି ନାୟକ(୨୧)। ସେ ଦୀର୍ଘଦିନ ହେବ ଜଣେ ଠିକାଦରଙ୍କ ଅଧୀନରେ ଏଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟର ସୁପରଭାଇଜର ଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୨୯/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

## ଆନ୍ଦୋଳନକାରୀ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନଠାରେ ଥିବା ଫାଣ୍ଡି ନିକଟରେ ବୁଧବାର ଜଣେ ଆନ୍ଦୋଳନକାରୀ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକମାନେ ଅସଦାଚରଣ କରିଥିବା ବ୍ୟକ୍ତିଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଧାନସଭା ଚାଲିଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଭଳି ସମୟରେ ଜଣେ ମହିଳା ଆନ୍ଦୋଳନକାରୀଙ୍କୁ ଅସଦାଚରଣ କରାଯିବା ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅପରପକ୍ଷରେ ଏ ନେଇ ପୋଲିସ କିଛି କହିବାକୁ ମନା କରିଦେଇଛି। ଅପରାହ୍ନ ସମୟରେ ଆନ୍ଦୋଳନ ସରିବା ପରେ ଜଣେ ମହିଳା ମୋ ବସ୍‌ରେ ଘରକୁ ଫେରିବାକୁ ଫାଣ୍ଡି ନିକଟରେ ଅପେକ୍ଷା କରିଥିବା ବେଳେ ଜଣେ ବ୍ୟକ୍ତି ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।


**Odisha Lift Irrigation Corporation Ltd.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BARGARH**
**E-Procurement Notice-05/2021-22**
E-mail- eeolicbgh@gmail.com, Phone-06646-246126
No.CAD-2211 No. 2787 / Dated: 07.12.2021

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, Installation of pump sets and energisation of 05 Nos. of L.I. Projects, 01 No. Revival and construction of distribution system work of 17 Nos. packages of River Lift Projects in different Blocks of Bargarh District.
3. No. of Packages : 23 Nos.
4. Tender Amount : Varies from 6.20 Lakhs to 29.12 Lakhs
5. Date and time of availability of bid documents in the portal for online bidding **from 10.00 hrs dated 10.12.2021 to 17.00 hrs dated 18.12.2021.**
6. Last date and time of receipt of bids in the portal up to **17.00 hrs. Dated-18.12.2021.**
7. Last date and time of clarification upto **17.00 hrs Dated-17.12.2021.**
8. Date of opening of technical bid (Cover-1) **at 11.00 hrs. Dated-20.12.2021.**
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in.**
11. Subsequent corrigendum/addendum if required shall be available in the above portal.

Sd./- Executive Engineer, L.I. Division, Bargarh
OIPR-32277/11/0006/2122



**OFFICE OF THE DIRECTOR, IGIT, SARANG, DHENKANAL - 759146**

**Bid Identification No. IGIT/EM/289** **Date: 06.12.2021**

No. KK-166: The Director, IGIT, Sarang invites sealed percentage rate bids in Single Cover System in offline mode conformity with detailed terms & conditions from the C & D Class contractors registered with the State/ Central Govt. for Maints/construction of civil works having experience in similar nature of works.
The DTCN can be downloaded from the institute website i.e. **www.igitsarang.ac.in**.

**Particular's of works**

| Sl. No. | Name of the work | Approximate Estimate Cost in Rs. | EMD in Rs. | Eligibility of Contractor | Time of Completion | Cost of Tender Paper (Non-refundable) |
|---|---|---|---|---|---|---|
| 1 | Repair works of Bramhos Bhawan A & C Block | 5,83,062.00 | 5,850.00 | C & D | 1 Month | 4,000.00 |

The bidder has to deposit the bid cost in shape of Demand Draft & EMD in shape of Demand Draft/NSC/KVC/ POTD duly pledged in favour of Director, IGIT, Sarang and drawn in SBI Sarang.
1. Availability of Tender Paper : Institute website **www.igitsarang.ac.in**
2. Mode of submission of tender : Tender shall be submitted in the office of Director, IGIT Sarang through Regd./Speed Post only on or before 20.12.2021 upto 3.00 P.M.
3. Date of opening of Tender paper : 22.12.2021 at 10.00 A.M. in the Office of the Chairman Const. & Maint. Committee, IGIT, Sarang.

Corrigendum if any shall only be published in the Institute website.
Authority reserves the right to reject any or all the tenders without assigning any reason thereof.
Copy to: 1. Institute Notice Board, 2. Accounts Officer for Information, 3. Dr. Gaurov Ghosh, I/C Institute website with a request to publish the notice along with detail tender document in the institute website.

OIPR-14091/11/0008/2122 Sd./- Director



**ODISHA STATE HOUSING BOARD**
SACHIVALAYA MARG, BHUBANESWAR - 751001
Phones: EPABS: (0674) 2393524, 2390141, 2391542, 2393277, Fax: (0674) 2393952
Visit us at: http://www.oshb.org

No. 9157/OSHB Date: 06.12.2021
File: EB-1-49/2018 (Part-I)

**BID IDENTIFICATION No. 01/CE/OSHB/2021-22**

**E-Procurement Notice for Online Bidding**

No. CAD-2203: Chief Engineer, OSHB invites online bids as per the following schedule.

| Sl. No. | Name of the work | Value of the work (Rs. lakh) | Concerned T.I.A. | Security Amount (Online) | Cost of Bid Document (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | Construction of 11 Nos. of HIG (Core) Houses in the completed scheme at Kananvihar, Phase-I, Chandrasekharpur, Bhubaneswar | 295.68 | Chief Engineer, OSHB | 296000/- | 10000 + GST (18%) = 11800 | 'B' Class and equivalent | 06 (Six) Calendar months |

1. Other details

| Procurement Officer | Bid Identification No. | Availability of Bids for Online Bidding | |
|---|---|---|---|
| Chief Engineer, OSHB, Bhubaneswar | 01/CE/OSHB/2021-22 | From Dt.10.12.2021 at 13.00 hrs. | To Dt.29.12.2021 upto 15.00 hrs. |

2. Place and date of opening of the bids: Office of the Chief Engineer, OSHB, Bhubaneswar at 12.30 hrs. on Dt.30.12.2021.
Further details can be seen from the website: **www.tendersodisha.gov.in**.
Any Corrigendum/Addendum shall be published in the website **www.tendersodisha.gov.in** only.

Sd./- Chief Engineer
OIPR-13030/11/0249/2122

# ଐଶ୍‌ଙ୍କ କଥା ରହିଲା



ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ଐଶ୍ୱର୍ଯ୍ୟା ରାୟବଚ୍ଚନ ପୁଣି ଥରେ ବଡ଼ ପରଦାରେ ଆସୁଛନ୍ତି। ରବୀନ୍ଦ୍ର ନାଥ ଟାଗୋରଙ୍କ ପୁସ୍ତକ 'ଥ୍ରୀ ୱମେନ୍'କୁ ଆଧାର କରି ନିର୍ମିତ ହେଉଥିବା ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଯେତେବେଳେ ସେ ଏହାର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିଲେ ସେତେବେଳେ ଏଥିରେ ଆକ୍ଟିଂ କରିବାକୁ ତାଙ୍କ ଆଶା ଆହୁରି ବଢ଼ିଯାଇଥିଲା। ପ୍ରଥମେ ଏହି ସିନେମାଟି କେବଳ ହିନ୍ଦୀ ଭାଷାରେ ନିର୍ମିତ ହୋଇଥାଆନ୍ତା। ହେଲେ ଯେତେବେଳେ ଐଶ୍ୱର୍ଯ୍ୟା ଏ କଥା ଜାଣିଲେ ସେ ଏହି ଫିଲ୍ମକୁ ଉଭୟ ହିନ୍ଦୀ ଏବଂ ଇଂଲିଶ ଭାଷାରେ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ଶେଷରେ ତାଙ୍କରି କଥା ରହିଲା। ସେ ଅଭିନୟ କରୁଥିବା ଫିଲ୍ମଟି ଦ୍ୱିଭାଷୀରେ ପ୍ରସ୍ତୁତ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଦ ଲେଟର'। କାଦମ୍ବରୀ ଦେବୀ ହେଉଛନ୍ତି ଏହାର ମୁଖ୍ୟ ଚରିତ୍ର। ତାଙ୍କ ଦ୍ୱାରା ଲିଖିତ ଏକ ଚିଠିକୁ ଆଧାର କରି କାହାଣୀ ଗତି କରୁଛି। ଏହି ଭୂମିକାରେ ଦର୍ଶକ ଐଶ୍ୱର୍ଯ୍ୟାଙ୍କୁ ଦେଖିବାକୁ ପାଇବେ। ଚିତ୍ରଟିର ନିର୍ଦ୍ଦେଶନା ଦେବେ ନବାଗତା ଇଷିତା ଗାଙ୍ଗୁଲି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।

## ରିଲିଜ ଅପେକ୍ଷାରେ
# ଲାଗେ ପ୍ରେମ ନଜର



ଏକ ଭିନ୍ନ ଧରଣର ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଛି 'ଲାଗେ ପ୍ରେମ ନଜର'। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଏହା ଚଳିତ ମାସ ଶେଷ ସପ୍ତାହରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଖଗେଶ୍ୱର ଶେଜପଡାଙ୍କ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବ୍ୟୋମକେଶ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଏସ. ଦିଲୀପ ପଣ୍ଡା। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସ୍ୱର ସଂଯୋଜକ ବୈଦନାଥ ଦାଶ। ଫିଲ୍ମର ମୁଖ୍ୟ ଭୂମିକାରେ ଅମ୍ଲାନ, ପ୍ରିୟା ଚୌଧୁରୀ, ରିୟା ଅଭିନୟ କରିଥିବା ବେଳେ ଏଥିରେ ରାଗିଣୀ, ବବି ମିଶ୍ର, ପପି ସନ୍ଥୁକା, ଅମର, ବାପି ଏବଂ ବିନୋଦ ବାବୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

ଅମ୍ଲାନ-ପ୍ରିୟା

# ୱେବ୍ ସିରିଜ୍‌ରେ ଶ୍ରଦ୍ଧା

ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ ଏବେ ନୂଆ ଦୁନିଆରେ ପାଦ ଦେଇଛନ୍ତି। ଚଳଚ୍ଚିତ୍ର ଏବଂ ଧାରାବାହିକ ପରେ ତାଙ୍କୁ ୱେବ୍ ସିରିଜରେ ଦେଖିବାକୁ ମିଳିବ। ଚଳିତ ମାସ ୧୦ରୁ ପ୍ରସାରିତ ହେବାକୁ ଯାଉଥିବା ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'ର ନୂଆ ୱେବ୍ ସିରିଜ 'ବ୍ରେକ୍ ଅପ୍ ରୁଲ୍‌ସ'ରେ ସେ ଅଭିନୟ କରିଛନ୍ତି। ଚଳଚ୍ଚିତ୍ର, ଧାରାବାହିକରେ ଅଭିନୟ ପରେ ଏବେ ଏପରି ପ୍ଲାଟଫର୍ମକୁ ନେଇ ବେଶ୍ ଖୁସ୍ ଅଛନ୍ତି ଶ୍ରଦ୍ଧା। କେତେବେଳେ ପ୍ରେମ ଆଉ କେତେବେଳେ ବ୍ରେକ୍ ଅପ୍ । ଏମିତି ପ୍ରେମ ଆଉ ବ୍ରେକ ଅପ୍ ଘଟଣାଗୁଡ଼ିକୁ ନିଖୁଣ ଭାବରେ ସଜେଇଛନ୍ତି ଏହାର କାହାଣୀକାର ଚିତ୍ରା ପଟ୍ଟନାୟକ ଓ ଜନ୍ମେଜୟ ସିଂ । ଶ୍ରଦ୍ଧାଙ୍କ ସହ ଶୋଭନ ସାମଲ, ପ୍ରସନ୍ନଜିତ ମହାପାତ୍ର, ଆରତୀ ଶର୍ମା ପ୍ରମୁଖ ଏହି ସିରିଜ୍‌ରେ ଅଭିନୟ କରିଛନ୍ତି । ଏହାର ପ୍ରଯୋଜନା ସଞ୍ଜୀବ ଦ୍ୱିବେଦୀ କରିଥିବା ବେଳେ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ରାଜା ଡି । ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସନ୍ଦୀପ ପଣ୍ଡା । ଏହି ୱେବ ସିରିଜଟି 'କଞ୍ଚାଲଙ୍କା'ରେ ହିଁ ଷ୍ଟ୍ରିମିଙ୍ଗ ହେବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ।



ଶ୍ରଦ୍ଧା-ଶୋଭନ୍



# ତପି ଯାହା ଖୋଜୁଥିଲେ..

ଅଭିନେତା ତପି ମିଶ୍ର ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଏକ ଦମଦାର ଖଳନାୟକ ଭାବରେ ସେ ବଡ଼ ପରଦାରେ ଆସିବାକୁ ଆଶା ରଖିଥିଲେ, ଆଉ ତାହା ପୂରଣ ହୋଇଛି। ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର 'ମହାବାହୁ'ରେ ତାଙ୍କୁ ମୁଖ୍ୟ ଖଳନାୟକ ଭାବରେ ଦେଖିବାକୁ ମିଳିବ। ଏ ନେଇ ତପି କହନ୍ତି, 'ଯେତେବେଳେ ଏହି ଫିଲ୍ମର ପ୍ରଯୋଜକ ରମେଶ ବାରିକ ମୋତେ ଏହି ବିଷୟରେ ସୂଚନା ଦେଲେ ସେତେବେଳେ ମୁଁ ଭାବିଲି ଯେ, ଏପରି ଏକ ଭୂମିକା ହିଁ ମୋ କ୍ୟାରିୟରକୁ ମାଇଲେଜ ଦେଇପାରିବ। ଜଗତର ନାଥ ଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଏହାର କାହାଣୀ ଗତିକରିଛି। ଏଥିରେ ମୋ ଭୂମିକାରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ।' ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଶ୍ରୀତମ ଦାସ। ଏହାର ମୁଖ୍ୟ ଭୂମିକାରେ ଆକାଶ ଏବଂ ପୁନମ ମିଶ୍ରଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ 'ଦେଖା ହେଲା ପ୍ରେମ ହେଲା', 'ଇନ୍ଦ୍ରଜାଲ', 'ଦିଲ୍‌ରେ ଅଛି ତୋରି ନାଁ' ଏବଂ 'ମା ସମଲେଶ୍ୱରୀ' ଫିଲ୍ମରେ ତପି ଅଭିନୟ କରିସାରିଛନ୍ତି।

## ବଲିଉଡ୍ ହାଲଚାଲ୍

➔ନିର୍ମାଣାଧୀନ ହିନ୍ଦୀ ସିନେମା 'ପଠାନ୍'ର ଶୁଟିଂ ପୁଣି ଥରେ ଚଳିତ ମାସ ୧୫ରୁ ଆରମ୍ଭ ହେବାକୁ ଯାଉଛି। ଏହାର ମୁଖ୍ୟ ଭୂମିକାରେ ଶାହରୁଖ ଖାଁ, ଦୀପିକା ପାଦୁକୋନ୍ ଏବଂ ଜନ୍ ଆବ୍ରାହମଙ୍କୁ ଦେଖିବାକୁ ମିଳିବ।

➔ନିର୍ମାଣାଧୀନ ହିନ୍ଦୀ ସିନେମା 'ବିକ୍ରମ ଭେଡା'ରେ ନିଜ ଭୂମିକାକୁ ନେଇ ହ୍ରିତିକ ରୋଶନ ଏବଂ ସୈଫ ଅଲ୍ଲୀ ଖାଁ ବେଶ୍ ଆଶାବାଦୀ ଅଛନ୍ତି।

➔ରିତେଶ ଦେଶମୁଖ ଖୁବ୍ ଶୀଘ୍ର ଏକ ମରାଠୀ ଫିଲ୍ମର ନିର୍ଦ୍ଦେଶନା ଦେବେ।

➔କାହାଣୀ ପସନ୍ଦ ନ ହେବାରୁ ଜାହ୍ନବୀ କପୁର ନିକଟରେ ତିନୋଟି ଅଫରକୁ ହାତଛଡ଼ା କରିଛନ୍ତି।



ଜାହ୍ନବୀ

# ଲେହେରା ଦୋ..

ବହୁ ପ୍ରତୀକ୍ଷିତ ବାୟୋପିକ୍ '୮୩' ଏବେ ପୁଣି ଥରେ ଚର୍ଚ୍ଚାରେ। କାରଣ ଏଥିରେ ସଂଯୋଜିତ ଗୀତ 'ଲେହେରା ଦୋ' ବର୍ତ୍ତମାନ ବେଶ୍ ଭାଇରାଲ ହୋଇଛି। ୧୯୮୩ ଭାରତୀୟ କ୍ରିକେଟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ବର୍ଷ ଭାରତ ପ୍ରଥମ ଥର ପାଇଁ ବିଶ୍ୱକପ୍ ହାସଲ କରିଥିଲା ଏବଂ ଏହି ଦଳର ନେତୃତ୍ୱ ନେଇଥିଲେ ଅଲରାଉଣ୍ଡର କପିଳଦେବ। ତାଙ୍କ ଜୀବନୀକୁ ନେଇ ନିର୍ମିତ ଫିଲ୍ମ '୮୩'ରେ ଏପରି ଏକ ଦେଶାତ୍ମବୋଧକ ଗୀତ ଦେଖିବାକୁ ମିଳିବ। ଭାରତ କପ୍ ଜିତିବା ପରେ ପାଳନ କରାଯାଉଥିବା ବିଜୟ ଉତ୍ସବକୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। କସୁର ମୁନୀର ଏହାକୁ ରଚନା କରିଥିବା ବେଳେ ଏଥିପାଇଁ କଣ୍ଠଦାନ କରିଛନ୍ତି ଅରଜିତ ସିଂ। ଫିଲ୍ମଟିର ମୁଖ୍ୟ ଭୂମିକାରେ ରଣବୀର ସିଂ ଅଭିନୟ କରିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୀପିକା ପାଦୁକୋନ୍। କବୀର ଖାଁଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟି ଚଳିତ ମାସ ୨୪ରେ ପରଦା ଉପରକୁ ଆସିବ।



ଚଳଚ୍ଚିତ୍ର '୮୩'ରେ ରଣବୀର

# ଭିକି-କ୍ୟାଟ୍ରିନା: କିଛିକଥା



ଭିକି କୌଶଲ ହୁଅନ୍ତୁ ଅବା କ୍ୟାଟ୍ରିନା କୈଫ-ବଲିଉଡ୍‌ରେ ନିଜ ଅଭିନୟ ଦକ୍ଷତା ବଳରେ ଦୁହେଁ ଦର୍ଶକାଦୃତି ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଦୁହିଁଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ଏହି ହାଇପ୍ରୋଫାଇଲ ଯୋଡ଼ି ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଚଳିତ ମାସ ୭ରୁ ୯ ପର୍ଯ୍ୟନ୍ତ ଏହି ମ୍ୟାରେଜ ସେରିମନି ରାଜସ୍ଥାନର ଯୋଧପୁରରେ ଚାଲିବ। ହିନ୍ଦୁ ପ୍ରଥା ଅନୁସାରେ ଏହି ବିବାହ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବଲିଉଡ୍‌ର ରଥୀ ମହାରଥୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ଯୋଡ଼ିଙ୍କ ବ୍ୟକ୍ତିଗତ ଜୀବନରେ ଅନେକ ରୋଚକ କଥା ରହିଛି। ହଂକଂରେ ଜନ୍ମିତା କ୍ୟାଟ୍ରିନା ମାତ୍ର ୧୪ ବର୍ଷ ବୟସରୁ ମଡେଲିଂ ସହ ଜଡ଼ିତ ଥିଲେ। ଅଭିନୟ ବ୍ୟତୀତ ସେ ନୃତ୍ୟ ଏବଂ ସଙ୍ଗୀତ ଶୁଣିବାରେ ରୁଚି ରଖନ୍ତି। କ୍ୟାଟ୍ରିନା ଅଭିନୟ କରିଥିବା ପ୍ରତିଟି ଫିଲ୍ମ ରିଲିଜ ହେବା ପୂର୍ବରୁ ସେ ବମ୍ବେସ୍ଥିତ ସିଦ୍ଧି ବିନାୟକ ମନ୍ଦିର, ମାଉଣ୍ଟ ମେରି ଚର୍ଚ୍ଚ ଏବଂ ଆଜମେର ସରିଫ ଦରଘା ଦର୍ଶନ କରିଥାଆନ୍ତି। ଅଭିନୟ ପୂର୍ବରୁ କ୍ୟାଟ୍ରିନାଙ୍କ ପ୍ରକୃତ ନାମ ଥିଲା ଇସାବେଲା କୈଫ। ଜ୍ୟାକି ଶ୍ରଫଙ୍କ ପତ୍ନୀ ଆୟେଶା ତାଙ୍କୁ ଏହି ନାମ ପରିବର୍ତ୍ତନ କରି କ୍ୟାଟ୍ରିନା କୈଫ ରଖିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ କ୍ୟାଟ୍ରିନା ନାମରେ ପରିଚିତ ହୋଇଥିଲେ। ଅନ୍ଧାରକୁ ଭାରି ଭୟ କରନ୍ତି ଏହି ଅଭିନେତ୍ରୀ। ଆୟେଶା ଶ୍ରଫଙ୍କ ପ୍ରଯୋଜିତ 'ବୁମ୍'ରେ ପ୍ରଥମେ ବ୍ରେକ୍ ମିଳିଥିଲା। ତା'ପରେ 'ସିଂ ଇଜ୍ କିଙ୍ଗ', 'ଅଜବ ପ୍ରେମ୍ କି ଗଜବ କାହାନୀ', 'ଜିନ୍ଦେଗୀ ନା ମିଲେଗି ଦୋବାରା', 'ବଡିଗାର୍ଡ' ଏବଂ 'ଏକ ଥା ଟାଇଗର' ଆଦି ସିନେମାରେ ଅଭିନୟ କରିସାରିଛନ୍ତି ସେ।

ଅନ୍ୟପକ୍ଷରେ ବମ୍ବେରେ ଜନ୍ମିତ ଭିକି କୌଶଲ ଅଭିନୟ ବ୍ୟତୀତ ବହି ପଢ଼ିବା, ଡ୍ୟାନ୍ସ ଏବଂ ଟ୍ରାଭେଲିଂରେ ରୁଚି ରଖନ୍ତି। ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ତାଙ୍କୁ ଚାକିରି ପାଇଁ ଅଫର ମିଳିଥିଲା। ହେଲେ ସେ ଅଭିନେତା ହେବାର ନିଶା ତାଙ୍କୁ ପାଗଳ କରିଦେଇଥିଲା। ସେ ଚାକିରିରେ ଯୋଗ ନ ଦେଇ ଆକ୍ଟିଂ ପ୍ରତି ମନୋନିବେଶ କରିଥିଲେ। ବଡ଼ ପରଦାରେ ମୁହଁ ଦେଖାଇବା ପୂର୍ବରୁ କିଶୋର ନମିତ କପୁରଙ୍କ ଅଧୀନରେ ସେ ଆକ୍ଟିଂ ୱାର୍କଶପରେ ଯୋଗ ଦେଇଥିଲେ। ସେଠାରେ ସେ ଶତାଧିକ ଥିଏଟର ନାଟକରେ ଅଭିନୟ କରି ନିଜକୁ ଜଣେ ନାମୀ ଥିଏଟର ଅଭିନେତା ଭାବରେ ପରିଚିତ କରାଇଥିଲେ। ଭାରତୀୟ ଖାଦ୍ୟ ବ୍ୟତୀତ ଚାଇନିଜ୍ ଫୁଡ୍ ଖାଇବାକୁ ପସନ୍ଦ କରନ୍ତି ଭିକି। ତାଙ୍କର ମନ ପସନ୍ଦର ଅଭିନେତା ହେଲେ ହ୍ରିତିକ ରୋଶନ ଏବଂ ନୱାଜଉଦ୍ଦିନ୍ ସିଦ୍ଦିକି। ଭିକିଙ୍କ ଅଭିନୀତ 'ମାସାନ୍' ପାଇଁ ସେ ୮ କିଗ୍ରା ଓଜନ କମାଇଥିଲେ। ଏହି ଫିଲ୍ମଟି ତାଙ୍କୁ ରାତାରାତି ଷ୍ଟାର ମାନ୍ୟତା ପ୍ରଦାନ କରିଥିଲା। ଏଥିପାଇଁ ସେ ସମ୍ମାନଜନକ ଆଇଫା ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହାବ୍ୟତୀତ 'ରମନ ରାଘବ ୨.୦', 'ରାଜି', 'ସଞ୍ଜୁ', 'ମନମର୍ଜିୟା' ଏବଂ 'ଉରି-ସର୍ଜିକାଲ ଷ୍ଟ୍ରାଇକ୍' ଆଦି ଫିଲ୍ମ ତାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଥିଲା।

# କୁମିନ୍ସଙ୍କୁ ୫, ଇଂଲଣ୍ଡ ୧୪୭ରେ ଅଲ୍‌ଆଉଟ

ବ୍ରିସ୍‌ବେନ୍,୮।୧୨

ଇଂଲଣ୍ଡ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଆଶେସ ସିରିଜ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଗାବା ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସିରିଜର ପ୍ରଥମ ଟେଷ୍ଟରେ ଘରୋଇ ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି।

**ପ୍ରଥମ ଆଶେସ ଟେଷ୍ଟ**



୫ ଉଇକେଟ ସଫଳତା ହାସଲ ପରେ ପ୍ୟାଟ୍ କୁମିନ୍ସ।

ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ରୁଟ୍ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ସିରିଜର ପ୍ରଥମ ବଲ୍‌ରେ ଓପନର ରୋରି ବର୍ନ୍ସ ଆଉଟ ହୋଇଥିଲେ। ବ୍ୟାଟିଂ ନିଷ୍ପତ୍ତି ଇଂଲଣ୍ଡ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଇଂଲଣ୍ଡ ପ୍ରଥମ ଦିନରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ଇନିଂସରେ ୫୦.୧ ଓଭରରେ ୧୪୭ ରନକରି ଅଲ୍‌ଆଉଟ ହୋଇଛି। ଅଷ୍ଟ୍ରେଲୀୟ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ। ପ୍ୟାଟ୍ କୁମିନ୍ସ ଅନ୍ତିମ ୩ଟି ଉଇକେଟ ନେବା ସହ ମୋଟ୍ ୫ ଉଇକେଟ ସଫଳତା ପାଇଛନ୍ତି। ଏଥିସହ ସେ ଏକାଧିକ ରେକର୍ଡ ହାସଲ କରିଛନ୍ତି। ଇଂଲଣ୍ଡ ଅଲ୍‌ଆଉଟ ହେବା ପରେ ଗାବାରେ ପ୍ରବଳ ବର୍ଷା, ଘଡଘଡି ହୋଇଥିଲା। ଖରାପ ଆଲୋକ କାରଣରୁ ଏହାପରେ ଖେଳ ସମ୍ଭବ ହୋଇ ନ ଥିଲା।

ମ୍ୟାଚ୍ ଆରମ୍ଭରୁ ଇଂଲଣ୍ଡ ଝଟକା ଖାଇଥିଲା। ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଓପନର ବର୍ନ୍ସ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଦାଉିଦ ମଲନ ୬ ରନ କରିଥିବା ବେଳେ ଜୋଶ ହାଜେଲଉଡଙ୍କ ବଲ୍‌ରେ ଉଇକେଟ କିପର ଆଲେକ୍ସ କାରେଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଜୋ ରୁଟ୍ ୯ଟି ବଲ୍ ଖେଳିଥିଲେ ମଧ୍ୟ ଖାତା ଖୋଲିବା ପୂର୍ବରୁ ପ୍ରଥମ ସ୍ଲିପ୍‌ରେ ଡେଭିଡ୍ ୱାର୍ନରଙ୍କୁ କ୍ୟାଚ ଦେଇ ହାଜେଲଉଡ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ୫ ରନ କରିଥିବା ବେଳେ ତୃତୀୟ ସ୍ଲିପ୍‌ରେ ମାର୍ନସ ଲାବୁସେନଙ୍କୁ କ୍ୟାଚ୍ ଦେଇ କୁମିନ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ ଓ ୨୯ ରନରେ ଇଂଲଣ୍ଡ ୪ ଉଇକେଟ ହରାଇଥିଲା। ଚତୁର୍ଥ ଉଇକେଟରେ ହାସିମ ହମିଦ ଓ ଓଲି ପୋପ୍ ୩୧ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ତେବେ ହମିଦ୍ କୁମିନ୍ସଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଷ୍ଟିଭ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଷଷ୍ଠ ଉଇକେଟରେ ପୋପ୍ ଓ ଉଇକେଟକିପର ବ୍ୟାଟର ଜୋଶ ବଟଲର ୮୩ଟି ବଲର ସମ୍ମୁଖୀନ ହୋଇ ୫୨ ରନକରି ସ୍ଥିତି ସମ୍ଭାଳିଥିଲେ। ତେବେ ବଟଲର ୩୯ ରନକରି ଷ୍ଟାର୍କଙ୍କ ବଲ୍‌ରେ କାରେଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ ୫୦.୧ ଓଭରରେ ୧୪୭ ଅଲଆଉଟ (ବଟଲର- ୩୯, ପୋପ- ୩୫, ହମିଦ- ୨୫, ୱକ୍ସ- ୨୧, କୁମିନ୍ସ- ୫/୩୮, ଷ୍ଟାର୍କ- ୨/୩୫, ହାଜେଲଉଡ- ୨/ ୪୨, ଗ୍ରୀନ- ୧/୬)।

## ପ୍ରଥମ ଦିନରେ ରେକର୍ଡ

ଆଶେସର ପ୍ରଥମ ଦିନରେ ଏକାଧିକ ରେକର୍ଡ ଦେଖିବାକୁ ମିଳିଛି। ୧୯୩୬ ପରେ ଆଶେସ ସିରିଜରେ ପ୍ରଥମ ଥର ପାଇଁ ପ୍ରଥମ ବଲ୍‌ରେ କୌଣସି ଉଇକେଟର ପତନ ହୋଇଛି। ବୁଧବାର ପ୍ରଥମ ବଲ୍‌ରେ ଇଂଲଣ୍ଡ ଓପନର ରୋରି ବର୍ନ୍ସ ମିଚେଲ ଷ୍ଟାର୍କଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୧୯୩୬ରେ ପ୍ରଥମ ବଲ୍‌ରେ ଇଂଲଣ୍ଡ ଉଇକେଟ ହରାଇଥିଲା। ତେବେ ପରେ ପ୍ରତ୍ୟାବର୍ତ୍ତନ କରି ଇଂଲଣ୍ଡ ବିଜୟୀ ହୋଇଥିଲା। ପୁଣି ୨୦୧୦-୧୧ ପରେ ଅଷ୍ଟ୍ରେଲିଆ ନିଜ ମାଟିରେ କୌଣସି ଆଶେସରେ ବିଜୟୀ ହୋଇନାହିଁ। ୧୯୮୬ ପରେ ଗାବାରେ ଅଷ୍ଟ୍ରେଲିଆ କୌଣସି ଟେଷ୍ଟରେ ବିଜୟୀ ହୋଇନାହିଁ। ତେବେ ଏଥର ଅଷ୍ଟ୍ରେଲିଆ ସୁଯୋଗ ପାଇଛି।

**ଏଲିଟ୍ କ୍ଲବରେ କୁମିନ୍ସ**

ପ୍ରଥମ ଦିବସରେ ୫ ଉଇକେଟ ହାସଲ କରି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର କୁମିନ୍ସ ଏଲିଟ୍ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆର ପ୍ରଥମ ଅଧିନାୟକ ତଥା ଦ୍ରୁତ ବୋଲର ଭାବେ ସେ ପ୍ରଥମ ମ୍ୟାଚ୍‌ରେ ୫ ଉଇକେଟ ନେଇ ବିରଳ ସଫଳତା ପାଇଛନ୍ତି। ତେବେ ସେ ଅଷ୍ଟ୍ରେଲିଆର ଦ୍ୱିତୀୟ ଅଧିନାୟକ ତଥା ବୋଲର ଭାବେ ଡେବ୍ୟୁ ଟେଷ୍ଟରେ ୫ ଉଇକେଟ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ୧୮୯୪ରେ ଅର୍ଥାତ ୧୨୭ ବର୍ଷ ତଳେ ଇଂଲଣ୍ଡ ବିପକ୍ଷରେ ମେଲବୋର୍ନରେ ଜର୍ଜ ଗିଫେନ ପ୍ରଥମ ଅଧିନାୟକ ତଥା ବୋଲର ଭାବେ ୧୫୫ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ। ସେ ସ୍ପିନର ଥିଲେ। ତେବେ ଦ୍ରୁତ ବୋଲର ତଥା ଅଧିନାୟକ ଭାବେ କୁମିନ୍ସଙ୍କ ପୂର୍ବରୁ ପାକିସ୍ତାନର ୱାକର ୟୁନିସ ଏହି ସଫଳତା ପାଇଛନ୍ତି। ୱାକର ୧୯୯୩ରେ ଜିମ୍ବାୱେ ବିପକ୍ଷରେ ୯୧ ରନ ଦେଇ ୫ ଉଇକେଟ ପାଇଥିଲେ। ତେବେ ମୋଟ ଉପରେ ସ୍ପିନର ଓ ପେସର ଦୃଷ୍ଟିରେ ଦେଖିବାକୁ ଗଲେ ଆଫଗାନିସ୍ତାନର ରସିଦ ଖାଁ ମଧ୍ୟ ଏହି ସଫଳତା ପାଇଛନ୍ତି। ୨୦୧୯ରେ ଅଧିନାୟକ ରସିଦ ଚଟ୍ଟୋଗାଁଓ ଟେଷ୍ଟରେ ବାଂଲାଦେଶ ବିପକ୍ଷରେ ୫୫ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ୫ ଉଇକେଟ ନେଇଥିବା ବୋଲର ଓ ଅଧିନାୟକଙ୍କ କ୍ଲବରେ ସାମିଲ ହୋଇଛନ୍ତି କୁମିନ୍ସ। ଏହି କ୍ଲବରେ ଭାରତର ଅନିଲ କୁମ୍ବଲେ, ୱେଷ୍ଟଇଣ୍ଡିଜର କର୍ଟନୀ ୱାଲ୍ସ, ନ୍ୟୁଜିଲାଣ୍ଡର ଡାନିଏଲ ଭିଟୋରୀ, ଇଂଲଣ୍ଡର ଜୋ ରୁଟ୍ ମଧ୍ୟ ଏହି ସଫଳତା ପାଇଛନ୍ତି।

# ଡାକାର ୨୦୨୨ରେ ଭାଗ ନେବେ ହାରିଥ୍ ନୋହା

ବେଙ୍ଗାଲୁରୁ, ୮।୧୨)



ହାରିଥ୍ ନୋହା

ଡାକାର ୨୦୨୨ରେ ଟିଭିଏସ୍ ରେସିଂ ଟିମ୍‌ର ହାରିଥ୍ ନୋହା ଭାରତରୁ ପ୍ରତିନିଧିତ୍ୱ କରିବେ। ଏହି ଇଭେଣ୍ଟ ଜାନୁୟାରୀ ୧ରୁ ୧୪ ସୌଦି ଆରବରେ ଅନୁଷ୍ଠିତ ହେବ। ସ୍ପେନ୍‌ରେ ଶେର୍‌କୋ ଷ୍ଟାର ମାଇକେଲ ମେଟ୍‌ଗେଙ୍କ ସହ ଫ୍ରାନ୍ସରେ ଟ୍ରେନିଂ ନେବାପରେ ନ୍ୟାଭିଗେଶନ କୌଶଳ ହାସଲ କରିବା ଲାଗି ନୋହା ବର୍ତ୍ତମାନ ସ୍ପେନରେ ଟ୍ରେନିଂ ନେଉଛନ୍ତି। ଇଭେଣ୍ଟର ଏକ ସପ୍ତାହ ପୂର୍ବରୁ ସେ ଜେଦାହ ଅଭିମୁଖେ ଯାତ୍ରା କରିବେ। ନୋହା ୨୦୨୦ରେ ଏକ୍ସପେରିଏନ୍ସ କ୍ଲାସ୍‌ରେ ପ୍ରଥମ ଥର ଡାକାର ରେସ୍ ଶେଷ କରିଥିଲେ। ଏହି ସମ୍ମାନଜନକ ରାଲିରେ ଅଂଶଗ୍ରହଣ କରିବାରେ ସିଏସ୍ ସନ୍ତୋଷ, ଆଶିଷ ରୋରାନେ ଓ କେପି ଅରବିନ୍ଦଙ୍କ ପରେ ଚତୁର୍ଥ ଭାରତୀୟ। ୨୦୨୧ରେ ସେ ଚମକପ୍ରଦ ପ୍ରଦର୍ଶନ କରି ପ୍ରଥମ ଟପ୍ -୨୦ରେ ସ୍ଥାନ ପାଇଥିଲେ।




# ଜାତୀୟ ସିନିୟର ପୁରୁଷ ହକି ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୮।୧୨(କ୍ରୀଡ଼ା ପ୍ରତିନିଧି)



ବୁଧବାର ପୁଣେ ଯାତ୍ରା ଅବସରରେ ଓଡ଼ିଶା ପୁରୁଷ ହକି ଦଳ।

ପୁଣେରେ ହେବାକୁଥିବା ୧୧ତମ ଜାତୀୟ ସିନିୟର ପୁରୁଷ ହକି ପ୍ରତିଯୋଗିତା ଲାଗି ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ହକି ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଦିଲୀପ ତିର୍କୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଟିମ୍ ଜର୍ସି ପ୍ରଦାନ କରିବା ସହିତ ଉତ୍ସାହିତ କରିଥିଲେ। ଓଡ଼ିଶା ଦଳ: ଜି.ତେଜେଶ୍ୱର ରାଓ (ଗୋଲକିପର), ଅଭିଷେକ ଲାକ୍ରା (ଅଧିନାୟକ), ସୁଶୀଲ ଧନୱାର, ସତୀଶ ଏକ୍କା, ଦୀପକ ଜନ୍‌କେର୍କେଟା, ଷ୍ଟାନ୍‌ଲି ଭିକ୍ଟର ମିଞ୍ଜ, ପ୍ରସାଦ କୁଜୁର, ଗ୍ରେଗୋରି ଖେସ୍, ମଗ୍ରୀ ଭେଙ୍ଗ୍ରା, ବିଜୁ ଏକ୍କା, ପ୍ରକାଶ ବାର୍ଲା, ଅଭିଜିତ ସ୍ୱାଇଁ, ରାହୁଲ ଏକ୍କା,ଅଜୟ କୁମାର ଏକ୍କା, ପାତ୍ରସ ତିର୍କୀ, ଆକାଶ କୁଜୁର, ସିବରେନ ଲାକ୍ରା, ଦିଲୀପ କୁମାର ସ'(ଗୋଲକିପର)। କୋଚ୍: କାଳୁ ଚୌଧୁରୀ, ମ୍ୟାନେଜର: ପାଉଲିନା ସୁରିନ, ଫିଜିଓ ସ୍ୱେତା ଆଟିଲି, ଟ୍ରେନର: ବସନ୍ତ ପ୍ରଧାନ।

## ପାକିସ୍ତାନର କ୍ଲିନ୍ ସୁଇପ

ମୀରପୁର,୮।୧୨: ବାଂଲାଦେଶ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରେ ପାକିସ୍ତାନ ଏକ ଇନିଂସ ଓ ୮ ରନରେ ବିଜୟ ହାସଲ କରିଛି। ଏଥିସହ ୨ ମ୍ୟାଚ ବିଶିଷ୍ଟ ସିରିଜରେ ପାକିସ୍ତାନ କ୍ଲିନ୍ ସୁଇପ୍ କରିଛି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୦/୪ (ଇନିଂସ ଘୋଷଣା)। ବାଂଲାଦେଶ ପ୍ରଥମ ଇନିଂସ- ୮୭ /ଅଲଆଉଟ। ଫଲୋଅନ ପରେ ବାଂଲାଦେଶ ଦ୍ୱିତୀୟ ଇନିଂସ: ୨୦୫/ଅଲଆଉଟ (ଶକିବ- ୬୩, ମୁସ୍‌ଫିକର- ୪୮, ଲିଟନ- ୪୫, ସାଜିଦ- ୪/୮୬, ଶାହିନ- ୨/୩୧)।

# ଓଡ଼ିଶାର ଝିଲ୍ଲୀଙ୍କୁ ରୌପ୍ୟ

ତାସକେଣ୍ଟ, ୮।୧୨ (ପି.ଟି.): ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଝିଲ୍ଲୀ ଦଳବେହେରା ମହିଳା ୪୯କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ଦଳବେହେରା ମୋଟ ୧୬୭କେଜି ଉତ୍ତୋଳନ କରି ନାଇଜେରିଆର ପିଟର ଷ୍ଟେଲା କିଙ୍ଗ୍ସଲିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। କିଙ୍ଗ୍ସଲି ମୋଟ ୧୬୮କେଜି (୭୨+୯୬) ଉତ୍ତୋଳନ କରିଥିଲେ। ତାସ୍‌କେଣ୍ଟଠାରେ ଏକ ସଙ୍ଗରେ ବିଶ୍ୱ ଚାମ୍ପିୟନଶିପ୍ ମଧ୍ୟ ଅନୁଷ୍ଠିତ ହେଉଛି। ଅଲିମ୍ପିକ ରୌପ୍ୟ ବିଜୟିନୀ ମୀରାବାଇ ଚାନୁ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ସହ ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ଚାନୁଙ୍କ ଓଜନ କାଟେଗୋରିରେ ଝିଲ୍ଲୀ ଭାଗ ନେଇଥିଲେ। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ବର୍ମିଂହାମ୍‌ରେ ହେବାକୁଥିବା ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚନା କରାଯାଉଛି। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ପ୍ରତ୍ୟେକ କାଟେଗୋରିର ସ୍ୱର୍ଣ୍ଣ ବିଜେତା ୨୦୨୨ ସଂସ୍କରଣ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟମାନେ ରାଜ୍ୟଗୋଷ୍ଠୀ ର୍ୟାଙ୍କିଙ୍ଗ ଅନୁସାରେ ଯୋଗ୍ୟତା ଅର୍ଜନ କରିବେ।

# ଭାରତୀୟ ହକି ଖେଳାଳି ପଜିଟିଭ, କୋରିଆ ବିପକ୍ଷ ମ୍ୟାଚ୍ ବାତିଲ

ଡଙ୍ଘାଇ(ଦକ୍ଷିଣକୋରିଆ), ୮।୧୨ (ପି.ଟି.): ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଆସିଥିବା ଭାରତୀୟ ମହିଳା ହକି ଦଳର ଜଣେ ସଦସ୍ୟାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ୍ ଆସିଛି। ଏହି କାରଣରୁ ବୁଧବାର ଦଳର କୋରିଆ ବିପକ୍ଷ ମ୍ୟାଚକୁ ବାତିଲ କରିଦିଆଯାଇଛି। ଏସିଆନ ହକି ଫେଡେରେଶନ ତରଫରୁ ଟୁଇଟର ହ୍ୟାଣ୍ଡେଲରେ ଏକ ବିବୃତି ଜରିଆରେ ଏକଥା କୁହାଯାଇଛି। ନିୟମିତ ରୁଟିନ ଟେଷ୍ଟ ବେଳେ ଏହି କୋଭିଡ୍ ପଜିଟିଭ ମାମଲା ନଜରକୁ ଆସିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚଗୁଡ଼ିକ ଖେଳିବ କି ନା ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ଦଳ ଗୁରୁବାର ଚାଇନା ସହ ମୁକାବିଲା କରିବାର କାର୍ଯ୍ୟକ୍ରମ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୧୦ରୁ ଡେରାସରେ ବଣଭୋଜି

## ବଡ଼ ପିଣ୍ଡି ପାଇଁ ୫୦୦, ସାନ ୩୦୦

ବାରଙ୍ଗ,୮।୧୨(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ବଣଭୋଜି ପର୍ଯ୍ୟଟକମାନଙ୍କ ପାଇଁ ବେଶ ଆକର୍ଷିତ ଥିବା ଡେରାସରେ ବଣଭୋଜି ପାଇଁ ଅନୁମତି ମିଳିଛି। ଆସନ୍ତା ୧୦ତାରିଖରୁ ଡେରାସରେ ବଣଭୋଜିର ମଜା ଉଠାଇବେ ପର୍ଯ୍ୟଟକ। ଏଥିପାଇଁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ୧୨୫୧୪/୨୦୨୧ ମେମୋ ନଂ.ରେ ଏକ ନିର୍ଦ୍ଦେନାମା ଚନ୍ଦକା ଡିଏଫ୍‌ଓଙ୍କ ପାଖକୁ ଆସିଛି। ଏହି ଆଧାରରେ ଆସନ୍ତା ୧୦ତାରିଖରେ ଡେରାସ ଫାଟକ ପାର୍ଶ୍ୱରେ ରହିଥିବା ବଣଭୋଜି ସ୍ଥଳରେ ରହିଥିବା ୧୮ଟି ପିଣ୍ଡିରେ ପର୍ଯ୍ୟଟକମାନେ ବଣଭୋଜି କରିପାରିବେ। ବଡ଼ପିଣ୍ଡି ପାଇଁ ୫୦୦ ଓ ସାନପିଣ୍ଡି ପାଇଁ ୩୦୦ ଟଙ୍କା ଦେବାକୁ ପଡ଼ିବ। ସମସ୍ତ ପର୍ଯ୍ୟଟକ କୋଭିଡ୍ ଗାଇଡ୍‌ଲାଇନକୁ ଅନୁପାଳନକରି ବଣଭୋଜି କରିପାରିବେ। ଏଥିପାଇଁ ପର୍ଯ୍ୟଟକମାନେ ଅଫ୍‌ଲାଇନରେ ବଣଭୋଜି ପାଇଁ ଟିକେଟ କାଟିପାରିବେ। କିନ୍ତୁ ଏହାସହ ପ୍ରାକୃତିକ ମନୋରମ ଭରା ଜଙ୍ଗଲର ଦୃଶ୍ୟ ସହ ବିଶାଳ ଜଙ୍ଗଲ ମଝିରେ ଜଳଭଣ୍ଡାର ଡେରାସ ଡ୍ୟାମରୁ ବୁଲିବାର ମଜା ଉଠାଇବେ। ସେହିଭଳି ଭାବେ ଏଠାରେ ଥିବା ୮ଟି କଟେଜଗୁଡ଼ିକୁ ଅନ୍‌ଲାଇନରେ ବୁକିଂ କରିବାକୁ ପଡିବ। ବଡ଼ କଟେଜଗୁଡ଼ିକୁ ସାଢେ ୩ହଜାର ଓ ସାନ କଟେଜକୁ ଅଢେଇ ହଜାର ଟଙ୍କା ରଖାଯାଇଛି। ୨ବର୍ଷ ହେବ ବନ୍ଦ ରହିଥିବା ବଣଭୋଜିକୁ ଏବେ ଅନୁମତି ମିଳିଥିବାରୁ ପର୍ଯ୍ୟଟକମାନେ ବେଶ ଏହାର ମଜା ଉଠାଇପାରିବେ ବୋଲି ଆଶା ରଖିଛି ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷ।

# ପାହାଡ଼ ଭିତରେ ପ୍ରାଚୀନ ଗୁମ୍ଫା ଠାବ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଓଡ଼ିଶାରେ ଏବେ ବି ବହୁ ଐତିହାସିକ କୀର୍ତ୍ତିରାଜ ଲୁକ୍କାୟିତ ହୋଇ ରହିଛି। ସେଗୁଡ଼ିକୁ ଖୋଜିବା ସହ ଲୋକଲୋଚନ ତଥା ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଅନେକ ସଂସ୍ଥା ତଥା ଅନୁଷ୍ଠାନ ପ୍ରୟାସ ଜାରି ରଖିଛନ୍ତି। ତେବେ ଏଭଳି ଏକ ପ୍ରାଚୀନ ତଥା ଐତିହାସିକ ଗୁମ୍ଫାର ସନ୍ଧାନ କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ ଗୟଲବାଙ୍କ ଗ୍ରାମ ନିକଟ ପାହାଡ଼ରୁ ମିଳିଛି। ଏହି ଗୁମ୍ଫାରେ ଅନେକ କଳାକୃତି, ପଥରରେ ଖୋଦିତ ହୋଇଥିବା କିଛି ଚିତ୍ର ଓ ବିଭିନ୍ନ ସାଙ୍କେତିକ ଭାଷା ରହିଛି। ଏହାକି ପ୍ରାୟ ୨୦୦୦ ବର୍ଷ ପୂର୍ବରୁ ହୋଇଥିବାର ଅନୁମାନ କରାଯାଉଥିବା ନେଇ ସନ୍ଧାନ କରିଥିବା ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚର ହେରିଟେଜ(ଇନ୍‌ଟାକ୍) ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଇନ୍‌ଟାକର ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ, ସୁମନ ପ୍ରକାଶ ସ୍ୱାଇଁ ଓ ଶୁଭାଶିଷ ଦାଶଙ୍କୁ ନେଇ ଗଠିତ ୩ଜଣିଆ ଟିମ୍ ଗୁମ୍ଫାଟିର ପ୍ରାଥମିକ ସର୍ବେକ୍ଷଣ କରିଛନ୍ତି। ଏହି ଗୁମ୍ଫାଟିକୁ ସ୍ଥାନୀୟ ଅଧିବାସୀ 'ପାଣ୍ଡବ ବଖରା ୨' ବୋଲି କୁହନ୍ତି।

ଉକ୍ତ ସଂସ୍ଥା ପକ୍ଷରୁ ଚାଲିଥିବା 'ମହାନଦୀ ଭେଲି ହେରିଟେଜ ସାଇଟ୍ ଡକ୍ୟୁମେଣ୍ଟଶନ' ପ୍ରକଳ୍ପର ସର୍ବେକ୍ଷଣ ସମୟରେ ଏହି ଗୁମ୍ଫା, ଚିତ୍ର ଲୋକଲୋଚନକୁ ଆସିଛି। ଗୟଲବାଙ୍କଠାରୁ ଅନତିଦୂର ପାଥପୁର ଗ୍ରାମରେ ଅନୁରୂପ 'ପାଣ୍ଡବ ବଖରା ୧' ନାମରେ ଅନ୍ୟ ଗୋଟିଏ ଶିଳାଚିତ୍ର ପରିପୂର୍ଣ୍ଣ


ଇନ୍‌ଟାକ୍ ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ ଓ ଅନ୍ୟମାନେ ଗୁମ୍ଫାର ମାପଚୁପ କରୁଛନ୍ତି।

ଗୁମ୍ଫା ରହିଛି। ଏହି ପାହାଡ଼ର ପାଦଦେଶରେ ଏକ ଜଳାଶୟ ଥିବାବେଳେ ଅଳ୍ପ ଦୂରରେ ମହାନଦୀ ପ୍ରବାହିତ ହେଉଛି। ସ୍ଥାନୀୟ ଲୋକକଥା ଅନୁସାରେ ଏହି ୨ ପାହାଡ଼ର ଗୁମ୍ଫାଗୁଡ଼ିକ ମଧ୍ୟରେ ମହାଭାରତ ଯୁଗରେ ପାଣ୍ଡବମାନେ ଅଜ୍ଞାତବାସ ବିତାଇଥିଲେ। ଏ ସମ୍ପର୍କରେ ଇନ୍‌ଟାକ୍ ପ୍ରକଳ୍ପ ସହାୟକ ଦୀପକ ନାୟକଙ୍କ କହିବା ଅନୁଯାୟୀ, ହୁଏତ ଅନେକ ବର୍ଷ ପୂର୍ବେ ଏସ୍ଥାନରେ ଏକ ସଭ୍ୟତା ଗଢି ଉଠିଥିଲା ଓ ଗୁମ୍ଫାଟିକୁ ସେହି ଆଦିମ ଅଧିବାସୀମାନେ ଧାର୍ମିକ ଉପାସନାର ସ୍ଥାନ ଭାବେ ବ୍ୟବହାର କରୁଥିଲେ। ସେ ସମୟରେ ଲିପିତତ୍ତ୍ୱ ବା ମୂର୍ତ୍ତିକଳାର ବ୍ୟବହାର ଆରମ୍ଭ ହୋଇ ନ ଥିବାରୁ ଅଧିବାସୀମାନେ ନିଜ ସାମାଜିକ ଚାଲିଚଳଣର ସୂଚନା ଦେବାକୁ ଏପ୍ରକାର ସାଙ୍କେତିକ ଚିତ୍ର ଆଙ୍କିଥିବାର ଅନୁମାନ କରାଯାଉଛି। ଗୁମ୍ଫାଟିରେ ଦେଖାଯାଉଥିବା



■୨୦୦୦ ବର୍ଷ ପୂର୍ବର ସାଙ୍କେତିକ ଭାଷା, ଚିତ୍ର ରହିଛି
■ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେଉ

ଅନେକ ଚିତ୍ର ମଧ୍ୟରୁ ମହୁଫେଣା, ମାଛ, ଫୁଲ, ତ୍ରିଭୁଜ ଓ ଚତୁର୍ଭୁଜ ପରି ଜ୍ୟାମିତିକ ସଂକେତ ଉଲ୍ଲେଖଯୋଗ୍ୟ। ଗୁମ୍ଫାଟି ଭୂପୃଷ୍ଠଠାରୁ ପ୍ରାୟ ୫୦୦ ଫୁଟ ଉପରେ ଅବସ୍ଥିତ। ଅତ୍ୟନ୍ତ ଦୁର୍ଗମ, ବଣଲତା ପରିପୂର୍ଣ୍ଣ ରାସ୍ତାଦେଇ ଗୁମ୍ଫାଟିକୁ ଯିବାକୁ ହୁଏ। ସେହିଭଳି ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର କହିଛନ୍ତି, ଏ ପ୍ରକାର ଶିଳାଚିତ୍ର ମଧ୍ୟପ୍ରଦେଶର ପ୍ରସିଦ୍ଧ ଭୀମବେଟକା ଓ ରାଜ୍ୟର ବିକ୍ରମଖୋଲ, ଉଷାକୋଠି ପରି ସ୍ଥାନରେ ଦେଖିବାକୁ ମିଳେ। ପରିତାପର ବିଷୟ ରାଜଧାନୀ ଭୁବନେଶ୍ୱରର ଏତେ ନିକଟରେ ଏପରି ବିରଳ ପୁରାତନ ଐତିହ୍ୟ ଥାଇ ସୁଦ୍ଧା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସଂରକ୍ଷଣ ପାଇଁ କୋଣସି ପଦକ୍ଷେପ ନେଇନାହିଁ। ଗୁମ୍ଫାର ପୁରାତନ ଚିତ୍ର ସବୁ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟହେବାକୁ ବସିଲାଣି। ତୁରନ୍ତ ଏହାକୁ ସଂରକ୍ଷିତ ଐତିହ୍ୟ ସ୍ଥଳୀର ମାନ୍ୟତା ଦେବାକୁ ଧୀର ଗୁରୁତ୍ୱାରୋପ କରିଛନ୍ତି।

# ସାଇବର ଠକ ଠକିନେଲେ ୮୭ ହଜାର

■ଅନ୍‌ଲାଇନରେ ଜୋତା ମଗାଇବା ମହଙ୍ଗା ପଡ଼ିଲା
■ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍

ଖୋର୍ଦ୍ଧା ଅଫିସ,୮।୧୨

ରାଜ୍ୟରେ ସାଇବର କ୍ରାଇମ ବୃଦ୍ଧି ପାଉଛି। ସାଇବର ଠକମାନେ ବିଭିନ୍ନ ଉପାୟରେ କୋଟି କୋଟି ଟଙ୍କା ଠକି ନେଉଛନ୍ତି। କେବଳ ସାଧାରଣ ଜନତା ନୁହେଁ, ଉଚ୍ଚଶିକ୍ଷିତ ଯୁବ ବର୍ଗ ମଧ୍ୟ ଏହାର ଶିକାର ହେଉଛନ୍ତି। ନିକଟରେ ଏହିଭଳି ଏକ ସାଇବର କ୍ରାଇମର ଶିକାର ହୋଇଛନ୍ତି ଭୁବନେଶ୍ୱର ଝାରପଡ଼ା ନିବାସୀ ଶୁଭମ ତ୍ରିପାଠୀ। ତାଙ୍କର ଏଚ୍‌ଡିଏଫସି ବ୍ୟାଙ୍କ ଓ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ଏକ ସମୟରେ ୮୭ହଜାର ଟଙ୍କା ଗାୟବ ହୋଇଯାଇଛି। ଏ ନେଇ ସେ ଡିସିପି ଅଫିସସ୍ଥିତ ସାଇବର ଥାନା ଓ ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ତେବେ ଘଟଣା ଘଟିବାର ମାତ୍ର ଅଧଘଣ୍ଟା ମଧ୍ୟରେ ଶୁଭମ ବ୍ୟାଙ୍କ ଓ ସାଇବର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ସାଇବର ଠକ ଜଣକ ୟୁକୋବ୍ୟାଙ୍କ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନରେ ଟଙ୍କା ଉଠାଇ ଯଥାକ୍ରମେ ଫ୍ଲିପକାର୍ଟ ଓ ଆମାଜନରେ ବୁକିଂ କରିଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ, ଶୁଭମ ଗତ ସପ୍ତାହରେ ପୁମା ୱେବସାଇଟରୁ ଏକ ଜୋତା ଅନଲାଇନରେ ବୁକିଂ କରିଥିଲେ। ଗତ ୬ତାରିଖ ଅପରାହ୍ଣ ୪ଟାରେ ତାଙ୍କ ମୋବାଇଲ ଫୋନ୍‌କୁ ଜଣେ ଯୁବକ ମୋବାଇଲ ନମ୍ବର -୦୮୨୪୦୭୦୨୪୩୭ରୁ ଫୋନ୍ କରି ନିଜକୁ ଡେଲିଭରି ବଏ ପରିଚୟ ଦେଇ ହିନ୍ଦୀରେ କହିଥିଲେ, ଶୁଭମଙ୍କ ଲୋକେଶନ ଓ ଅନ୍ୟାନ୍ୟ ସୂଚନା ପୁମା ୱେବସାଇଟରେ ଉପଲବ୍ଧ ହେଉନାହିଁ। ତେଣୁ ଜୋତା ଡେଲିଭରି ହୋଇପାରୁନାହିଁ। ଶୁଭମଙ୍କ ମୋବାଇଲକୁ ପଠାଯାଇଥିବା ମେସେଜକୁ ଫରୱାର୍ଡ କରିବା ପାଇଁ ସେ ଅନୁରୋଧ କରିଥିଲେ ଓ ଗୋଟିଏ ମୋବାଇଲ ନମ୍ବର ଦେଇଥିଲେ। ତୁରନ୍ତ ଜୋତା ମିଳିବା ଆଶାରେ ଶୁଭମ ସେଇ ମେସେଜକୁ ଫରୱାର୍ଡ କରିଦେଇଥିଲେ। ଏହାର ମାତ୍ର ୧୦ ମିନିଟ ଭିତରେ ତାଙ୍କର ଏଚ୍‌ଡିଏଫସି ବ୍ୟାଙ୍କ ଓ ପରେ ପରେ ୟୁକୋ ବ୍ୟାଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା ଉଠାଣ ହୋଇଯାଇଥିଲା। ସେ ତୁରନ୍ତ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଯାଇ ଆକାଉଣ୍ଟ ବ୍ଲକ କରିଦେଇଥିଲେ।

ସୂଚନାଯୋଗ୍ୟ, ସରକାର କ୍ୟାଶଲେସ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଉଛନ୍ତି। ଜନସାଧାରଣ ଦୋକାନ ବଜାରକୁ ନ ଯାଇ ଘରେ ବସି ଅନଲାଇନରେ କିଣାବିକା କରୁଛନ୍ତି। ଅନଲାଇନରେ ଟଙ୍କା ଆଦାନ ପ୍ରଦାନ ହେଉଛି। ଏହାର ସୁଯୋଗ ନେଉଛନ୍ତି ସାଇବର ଅପରାଧୀ। ସେମାନଙ୍କ ଚକ୍ରବ୍ୟୁହରୁ ମୁକୁଳି ନ ପାରିଲେ ସର୍ବସ୍ୱାନ୍ତ ହେବାକୁ ପଡୁଛି। କ୍ୟାଶଲେସ ପଦ୍ଧତିରେ ସତର୍କତା ଅବଲମ୍ବନ ଜରୁରୀ ବୋଲି ସାଇବର ଏକ୍ସପର୍ଟ ମତ ଦେଇଛନ୍ତି।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ଇ-ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ବିଜ୍ଞପ୍ତି ନଂ.: ଡବ୍ଲ୍ୟୁଆର୍‌ଏସ୍-ଆର୍-ଓଟି-୧୭-୨୧-୨୨ । ତାରିଖ: ୦୩।୧୨।୨୦୨୧। **କାର୍ଯ୍ୟର ନାମ:** ''ଡିଷ୍ଟ୍ରିବ୍ୟୁଟର୍ ଭାଲ୍‌ଭର ଡିସ୍‌ମାଣ୍ଟଲିଂ ଏବଂ କ୍ଲିନିଂ ତଥା ଅଟୋମ୍ୟାଟିକ୍ ପ୍ରେସର୍ ମୋଡିଫିକେଶନ୍ (ଏପିଏମ୍) ଡବ୍ଲ୍ୟୁଆର୍‌ଏସ୍/ଆର୍‌ର ଷ୍ଟ୍ରିପିଂ ଓ ଫିଟିଂ । **ଆନୁମାନିକ ଟେଣ୍ଡର ମୂଲ୍ୟ:** ଟ.୩୬,୯୯,୬୭୨/- (ଛତିଶ ଲକ୍ଷ ଅନେଶତ ହଜାର ଛଅଶହ ବାସ୍ତରି ଟଙ୍କା ମାତ୍ର), ଜିଏସ୍‌ଟି ସମେତ । **ପରିମାଣ ଏବଂ ଠିକା ଅବଧି:** ସଂଲଗ୍ନ ଆନେକ୍ସର ଅନୁଯାୟୀ, ୨୪ (ଚବିଶ) ମାସ ଅବଧି ପାଇଁ । **ଅମାନତ ରାଶି (ଟ.):** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ (ଟ.):** ଶୂନ୍ୟ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୦୪।୦୧।୨୦୨୨ରିଖ ୧୫.୦୦ ଘଟିକା । **ବିଡିଂ ଆରମ୍ଭ ତାରିଖ:** ତା୨୧।୧୨।୨୦୨୧ରିଖ । **ଯୋଗ୍ୟତା ମାନଦଣ୍ଡ:** ୱେବ୍‌ସାଇଟ୍‌ରେ ଦେଖିହେବ । ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ।

ଡେପୁଟି ସିଏମ୍‌ଇ/ଡବ୍ଲ୍ୟୁଆର୍‌ଏସ୍/ରାୟପୁର
PR/R/WRS/AP/110
South East Central Railway @secrail

## ଦ. ପୂ. ରେଳପଥ ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୧-୨୨-୨୮, ତାରିଖ: ୦୭।୧୨।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜିଜି/ଚକ୍ରଧରପୁର, ଖୋଲା ଟେଣ୍ଡର ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୦୧ ବର୍ଷ ଅବଧି ପାଇଁ ଏଡିଇଏନ୍/ଆରଓୟୁଙ୍କ କ୍ଷେତ୍ରାଧିକାର ଅଧୀନରେ ବିଏନ୍‌ଡିଏମ୍‌ଠାରେ ଜଳ ଉପଚାର ପ୍ଲାଣ୍ଟ ଓ ଜୋବାଘାଟ ଇନ୍‌ଟେକ୍ ୱେଲ୍‌ର ରକ୍ଷଣାବେକ୍ଷଣ । (୩ୟ କଲ୍) । **ଟେଣ୍ଡର ମୂଲ୍ୟ:** ₹୨୪,୯୯,୮୪୯.୮୯ । **ଇଏମ୍‌ଡି:** ₹0.00 । **ଟେଣ୍ଡର ଫର୍ମ ମୂଲ୍ୟ:** ₹0.00 । **ଖୋଲାଯିବା ତାରିଖ:** ୦୪।୦୧।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । PR-464


# କୁଶପଲ୍ଲୀ ନୁରାନୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ବେଗୁନିଆ,୮।୧୨(ଡି.ଏନ୍.ଏ.)

**ଗେଡ଼ିଆପଲ୍ଲୀ କ୍ରିକେଟ କ୍ଲବ ବିଜୟୀ**

ବେଗୁନିଆ ବ୍ଲକ କୁଶପଲ୍ଲୀ ଖେଳପଡ଼ିଆରେ ବୁଧବାର ନୁରାନୀ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଗେଡ଼ିଆପଲ୍ଲି କ୍ରିକେଟ କ୍ଲବ ୨ଟି ଦଳ ଯଥା ନଣ୍ଡାହତାପଲ୍ଲି ଓ ପତନିବରକୁ ଭେଟିଥିଲା। ପ୍ରଥମେ ଗେଡିଆପଲ୍ଲୀ ଓ ନଣ୍ଡାହତାପଲ୍ଲୀ ମଧ୍ୟରେ ୧୬ ଓଭର ମ୍ୟାଚ ହୋଇଥିଲା। ଗେଡିଆପଲ୍ଲୀ ଦଳ ୧୬ ଓଭରରେ ୧୩୧ ରନ କରିଥିଲା। ଜବାବରେ ନଣ୍ଡାହତାପଲ୍ଲି ଦଳ ୧୨.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୧ ରନ କରି ପରାଜୟ ହୋଇଥିଲା। ସେହିପରି ଅନ୍ୟ ଏକ ୧୨ ଓଭର ବିଶିଷ୍ଟ ମ୍ୟାଚଟି ପତନିବର କ୍ରିକେଟ କ୍ଲବ ଓ ଗେଡିଆପଲ୍ଲୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗେଡିଆପଲ୍ଲୀ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପତନିବର ଦଳ ବ୍ୟାଟିଂ କରି ୧୧.୫ ଓଭର ବେଳକୁ ସମସ୍ତ ଉଇକେଟ ହରାଇ ୫୧ ରନ କରିଥିଲ। ଜବାବରେ ଗେଡିଆପଲ୍ଲି ଦଳ ୮.୧ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଉଭୟ ମ୍ୟାଚକୁ ପରିଚାଳନା କରିଥିଲେ ଏସ.କେ. ଜମାଲ ଏବଂ ବିନୋଦ ସେନାପତି। ପୁରସ୍କାର ବିତରଣ ଉତ୍ସବରେ ଅଞ୍ଜର ଖାନ୍ ଏବଂ ମିହିର ମହାପାତ୍ର ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ଖେଳାଳି ରାଜେଶ ସ୍ୱାଇଁଙ୍କୁ ପୁରସ୍କୃତ କରିଥିଲେ।

# ୫୦ ସେକେଣ୍ଡରେ ପ୍ରସ୍ତୁତ ବିଶ୍ୱ ଶାନ୍ତି ଆନ୍ଥେମ୍

## ନିର୍ଦ୍ଦେଶନା ଦେଇଛନ୍ତି ଓଡ଼ିଆ ପୁଅ ରାଜକିଶୋର ଗୋଚ୍ଛାୟତ

ଭୁବନେଶ୍ୱର,୮।୧୨(ବ୍ୟୁରୋ)

ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଚ୍ଛାୟତ ବିଶ୍ୱର ଶାନ୍ତି ପ୍ରତିଷ୍ଠା ନିମନ୍ତେ ବିଭିନ ଦେଶର ଯୁବ କଣ୍ଠଶିଳ୍ପୀଙ୍କୁ ନେଇ ଏକ ବିଶ୍ୱ ଶାନ୍ତି ସଙ୍ଗୀତ(ୱାର୍ଲ୍ଡ ପିସ୍ ଆନ୍ଥେମ) 'ୱି ଆର୍ ଦ ଡେନିଜେନ୍ସ ଅଫ୍ ଆୱାର୍ ଆର୍ଥ' ନିର୍ମାଣ କରିଛନ୍ତି। ସେ ଭୁବନେଶ୍ୱର କଳିଙ୍ଗନଗର ଡିଏଭି ପବ୍ଲିକ ସ୍କୁଲ୍‌ରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ବିଶ୍ୱରୁ ହିଂସା, ଦ୍ୱେଷ ଓ ଯୁଦ୍ଧଖୋର ନିଶା ପ୍ରତିଯୋଗିତାକୁ ଦମନ କରି, ବିଶ୍ୱରେ ସୁଖ, ଶାନ୍ତି, ମୈତ୍ରୀ, ପ୍ରୀତି ଓ ଭାଇଚାରା ସୃଷ୍ଟି କରିବା ଏହି ଗୀତର ମୂଳ ଲକ୍ଷ୍ୟ। ଏଥିସହିତ ବିଶ୍ୱ ଶିଶୁ ସମାଜରେ ନୈତିକ ଶିକ୍ଷା ସହିତ ଆଧ୍ୟାତ୍ମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆଜିର ପରିସ୍ଥିତିରେ ବିଶ୍ୱକୁ ଏକ ଆହ୍ୱାନ। ସନ୍ଥ କବି ଭୀମଭୋଇଙ୍କ ରଚିତ କବିତା 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କିବା ସହୁ ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'। ଗୁଜରାଟୀ କବି ନରସିଂହ ମେହେଟାଙ୍କ କବିତା 'ବୈଷ୍ଣବ ଜନତୋ ତେନେ କହିୟେ ଯେ, ପିର ପରାୟ ଯାଣେରେ- ପର ଦୁଃଖେ ଉପକାର କର ତୋୟେ ମନେ ଅଭିମାନ ନ ଆଣେରେ' ଏଥି ସହିତ ବୈଦିକ ଦର୍ଶନ ଶାସ୍ତ୍ର ହିତୋପଦେଶରେ ବର୍ଣ୍ଣନା ହୋଇଥିବା 'ଅୟଂ ନିଜଃପରୋବେତି ଗଣନା ଲଘୁଚେତସାମ୍ ଉଦାର ଚରିତାନାମଂତୁ ବସୁଧୈବ କୁଟୁମ୍ବକମ୍'। ଏହି ତିନୋଟି ବିଷୟବସ୍ତୁ ଉପରେ ବିଶେଷ ଭାବେ ପ୍ରଭାବିତ ହୋଇ ରାଜକିଶୋର ବିଶ୍ୱ ସଙ୍ଗୀତ ନିର୍ମାଣର ଖୋରାକ ପାଇଥିଲେ। ୧୯୯୯ରେ ପ୍ରଥମେ ଏହାର ପରିକଳ୍ପନା କରିଥିଲେ । ଏହି ସଙ୍ଗୀତଟି ବିଶ୍ୱର ପ୍ରଥମ ବିଶ୍ୱ ସଙ୍ଗୀତ ବା ୱାର୍ଲ୍ଡ ଆନ୍ଥେମ୍ ହୋଇପାରେ ବୋଲି ସେ କହିଛନ୍ତି। ୫୦ସେକେଣ୍ଡ ସମୟ ସୀମା ବ୍ୟବଧାନରେ ନିର୍ମାଣ ହୋଇଥିବା ଏହି ସଙ୍ଗୀତର ପରିକଳ୍ପନା, ରଚନା, ସ୍ୱର ସଂଯୋଜନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଥିବାବେଳେ ଏହାର ପ୍ରୋଗ୍ରାମିଂ ଦାୟିତ୍ୱରେ ବିଭୁପ୍ରସାଦ ତ୍ରିପାଠୀ ଅଛନ୍ତି।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2021-13, ତା.06.12.2021ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ଡିଭିଜନର ବରଗଡ଼, କେସିଙ୍ଗା ଏବଂ କଣ୍ଟାବାଞ୍ଜୀ ଠାରେ ଇଣ୍ଟିଗ୍ରେଟେଡ୍ ଏମର୍ଜେନ୍ସି ରେସପନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଭିଡ଼ିଓ ସର୍ଭିଲାନ୍ସ ସିଷ୍ଟମ) ର ବ୍ୟବସ୍ଥା ।
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 79,41,621.30
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.28.12.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ ।

ମଣ୍ଡଳ ସଂକେତ ଏବଂ ଦୂରସଂଚାର ଇଂଜିନିୟର(ଦୂରସଂଚାର)/ସମ୍ବଲପୁର
PR-615/M/21-22

## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୧/୨୧/୨୪, ତାରିଖ: ୦୩।୧୨।୨୦୨୧

ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ, ବିଳାସପୁର ଡିଭିଜନ ନିମ୍ନଲିଖିତ ସାମଗ୍ରୀ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି:

| କ୍ର. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ଧାର୍ଯ୍ୟ ସମୟ | ଟେଣ୍ଡର ମୂଲ୍ୟ ₹ | ଇଏମ୍‌ଡି ₹ |
|---|---|---|---|---|---|
| ୧. | ୧୧୨୧୫୫୪୪ | ୩୧।୧୨।୨୦୨୧ | ୧୦.୩୦ | ୦୦ | ୦୦ |

**ବର୍ଣ୍ଣନା ୧:** ଆର୍‌ଡିଏସ୍‌ଓ ବିନିର୍ଦ୍ଦିଷ୍ଟତା: ଆର୍‌ଡିଏସ୍‌ଓ/ଏସ୍‌ପିଏନ୍/୧୯୯/୨୦୧୦ ଆର୍‌ଇଭି ୧.୧ ସମେତ ସର୍ବଶେଷ ସଂଶୋଧନ ଅନୁଯାୟୀ ବିଦ୍ୟମାନ ସିଏଲ୍‌ଏସ୍ ହାଉସିଂରେ ୧୧୦ଭି ଏସି ରେଟ୍ରୋଫିଟେବଲ୍ ତଥା ଏସି ଏଲ୍‌ଇଡି ଇସିଆର୍ ସହିତ କମ୍ପାଟିବଲ୍ ରେଡ୍, ୟେଲୋ ଏବଂ ଗ୍ରୀନ୍ ଆସ୍‌ପେକ୍ଟ ମେନ୍ ଏଲ୍‌ଇଡି ସିଗ୍‌ନାଲ ଯୋଗାଣ। ଟେଣ୍ଡରଦାତା ଦୟାକରି ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍: https://www.ireps.gov.in ପରିଦର୍ଶନ କରନ୍ତୁ । ଦ୍ରଷ୍ଟବ୍ୟ: ବିବାଦୀୟ ପରିସ୍ଥିତିରେ ଇଂରାଜୀ ଲେଖା ସଂସ୍କରଣକୁ ପ୍ରମାଣିତ ବିବେଚନା କରାଯିବ ।

CPR/10/269 ସିନିୟର ଡିଭିଜନାଲ ମ୍ୟାଟେରିଆଲ୍ସ ମ୍ୟାନେଜର/ବିଳାସପୁର
South East Central Railway @secrail

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରବି-୨୦୨୧-୨୨

ଫସଲକୁ ବୀମାଭୁକ୍ତ କରି ତା' ସହିତ ଜଡ଼ିତ ବିପଦ କାରଣରୁ ହୋଇଥିବା ହାନି ଘଟଣାର ଉପଯୁକ୍ତ କ୍ଷତିପୂରଣ ପାଆନ୍ତୁ ।
ବୀମାଭୁକ୍ତ ହେବା ପାଇଁ ପଞ୍ଜୀକରଣର ଶେଷ ତାରିଖ: ୧୫ ଡିସେମ୍ବର, ୨୦୨୧ ।

ଫସଲ ଅନୁଯାୟୀ ପ୍ରିମିୟମ

| ଫସଲ | ପ୍ରିମିୟମ (ହେକ୍ଟର ପ୍ରତି) | ଫସଲ | ପ୍ରିମିୟମ (ହେକ୍ଟର ପ୍ରତି) |
|---|---|---|---|
| ବିରି | ୫୮୫ ଟଙ୍କା | ପିଆଜ | ୧୫୪୦ ଟଙ୍କା |
| ମୁଗ | ୫୮୫ ଟଙ୍କା | ଆଳୁ | ୧୮୫୨ ଟଙ୍କା |
| ଚିନା ବାଦାମ | ୮୬୬ ଟଙ୍କା ୨୫ ପଇସା | | |

ବୀମାଭୁକ୍ତ ହେବାକୁ ଥିବା ଫସଲ:
ମୁଗ, ବିରି, ଆଳୁ : ସମସ୍ତ ୩ଟି ବ୍ଲକ (ବାରକୋଟ, ରିଆମାଳ, ତିଲେଇବଣୀ)
ଚିନାବାଦାମ, ପିଆଜ: ରିଆମାଳ ଓ ବାରକୋଟ ବ୍ଲକ
ସୌଜନ୍ୟ: ଜିଲା ମୁଖ୍ୟ କୃଷି ଅଧିକାରୀ, ଦେବଗଡ଼

## CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ADMISSION OPEN 2021-23**
Acharya Nagarjuna University
**B.Ed**
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

**କେମିତି ମଦ ଛାଡ଼ିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ୍, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡ଼ା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡ଼ା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


